


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୮ ଜୁନ୍ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 18 JUNE 2021

Vol.No. 32 ■ No. 152 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019




ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ମୁଖ୍ୟମନ୍ତ୍ରୀଙ୍କ ୧୬୯୦ କୋଟି ୪୬ ଲକ୍ଷ ଟଙ୍କାର କୋଭିଡ ସହାୟତା



ଭୁବନେଶ୍ୱର,୧୭/୦୬(ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟର ଆର୍ଥିକ ଓ ସାମାଜିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ପାଇଁ ୧୬୯୦ କୋଟି ୪୬ ଲକ୍ଷ ଟଙ୍କାର କୋଭିଡ ସହାୟତା ଘୋଷଣା କରିଛନ୍ତି । ଏହାଦ୍ୱାରା ଭୂମିହୀନ ଚାଷୀ, ନିର୍ମାଣ ଶ୍ରମିକ, ସହରାଞ୍ଚଳର ଗରିବ ଲୋକ, ଆଦିମ ଜନଜାତି, ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀ, ଏନ୍.ଆର.ଇ.ଜି.ଏ ଶ୍ରମିକ, ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ସମସ୍ତେ ଉପକୃତ ହେବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୋଭିଡ ମହାମାରୀ ଦ୍ୱାରା ସମାଜର ସବୁ ବର୍ଗର ଲୋକଙ୍କର ଆର୍ଥିକ ଅବସ୍ଥା ପ୍ରଭାବିତ ହୋଇଛି । କିନ୍ତୁ ସାମାଜିକ ତଥା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ଲୋକମାନେ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଛନ୍ତି । କୋଭିଡ ମହାମାରୀର ପ୍ରଥମ ଲହର ସମୟରେ ଗତବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ବିଭିନ୍ନ ସହାୟତା ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ କୋଭିଡ ମହାମାରୀର ପ୍ରତିକୂଳ ପ୍ରଭାବରୁ ବହୁ ପରିମାଣରେ ଆଶ୍ୱସ୍ତି ଦେଇଥିଲା ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ସେ ପୁଣି କହିଛନ୍ତି କୋଭିଡର ଦ୍ୱିତୀୟ ଲହର ଯୋଗୁ ରାଜ୍ୟର ବିଭିନ୍ନ ଅଂଚଳରେ ପର୍ଯ୍ୟାୟକ୍ରମେ ଗତ ଦୁଇ ମାସ ହେଲା ଲକ୍‌ଡାଉନ ଜାରି ରହିଛି । ଗରିବ ତଥା ଶ୍ରମିକ ଶ୍ରେଣୀର ଲୋକମାନଙ୍କ ଆର୍ଥିକ ସ୍ଥିତିକୁ ମଧ୍ୟ ଦୁର୍ବଳ କରିଛି । ଏହାକୁ ବିଚାର କରି ସେମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସହାୟତା ପ୍ୟାକେଜ ଘୋଷଣା କରାଯାଇଛି । ଏହି ପ୍ୟାକେଜ ଅନୁଯାୟୀ କାଳିଆ ଯୋଜନାର ହିତାଧିକାରୀ ରାଜ୍ୟର ୧୭ ଲକ୍ଷ ୮୩ ହଜାର ଭୂମିହୀନ ଚାଷୀ ପରିବାରଙ୍କୁ ପ୍ରତି ହିତାଧିକାରୀ ପିଛା ୧୦୦୦ ଟଙ୍କା ସ୍ୱତନ୍ତ୍ର ସହାୟତା ଦିଆଯିବ । କାଳିଆ ଯୋଜନାରେ ସବୁ ଭୂମିହୀନ ଚାଷୀ ପରିବାରକୁ ମଧ୍ୟ ୩ଟି କିସ୍ତିରେ ୨୦୭ କୋଟି ଟଙ୍କା ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ସେହିପରି କୋଭିଡ ଲକଡାଉନ ସମୟରେ ସହରାଂଚଳରେ ରହୁଥିବା ଗରିବ ଲୋକମାନଙ୍କୁ ରୋଜଗାର ଯୋଗାଇବା ପାଇଁ ରାଜ୍ୟ ସରକାର ମୁକ୍ତା ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏହି ଯୋଜନାରେ ରାଜ୍ୟର ୧୧୪ଟି ▶▶ପୃଷ୍ଠା ୭

## ମହାରାଷ୍ଟ୍ରରେ ୨-୪ ସପ୍ତାହ ମଧ୍ୟରେ ତୃତୀୟ ଲହର ଆଣିପାରେ ଡେଲଟା ପ୍ଲସ ଭାରିଆଣ୍ଟ



ମହାରାଷ୍ଟ୍ର,୧୭/୦୬: ମହାରାଷ୍ଟ୍ରରେ ଆଗାମୀ ଦୁଇ ରୁ ଚାରି ସପ୍ତାହ ମଧ୍ୟରେ କରୋନା ସଂକ୍ରମଣର ତୃତୀୟ ଲହର ଆସିପାରେ । ଏନେଇ କୋଭିଡ ପାଇଁ ପ୍ରସ୍ତୁତ କରାଯାଇଥିବା ଷ୍ଟେଟ୍ ଟାସ୍କ ଫୋର୍ସ ସତର୍କ କରାଇଛି । ଏହାହସ ଟାସ୍କ ଫୋର୍ସ କହିଛି ଯେ ତୃତୀୟ ଲହର ପିଲା ମାନଙ୍କ ଉପରେ ବିଶେଷ ପ୍ରଭାବ ପକାଇବ ନାହିଁ । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏଭଳି ଅନୁମାନ ଲଗାଯାଇଛି । ଟାସ୍କ ଫୋର୍ସ ସତର୍କ କରାଇଛି କି କରୋନାର ଡେଲଟା ପ୍ଲସ ଭାରିଆଣ୍ଟ ମହାରାଷ୍ଟ୍ର ପାଇଁ ବିପଦ ଆଣିପାରେ । ଏହାସହ ଦ୍ୱିତୀୟ ଲହର ତୁଳନାରେ ତୃତୀୟ ଲହରରେ ସଂକ୍ରମଣ ହାର ଦ୍ୱିଗୁଣା ହେବ ବୋଲି ଚେତାବନୀ ଦେଇଛି ଟାସ୍କ ଫୋର୍ସ । ରାଜ୍ୟରେ ଆକ୍ଟିଭ କେସ ୮ ଲକ୍ଷ ପର୍ଯ୍ୟନ୍ତ ପହଂଚିବା ସହ ୧୦ ପ୍ରତିଶତ ଶିଶୁ ଓ ଯୁବବର୍ଗଙ୍କୁ ଏହି ଭାରିଆଣ୍ଟ ସଂକ୍ରମିତ କରିପାରେ । ଟାସ୍କ ଫୋର୍ସର ସଦସ୍ୟ ଶଶାଂକ ଜୋଷି କୋଭିଡ ପ୍ରୋଟକଲ ଉପରେ ଜୋର ଦେଇ କହିଛନ୍ତି କି ମହାରାଷ୍ଟ୍ରକୁ ବ୍ରିଟେନ ଭଳି ସ୍ଥିତି ସାମ୍ନା କରିବାକୁ ପଡିପାରେ । ବ୍ରିଟେନରେ ଦ୍ୱିତୀୟ ଲହର ଥମିବାର ୪ ସପ୍ତାହ ମଧ୍ୟରେ ତୃତୀୟ ଲହର ଆସି ଯାଇଛି । ଏହି ଲହରରେ ନିମ୍ନ ଓ ମଧ୍ୟବିତ ଶ୍ରେଣୀର ଲୋକମାନେ ସର୍ବାଧିକ ପ୍ରଭାବିତ ହେବେ । ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ▶▶ପୃଷ୍ଠା ୭

## ୧୦୫ କୋଟି ଟଙ୍କାର ମୋ ସ୍କୁଲ୍ ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର,୧୭/୦୬(ନି.ପ୍ର): 'ମୋ ସ୍କୁଲ୍ ଅଭିଯାନ'ର ୨୫ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଗୁରୁବାର ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କୋଭିଡ୍ ପରିସ୍ଥିତିକୁ ଦୃଷ୍ଟିରେ ରଖି ଚଳିତ ମାସ ଭର୍ଚୁଆଲ୍ ମୋଡ୍‌ରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଓଡ଼ିଶାର ୨୩ଟି ଜିଲ୍ଲାର ମୋଟ ୧୦୫ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଗତ ୧ ମାସ ମଧ୍ୟରେ ୧୭ ହଜାରରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ମୋ ସ୍କୁଲ୍ ଅଭିଯାନ ସହ ଯୋଡ଼ି ହୋଇଥିବା ବେଳେ ସେମାନେ ନିଜ ନିଜ ବିଦ୍ୟାଳୟର ବିକାଶ ପାଇଁ ୫ କୋଟି ୨ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ବାଲେଶ୍ୱରରେ ସର୍ବାଧିକ ୨.୨୮ କୋଟି, ଭଦ୍ରକରେ ୩୫ ଲକ୍ଷ ୮୧ ହଜାର, ମୟୁରଭଞ୍ଜରେ ୨୫ ଲକ୍ଷ ୧ ହଜାର, ଜଗତସିଂହପୁରରେ ୨୫ ଲକ୍ଷ ଏବଂ ନୟାଗଡ଼ରେ ୨୧ ଲକ୍ଷ ୮୮ ହଜାର ଟଙ୍କା ପୁରାତନ ଛାତ୍ରଛାତ୍ରୀମାନେ ପ୍ରଦାନ କରିଛନ୍ତି । ▶▶ପୃଷ୍ଠା ୭

## ନୟାଗଡ ଶିଶୁକନ୍ୟା ହତ୍ୟା ଘଟଣାରେ ଏସପିଙ୍କ ପ୍ରତିକ୍ରିୟା

### କହିଲେ ଦୁଷ୍କର୍ମ ପରେ କରାଯାଇଛି ଶିଶୁ କନ୍ୟାକୁ ହତ୍ୟା

ନୟାଗଡ,୧୭/୦୬(ନି.ପ୍ର): ପରୀ ହତ୍ୟା ଘଟଣା ପରେ ପୁଣି ନୟାଗଡରେ ଶିଶୁକନ୍ୟା ମୃତ୍ୟୁ ଘଟଣା ଏବେ ଚର୍ଚ୍ଚାରେ ରହିଛି । ହେଲେ ଏହାରି ଭିତରେ ନୟାଗଡ ଏସପି ଏହି ଘଟଣାକୁ ନେଇ ନିଜର ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଦୁଷ୍କର୍ମ ଉଦ୍ଦେଶ୍ୟରେ ଶିଶୁକନ୍ୟାକୁ ହତ୍ୟା କରାଯାଇଛି । ଶିଶୁକନ୍ୟାକୁ ପ୍ରଥମେ ଦୁଷ୍କର୍ମ ଏବଂ ପରେ ରଶିରେ ତଣ୍ଟିଚିପି ହତ୍ୟା କରାଯାଇଛି ବୋଲି ସେ କହିଛନ୍ତି । ନୟାଗଡରୁ ପ୍ରାୟ ୧୨୦ କିଲୋମିଟର ଦୂର ବାଣିଗୋଛା ଥାନା ଅନ୍ତର୍ଗତ ନୂଆ ଗାଁ ପଂଚାୟତରେ କୁନି ଝିଅ ବେବି ଗାଁ ଦାଣ୍ଡରେ୍ ଖେଳୁଥିଲା । ହେଲେ ହଠାତ୍ ତାର ଆଉ କିଛି ପତା ମିଳିଲା ନାହିଁ । ବାପା ମାଆ ଖୋଜାଖୋଜି କରି ନପାଇବା ପରେ ଗତ ୧୩ ତାରିଖରେ୍ ଏଫଆଇଆର ଦେଇଥିଲେ । ଏହାପରେ ପୁଲିସ ଏକ ଟିମ ପଠାଇ ଗାଁରେ ଖୋଜାଖୋଜି କରିଥିଲା । ଗାଁର ଦୁଇ ଜଣ ପିଲାଙ୍କ ସହାୟତାରେ ପୁଲିସ ଗାଁ ମୁଣ୍ଡର ଏକ ନିଛାଟିଆ ଜାଗାରେ ବେବିର ମୃତଦେହ ପାଇଥିଲା ।

## ଅଭୟ ପାଠକଙ୍କୁ ହାଇକୋର୍ଟରୁ ମିଳିଲା ଜାମିନ



ଭୁବନେଶ୍ୱର,୧୭/୦୬(ନି.ପ୍ର): ଅଭୟ ପାଠକଙ୍କୁ ଜାମିନ । ଅଭୟ ପାଠକଙ୍କୁ ହାଇକୋର୍ଟରୁ ମିଳିଲା ଜାମିନ । ବୈଦ୍ୟନାଥପୁର ଥାନା ମାମଲାରେ ମିଳିଲା ଜାମିନ । ପୂର୍ବରୁ ୨ଟି ମାମଲାରେ ଅଭୟଙ୍କୁ ମିଳିସାରିଛି ଜାମିନ । ଆୟବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ଗିରଫ ହୋଇଥିଲେ ଆଇଏଫଏସ ଅଭୟ ପାଠକ । ଗତ ବର୍ଷ ନଭେମ୍ବର ୨୭ ତାରିଖରେ ବାପା-ପୁଅଙ୍କୁ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ କରାଯାଇଥିଲା । ଦୀର୍ଘ ଦିନର ବ୍ୟବଧାନ ପରେ ଆଜି ତାଙ୍କୁ ଜାମିନ ମିଳିଛି । ଆଏଫଏସ୍ ଅଫିସର ଅଭୟକାନ୍ତ ପାଠକଙ୍କ ଘରେ ଯାଞ୍ଚ ହୋଇ କୋଟି କୋଟି ଟଙ୍କାର ଆୟ ବହିର୍ଭୁତ ସମ୍ପତ୍ତି ଠାବ କରାଯାଇଥିଲା । ତାଙ୍କ ପୁଅ ମଧ୍ୟ ଚାକିରି ଦେବା ନାଁରେ ଅନେକ ଲୋକଙ୍କୁ ଠକି ଥିବା ନେଇ ଅଭିଯୋଗ ଆସିଥିଲା । ଯାହାପରେ ଦୁହିଁଙ୍କୁ ଗତ ନଭେମ୍ବର ୨୭ ତାରିଖରେ ଗିରଫ କରାଯାଇଥିଲା । ଏହାକୁ ନେଇ ରାଜନୀତି ମହଲରେ ମଧ୍ୟ ବେଶ ଚର୍ଚ୍ଚା ହୋଇଥିଲା । ପାଠକ ବାପା-ପୁଅଙ୍କ ସହ ସମ୍ପୃକ୍ତି ନେଇ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ବିଜେଡିରୁ ବହିଷ୍କୃତ ହେବା ସହିତ ଗିରଫ ହୋଇ ଜେଲରେ ଅଛନ୍ତି ।

## କମିଶନରେଟ୍ ପୋଲିସ୍ ପକ୍ଷରୁ ୨ଟି ଆପ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୧୭/୦୬(ନି.ପ୍ର): ଆପ୍ ରେ ମିଳିବ ଚୋରଙ୍କ ଡାଟା । ଏହାସହ ଚୋରି ସାମଗ୍ରୀ ସମ୍ପର୍କରେ ମଧ୍ୟରେ ତଥ୍ୟ ମିଳିବ । ଏଥିନେଇ କମିଶନରେଟ ପୋଲିସ ପକ୍ଷରୁ ଦୁଇଟି ଆପ ଲଂଚ କରାଯାଇଛି । ଗୁରୁବାର ଦିନ 'କୁଣ୍ଡଳୀ' ଓ 'ସନ୍ଧାନ' ନାମରେ ଦୁଇଟି ଆପର ଶୁଭାରମ୍ଭ କରିଛି ପୋଲିସ କମିଶନର । ସୂଚନା ଅନୁଯାୟୀ, 'କୁଣ୍ଡଳୀ' ଆପରେ ଅପରାଧୀର ଅପରାଧ ପଞ୍ଜିକା ରହିବ । 'ସନ୍ଧାନ' ଆପରେ ପ୍ରପଟି ଅଫେନ୍ସର ଡିଟେଲସ ରହିବ । ଚୋରଙ୍କ ସମ୍ପର୍କରେ ଜାଣିବାକୁ 'କୁଣ୍ଡଳି' ଓ ଚୋରା ସାମଗ୍ରୀ ସମ୍ପର୍କରେ ଜାଣିବାକୁ 'ସନ୍ଧାନ' ଆପ୍ ବ୍ୟବହାର କରିହେବ । ଭୁବନେଶ୍ୱର ଡିସିପି ଅଫିସରେ ଅପରେଟ ହେବ ଏହି ଆପ ।

## ବିନା ପରୀକ୍ଷାରେ ରେଜଲ୍ଟ ବାହାର କରିବା ପାଇଁ ବାହାରିଲା ସୂତ୍ର

## ୩୧ ଜୁଲାଇ ସୁଦ୍ଧା ବାହାରିବ ସିବିଏସଇ ଦ୍ୱାଦଶ ପରୀକ୍ଷା ଫଳ



ଭୁବନେଶ୍ୱର,୧୭/୦୬(ନି.ପ୍ର): ସିବିଏସଇ ଦ୍ୱାଦଶ ପରୀକ୍ଷା ଫଳ କିପରି ପ୍ରକାଶ ପାଇବ, ଏ ନେଇ ଯେଉଁ ଦ୍ୱନ୍ଦ୍ୱ ରହିଥିଲ, ତାହା ଦୂର ହୋଇଛି । ମୂଲ୍ୟାୟନ କିପରି କରାଯିବ, କେଉଁ ଆଧାରରେ ଛାତ୍ରଛାତ୍ରୀଙ୍କ ନମ୍ବର ଦିଆଯିବ, ସୁପ୍ରିମକୋର୍ଟଙ୍କୁ ଜଣାଇଛି ସିବିଏସଇ । ଜୁଲାଇ ୩୧ ତାରିଖରେ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି କୁହାଯାଇଛି । ଦଶମ, ଏକାଦଶ ଓ ଦ୍ୱାଦଶ ପ୍ରି-ବୋର୍ଡ ଆଧାରରେ ଦିଆଯିବ ନମ୍ବର, ଦଶମ ପରୀକ୍ଷା ଫଳକୁ ଦିଆଯିବ ୩୦ ପ୍ରତିଶତ ୱେଟେଜ୍, ଦଶମରେ ସର୍ବାଧିକ ନମ୍ବର ରଖିଥିବା ୩ଟି ବିଷୟ ହେବ ଆଧାର, ଏକାଦଶ ପରୀକ୍ଷା ଫଳ ୩୦ ପ୍ରତିଶତ ୱେଟେଜ୍, ଦ୍ୱାଦଶ ପ୍ରି-ବୋର୍ଡ ପରୀକ୍ଷା ୪୦ ପ୍ରତିଶତ ୱେଟେଜ୍, ଦ୍ୱାଦଶ ଶ୍ରେଣୀର ୟୁନିଟ, ଟର୍ମ ଓ ପ୍ରାକ୍ଟିକାଲ୍ ପରୀକ୍ଷା ହେବ ଆଧାର, ପ୍ରତ୍ୟେକ ସ୍କୁଲ ଏକ ରେଜଲ୍ଟ କମିଟି ଗଠନ କରିବେ, ସ୍କୁଲ ଦେଇଥିବା ମାର୍କକୁ ଅନୁଧ୍ୟାନ କରିବ ମଡରେସନ୍ କମିଟି, ସ୍ଥିତିରେ ସୁଧାର ଆସିଲେ ପୁଣିଥରେ ପରୀକ୍ଷା ଦେଇପାରିବେ ଅସନ୍ତୁଷ୍ଟ ଛାତ୍ର/ଛାତ୍ରୀ, ବିଗତ ବର୍ଷଗୁଡିକରେ ସଂପୃକ୍ତ ସ୍କୁଲ କିପରି ରେଜଲ୍ଟ କରିଛି, ଛାତ୍ରଛାତ୍ରୀମାନେ କେତେ ପ୍ରତିଶତ ମାର୍କ ରଖି ଆସିଛନ୍ତି, ତାକୁ ମଧ୍ୟ ନଜରରେ ରଖାଯିବ । ମଡରେସନ୍ କମିଟି ଏସବୁ ଉପରେ ଧ୍ୟାନ ଦେବ । ମୋଟାମୋଟି ଭାବେ କହିଲେ, ▶▶ପୃଷ୍ଠା ୭

## ୧୩ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୧୭/୦୬ (ନି.ପ୍ର): ସମଗ୍ର ଓଡ଼ିଶାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ସକ୍ରିୟ ରହିଛି । ଏହାର ପ୍ରଭାବରେ ଉତର ଓଡ଼ିଶାର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ଏବଂ ବଜ୍ରପାତ ଲାଗି ରହିଛି । ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ପ୍ରବଳ ବର୍ଷା ଏବଂ ଆଭ୍ୟନ୍ତରୀଣ ଓଡିଶାର ବରଗଡ, ସୋନେପୁର ଏବଂ କନ୍ଧମାଳ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ଲାଗି ରହିଛି । ଆଗାମୀ ୨୪ ଘଂଟା ମଧ୍ୟରେ ଉତର ଓଡ଼ିଶାର ଅଧିକାଂଶ ଜିଲ୍ଲା ଓ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଆଂଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ▶▶ପୃଷ୍ଠା ୭

## ଅମାନିଆଙ୍କ ଠାରୁ ଆଦାୟ ହେଲାଣି ୧୬ କୋଟି ଜରିମାନା

ଭୁବନେଶ୍ୱର,୧୭/୦୬(ନି.ପ୍ର): କୋଭିଡ୍ ଗାଇଡଲାଇନ୍ ଉଲ୍ଲଂଘନ ଅଭିଯୋଗରେ ଏପ୍ରିଲ ପହିଲା ଠାରୁ ଏଯାଏଁ ୫ ଲକ୍ଷ ୩୦ ହଜାର ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଛି । ସେମାନଙ୍କ ଠାରୁ ୧୬ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ କରାଯାଇଛି । କଟକଣା ଉଲ୍ଲଂଘନ କରିବା ନେଇ ୩୯୭୯ ଦୋକାନ ସିଲ୍ କରାଯାଇଛି । ▶▶ପୃଷ୍ଠା ୭

## ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କ ପ୍ରତିକ୍ରିୟା : କହିଲେ, ଖୁବ୍ ଶୀଘ୍ର ସ୍ଥାନାନ୍ତରିତ ହେବ ଘୋଡା



ଭୁବନେଶ୍ୱର,୧୭/୦୬(ନି.ପ୍ର): ସ୍ମାର୍ଟସିଟି ପାଇଁ ମାଷ୍ଟରକ୍ୟାଂଟିନରେ ଥିବା ଘୋଡା ପ୍ରତିମୂର୍ତ୍ତି ହଟାଇବା ନିଷ୍ପତ୍ତିକୁ ବିରୋଧ ଆରମ୍ଭ ହୋଇଛି । ଆଉ ଏହାରି ଭିତରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ ଦାସ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି, ଖୁବଶୀଘ୍ର ମାଷ୍ଟରକ୍ୟାଂଟିନ ଛକରେ ଥିବା ଘୋଡାର ମୂର୍ତିକୁ ରାଜଭବନ ଛକକୁ ସ୍ଥାନାନ୍ତରିତ କରାଯିବ । ସ୍ମାଟ ସିଟି ତରଫରୁ ରାଜଧାନୀର ମାଷ୍ଟର କ୍ୟାଂଟିନର ରାସ୍ତାକୁ ପ୍ରଶସ୍ତିକରଣ କରିବା ପାଇଁ ଏନେଇ ସଂସ୍କୃତି ବିଭାଗକୁ ଗତ ୬ ମାସ ତଳେ ଚିଠି ଲେଖିଥିଲା ସ୍ମାଟ ସିଟି । ଶେଷର ସଂସ୍କୃତି ବିଭାର ଏଥିରେ ମୋହର ମାରିବା ସହ ଘୋଡାକୁ ରାଜଭବନ ଛକକୁ ସ୍ଥାନାନ୍ତରଣ କରାଯିବ ବୋଲି ସୂଚନା ଦେଇଛି । ସେପଟେ, କଂଗ୍ରେସ ବିଧାୟକ ସୁର ରାଉତରାୟ ଆଜି ସେହି ଐତିହ୍ୟସ୍ଥଳକୁ ଯାଇ ଘୋଡା କୁଆଡେ ଯିବ ନାହିଁ ବୋଲି କହିଛନ୍ତି । ବର୍ଷ ବର୍ଷ ଧରି ଅବହେଳିତ ଅବସ୍ଥାରେ ଥିବା ଏହି ପ୍ରତିମୂର୍ତ୍ତିକୁ ହଟାଇବାକୁ ନେଇ ଆରମ୍ଭ ହୋଇଛି ବିବାଦ । ମୌଳିକତାକୁ ▶▶ପୃଷ୍ଠା ୭

## ରକ୍ତ ନମୂନା ଦେବାକୁ ଭୟ କରି ଗାଁ ଛାଡ଼ିଲେ ଗ୍ରାମବାସୀ

### ଗାଁରେ ଡାକ୍ତରୀ ଟିମ୍, ଜଙ୍ଗଲରେ ଗ୍ରାମବାସୀ : ରାୟଗଡ଼ାରେ ଆଜିଠୁ ଆରମ୍ଭ ହୋଇଛି ସେରୋ ସର୍ଭେ

ଭୁବନେଶ୍ୱର,୧୭/୦୬(ନି.ପ୍ର): ଗାଁରେ ଡାକ୍ତରୀ ଟିମ୍, ଜଙ୍ଗଲରେ ଗ୍ରାମବାସୀ । କରୋନା କାଳରେ ରକ୍ତ ନମୂନା ଦେବାକୁ ଭୟ କରୁଛନ୍ତି ଆଦିବାସୀ ଗ୍ରାମବାସୀ । ରାୟଗଡା ଜିଲ୍ଲାରେ ଆଜି ଠାରୁ ସେରୋ ସର୍ଭେ ଆରମ୍ଭ ହୋଇଛି । ଛଅ ବର୍ଷରୁ ଉଦ୍ଧ୍ୱର୍ ଶିଶୁଙ୍କ ସମେତ ବୟସ୍କ ବ୍ୟକ୍ତିଙ୍କ ଠାରୁ ନମୁନା ସଂଗ୍ରହ ହେଉଛି । ଏକ ୯ ଜଣିଆ ଟିମ ରାୟଗଡାରେ ପହଂଚି ଆଜି ଜୁରୁଡି ଗାଁକୁ ଯାଇଥିଲେ । ମେଡିକାଲ ଟିମ୍ ଗାଁରେ ପହଂଚି ଯାହା ଦେଖିଥିଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଗାଁରେ ଘରେ ଘରେ ତାଲା ପଡିଥିଲା । କେହି ଘରେ ନଥିଲେ, ଗ୍ରାମବାସୀ ରକ୍ତ ନମୁନା ଦେବାକୁ ଆସିବା ପରିବର୍ତେ ଘରେ ଚାବି ପକାଇ ଜଙ୍ଗଲରେ ଲୁଚି ଥିବା ଜଣାପଡିଥିଲା । ଶିଶୁଙ୍କ ସ୍ୱାସ୍ଥ୍ୟରେ ମହାମାରୀକୁ ପ୍ରତିରୋଧ ନିମନ୍ତେ ଆଟିଂବଡି କିଭଳି ରହିଛି ସେନେଇ ଅଖିଳ ଭାରତିୟ ଚିକିତ୍ସା ଅନୁସନ୍ଧାନ ପରିଷଦ ଅର୍ଥାତ୍ ଆଇସିଏମ୍‌ଆର୍ ପକ୍ଷରୁ ନମୁନା ସଂଗ୍ରହ କରାଯାଉଛି । ରାୟଗଡା ଜିଲ୍ଲାରେ ୧୦ଟି କ୍ଲଷ୍ଟରରେ ଏହି ସେରୋ ସର୍ଭେ କାର୍ଯକ୍ରମ ଅନୁଷ୍ଠିତ ହେବ । ଆଜି ଏହି ଟିମ ରାୟଗଡା ବ୍ଲକ ବାଇସିଙ୍ଗ ପଚାଂୟତ ଜୁରୁଡି ଗାଁରେ ପହଚିଂ ଥିଲେ ବି ନମୁନା ସଂଗ୍ରହ ନିମନ୍ତେ ଗାଁ ଲୋକେ ଆସିବା ବଦଳରେ ନିକଟସ୍ଥ ଜଙ୍ଗଲକୁ ଚାଲି ଯାଇଥିଲେ ।

# ରବିଧାନ ସଂଗ୍ରହରେ ଅବ୍ୟବସ୍ଥାକୁ ନେଇ ଉଦ୍‌ବେଗ

## କିଷାନ କଂଗ୍ରେସ ପକ୍ଷରୁ ପଞ୍ଜୀକୃତ ଚାଷୀଙ୍କ ବଳକା ଧାନ କ୍ରୟ ଦାବି




ବାଲେଶ୍ୱର,୧୭/୬ (ନି.ପ୍ର): ବାଲେଶ୍ୱର ଜିଲାର ପଞ୍ଜୀକୃତ ଚାଷୀଙ୍କ ରବିଧାନ କ୍ରୟରେ ବ୍ୟାପକ ଅବ୍ୟବସ୍ଥା ଓ ଟାର୍ଗେଟ ପ୍ରଦାନରେ ରାଜ୍ୟ ସରକାରଙ୍କ କାଳକ୍ଷେପଣ ନୀତିକୁ ନେଇ ଉଦବେଗ ପ୍ରକାଶ କରିଛି ଜିଲା କିଷାନ କଂଗ୍ରେସ । ଏନେଇ ଜିଲା କିଷାନ କଂଗ୍ରେସର ସଭାପତି ନିରଞ୍ଜନ ବେହରାଙ୍କ ନେତୃତ୍ୱରେ ଏକ ପ୍ରତିନିଧ ଦଳ ଜିଲ୍ଲାପାଳଙ୍କୁ ସାକ୍ଷାତ ସହ ଅବିଳମ୍ବେ ସମସ୍ତ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣାଯିବା ସମ୍ପର୍କରେ ଆଲୋଚନା କରିଥିଲେ । ସରକାରଙ୍କ ତ୍ରୁଟିପୂର୍ଣ୍ଣ ଧାନକ୍ରୟ ନୀତି ସାଙ୍ଗକୁ ବାଲେଶ୍ୱର ଜିଲା ଯୋଗାଣ ବିଭାଗ, ସମବାୟ ବିଭାଗ ଓ ମିଲର୍ସଙ୍କ ମଧ୍ୟରେ ସମନ୍ୱୟର ଅଭାବର ପରିଣାମ ଜିଲାର ଚାଷୀଙ୍କୁ ଭୋଗିବାକୁ ପଡ଼ିଛି ବୋଲି ଶ୍ରୀ ବେହରା ଆରୋପ କରିଛନ୍ତି । ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଧାନ କ୍ରୟ ନହେବା ଫଳରେ କିଛି ଚାଷୀଙ୍କର ୧୫ ଦିନିଆ ଟୋକନ ମିଆଦ ଶେଷ ହୋଇଥିବା ବେଳେ ବାକି ଚାଷୀଙ୍କର ଶେଷ ସରିବାକୁ ବସିଛି । ଏହା ସହିତ ଅଖାବସ୍ତା, ଲୋଡିଂ, ଅନଲୋଡିଂ, ପରିବହନ ଖର୍ଚ୍ଚ ଚାହୀ ପାଉନଥିବା ବେଳେ ମିଲର୍ସମାନେ ଏହାକୁ ହରିଲୁଟ କରିଚାଲିଛନ୍ତି । ମିଲର୍ସମାନଙ୍କ ପ୍ରରୋଚନାରେ ମଣ୍ଡିରେ ଚାଷୀଙ୍କ ଠାରୁ ବସ୍ତା ପିଛା ୪ ରୁ ୫ କେଜି ଧାନ ଉଡ଼ାଣ ବାବଦରେ କାଟି ନିଆଯାଉଛି । ଏଭଳି ସ୍ଥିତିରେ ଜିଲା ପ୍ରଶାସନ ନିଦାବିଷ୍ଟୁ ପାଲଟିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ହୋଇଛନ୍ତି ବୋଲି କଷାନ କଂଗ୍ରେସ ପକ୍ଷରୁ ଆରୋପ କରାଯାଇଛି । ଚାଷର ଉନ୍ନତି ଓ ଚାଷୀଙ୍କ ବିକାଶକୁ ନେଇ ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ବେଳେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଚୁପ ରହିବା କେଉଁ ନ୍ୟାୟର ବୋଲି କିଶାନ କଂଗ୍ରେସ କର୍ମକର୍ତ୍ତାମାନେ ପ୍ରଶ୍ନ କରିଛନ୍ତି । ଚାଷୀଙ୍କ ଟୋକନ ଅବଧି ପୂର୍ବବତ ୩୦ଦିନ କରିବା, ପଞ୍ଜିକୃତ ଚାଷୀଙ୍କ ସମସ୍ତ ଧାନ ଯୁଦ୍ଧକାଳୀନ ଭିତିରେ କ୍ରୟ, ଲାପ୍‌ସ ହୋଇଥିବା ଟୋକନ ଗୁଡିକର ପୁନଃ କାର୍ଯ୍ୟକ୍ଷମ ସହ ମିଆଦ ବୃଦ୍ଧି, ନିର୍ଦ୍ଧାରିତ ସମୟ ମଧରେ ଧାନ ସଂଗ୍ରହ ପାଇଁ ମଣ୍ଡିଗୁଡିକୁ ଟାର୍ଗେଟ ଦେବା ପାଇଁ ଜିଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ଏ ସମ୍ପର୍କରେ ଦଳ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଅନ୍ୟମାନଙ୍କ ମଧରେ ବିଶ୍ୱନାଥ ଦାସ, ସୁଶାନ୍ତ ପରିଡା, ବିଦ୍ୟାଧର ମହାନ୍ତି, ପ୍ରଦୀପ ବେହେରା, କହ୍ନେଇ ଚରଣ ବେହେରା, ସୁକାନ୍ତି ଦାସ, ତରୁଣ କୁମାର ଦାସ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ଧାମନଗର ହାଇସ୍କୁଲ ପୁରାତନ ଛାତ୍ରଙ୍କ ତରଫରୁ ମାସ୍କବଣ୍ଟନ



ଧାମନଗର ,୧୭/୬ (ନି.ପ୍ର): ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୭ ମେଟ୍ରିକ୍ ବ୍ୟାଚର ପୁରାତନ ଛାତ୍ରମାନଙ୍କ ତରଫରୁ ସ୍ଥାନୀୟ ଜନସାଧାରଣଙ୍କୁ ମାସ୍କ ବଣ୍ଟନ କରାଯାଇଛି । ମହାମାରି କରୋନା ସଂକ୍ରମଣରୁ ଉଦ୍ଧାର ପାଇବାପାଇଁ ମାସ୍କ ସବୁଠାରୁ ଫଳପ୍ରଦ ହେଉଥିବାରୁ ଛାତ୍ରମାନଙ୍କ ତରଫରୁ ଧାମନଗର ବିଜୁପଟ୍ଟନାୟକ ଛକ, ଅବଦୁଲକାଲାମ ପ୍ରତିମୁର୍ତ୍ତି ସମ୍ମୁଖରାସ୍ତା, ଧାମନଗର ହାଇସ୍କୁଲ ମୁଖ୍ୟଫାଟକ ସାମ୍ନାରେ ଜନସାଧାରଣଙ୍କୁ ସଚେତନ କରିବା ସହିତ ମାସ୍କ ବଣ୍ଟନ କରିଥିଲେ । ସେହିପରି ଧାମନଗର ପୋଲିସ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଛାତ୍ରମାନେ ମାସ୍କ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁରାତନଛାତ୍ର ସତ୍ୟ ପ୍ରଧାନ, ମନୋଜ କୁମାର ସାମଲ, ନାରାୟଣ ଗୋଛାୟତ, ଦେବେନ୍ଦ୍ର ମଲ୍ଲିକ, ଜ୍ଞାନରଂଜନ ସରଙ୍ଗି, ସପନ କୁମାର ମିଶ୍ର, ପ୍ରଫୁଲ୍ଲ ସାମଲ, ଶରତ କୁମାର ସାମଲ, ମହମ୍ମଦ ନୁରାନି, ମହମ୍ମଦ ଅବଦୁଲ ହାକିମ୍ ପ୍ରମୁଖ ଯୋଗଦେଇଥିଲେ । ସେମାନଙ୍କ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ଚାଷୀଙ୍କ ହକ୍ ପାଇଁ ହୁଙ୍କାର : ସବୁ ମଣ୍ଡି ଆଗରେ ଧାରଣା ଓ ବିକ୍ଷୋଭ

ଜଳେଶ୍ୱର ୧୬/୬ (ନି.ପ୍ର) : ସବୁ ଚାଷୀଙ୍କ ଠାରୁ ଧାନ କିଣିବା, ଲେପ୍ସ ଟୋକନ୍‌କୁ କାର୍ଯ୍ୟକାରୀ କରିବା, ଟୋକନ ଅବଧି ୧ମାସ କରିବା, ଅଖାର ଦାମ ମିଳର ଦେବା, ବାଦ ପଡିଥିବା ଚାଷୀଙ୍କୁ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଓ ଭାଗଚାଷୀଙ୍କୁ ସମସ୍ତ ସୁବିଧାସୁଯୋଗ ଦେବା ଇତ୍ୟାଦି ଦାବି ନେଇ ବାଲେଶ୍ୱର ଜିଲାର ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସ୍ତରୀୟ ସମସ୍ତ ସେବା ସମବାୟ ସମିତି ସମ୍ମୁଖରେ ଆଜି ବୁଧବାର ଧାରଣା ଓ ବିକ୍ଷୋଭ ଅନୁଷ୍ଠିତ ହୋଇ ଯାଇଛି । ନାମ୍ପୋ, ଜ୍ୟୋତିର୍ଜଂଗମ, ଇକଡା, ଲକ୍ଷ୍ମଣନାଥ, ପର୍ଶ୍ଚିମବାର୍ଡ, ପାଇକସିଦା, କଳାମ, ଖୁଆଡ, ରାଇବଣିଆ, ଓଲମରା, ଘୁଳେଇ, ଚାଫଲା, ଡିପିପୁର, ଆର୍.ଆର୍.ପୁର, ବର୍ଦ୍ଧନା, ଅଲାଲପୁର, ଆମ୍ବଳିଅଠା, ପାଉଁଶକୁଳି ଇତ୍ୟାଦି ସେବା ସମବାୟ ସମିତି ସମ୍ମୁଖରେ ଶହ ଶହ ଚାଷୀମାନେ ସକାଳ ୭ଟାରୁ ୧୨ ପର୍ଯ୍ୟନ୍ତ ଧାରଣା ଦେଇଥିଲେ । ପ୍ରତ୍ୟେକ ମଣ୍ଡିର ସମ୍ପାଦକଙ୍କ ଜରିଆରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । କଂଗ୍ରେସ ଦଳର ଡାକରାରେ ଅନୁଷ୍ଠିତ ଧାରଣା ଓ ବିକ୍ଷୋଭରେ କଂଗ୍ରେସ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ, ବ୍ଲକ ସଭାପତି ରାଜୀବ ପରିଡା, କିଷାନ ସମାପତି ସୁଦାମ ପାତ୍ର, ସବ୍ୟସାଚୀ ଦାସ, ଗିରିଜା ଶଂକର ଦାସ, ସତ୍ୟନାରାୟଣ ଗୁପ୍ତା, ରାଧାରାଣୀ ପାତ୍ର, ଚିତ୍ତରଂଜନ ପରିଡା, ହେମନ୍ତ ଗିରି, ଗୋପାକୃଷ୍ଣ ଜେନା, ନୟନ ପାଠୀ, ଜୟନ୍ତ ଦେ, ପଦ୍ମଲୋଚନ ବେହେରା, ବରେନ୍ଦ୍ର ପ୍ରଧାନ, ସୁଜିତ୍ ଗିରି, ଗୁଲା ଗିରି, ସୁଶାନ୍ତ ସେଠୀ, ମଦନ ପାତ୍ର, ଅଜୟ ସାହୁ, ରବିନ୍ଦ୍ର ଭଂଜ, ଅମିତ ସେଠୀ ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ବାରିପଦା ଆଇଟିଡିଏ ପକ୍ଷରୁ ମିଶନ ଜୀବିକା ଯୋଜନାରେ ଉନ୍ନତ କିସମର ହଳଦୀ ଓ ମକା ବିହନ ବଂଟନ



ବାରିପଦା,୧୭/୬ (ନି.ପ୍ର): ବାରିପଦା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଚଳିତ ଖରିଫ୍ ଋତୁରେ ଉନ୍ନତ କିସମର ହଳଦୀ ଓ ମକା ଚାଷ ପାଇଁ ଶାମାଖୁଂଟା ଓ ବାରିପଦା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମର ୬୯ ଜଣ ଆଦିବାସୀ ହଳଦୀ ଚାଷୀଙ୍କୁ ବିହନ ବଂଟନ କରାଯାଇଛି । ସରକାରଙ୍କ ଅନୁସୂଚିତ ଜନଜାତି ଓ ଜନଜାତି ଦ୍ୱାରା ପରିଚାଳିତ ବିଭାଗ ମିଶନ ଜିବୀକା ଯୋଜନାରେ ଶାମାଖୁଂଟା ବ୍ଲକ ଅନ୍ତର୍ଗତ ବାଉଁଶବିଲା ଗ୍ରାମପଂଚାୟତର ବାଉଁଶବିଲା ଓ ଅନ୍ୟାନ୍ୟ ଗ୍ରାମର ୪୯ ଜଣ ଆଦିବାସୀ ବର୍ଗର ଚାଷୀ ମାନଙ୍କୁ ପ୍ରତ୍ୟେକଙ୍କୁ ୫୦ ଡିସିମିଲ୍ ଜମିରେ ହଳଦୀ ଚାଷ ପାଇଁ ମୋଟ୍ ୫୦ କୁଇଂଟାଲ ଉନ୍ନତ କିସମର ହଳଦୀ ଓ ମକା ବିହନ ବଂଟନ କରାଯାଇଅଛି । ସେହିପରି ବାରିପଦା ବ୍ଲକର ଚନ୍ଦନପୁର ଗ୍ରାମରେ ଆୟୋଜିତ ମକା ବିହନ ବଂଟନ କାର୍ଯ୍ୟକ୍ରମରେ ୨୦ ଜଣ ଆଦିବାସୀ ଚାଷୀ ଭାଇ ଭଉଣୀ ମାନଙ୍କୁ ମୋଟ ୧୦ ଏକର ଜମିରେ ମକାଚାଷ ପାଇଁ ଉନ୍ନତ କିସମ ୪୦ କେ.ଜି. ବିହନ ବଂଟନ କରାଯାଇଅଛି ।। ହଳଦୀ ଓ ମକା ଏକ ଲାଭଜନକ ଅର୍ଥକାରୀ ଫସଲ ଚାଷକୁ ଜୈବିକ / ଉନ୍ନତ ପଦ୍ଧତିରେ କରିବା ପାଇଁ ଚାଷୀମାନଙ୍କୁର ପ୍ରସୋହିତ କରାଯାଉଥିବା ବେଳେ ସେମାନଙ୍କ ଆର୍ଥିକ ବିକାଶ ଦିଗରେ ବାରିପଦା ଆଇଟିଡିଏର ପ୍ରକଳ୍ପ ପ୍ରସାଶକ ବସନ୍ତ କୁମାର ସେଠୀ ଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ପରିଚାଳିତ କରାଯାଉଛି । ଉକ୍ତ ଆୟୋଜିତ ହଳଦୀ ଓ ମକା ବିହନ ବଂଟନ କାର୍ଯ୍ୟକ୍ରମରେ ଆଇଟିଏ ପ୍ରକଳ୍ପ ପରିଚାଳକ ଓ ଜିବନ ଜୀବିକା ବିଷେଶଜ୍ଞ ପ୍ରମୁଖ ଉପସ୍ଥିତି ରହି ଚାଷି ମାନଙ୍କୁ ହଳଦୀ ଓ ମକା ଚାଷ ସଂମ୍ପର୍କରେ ମାର୍ଗଦର୍ଶନ ଦେବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କରୋନା ମାର୍ଗଦର୍ଶିକା ଅନୁପାଳନକରି ଚାଷୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବିହନ ନେଇଥିଲେ ।

# ବାଲେଶ୍ୱର ପ୍ରଶାସନର ପକ୍ଷପାତିତା ନୀତିକୁ ସମାଲୋଚନା

## ଶାସକଦଳ ପ୍ରୀତିରୁ ନ ଓହରିଲେ ଆନ୍ଦୋଳନକୁ ଓହ୍ଲାଇବ ବିଜେପି



ବାଲେଶ୍ୱର,୧୭/୬ (ନି.ପ୍ର): ବାଲେଶ୍ୱର ଜିଲା ପ୍ରଶାସନର ପକ୍ଷପାତିତା ନୀତି ଏବେ ଶୀର୍ଷରେ ପହଞ୍ଚିଥିବା ବେଳେ ଏହାର ପ୍ରଭାବରେ ସାଧାରଣ ଲୋକଙ୍କୁ ନ୍ୟାୟ ମିଳୁନଥିବା ଅଭିଯୋଗ ଉଠାଇଛି ବିଜେପି । ପ୍ରଶାସନ ଶାସକ ଦଳ ପ୍ରୀତିରୁ ନ ଓହରିଲେ ଦଳ ଆନ୍ଦୋଳନ କରିବା ନେଇ କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର ବାଲେଶ୍ୱର ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ସାକ୍ଷାତ ସହ ସମ୍ପ୍ରତିକ ସ୍ଥିତିରେ ଜିଲାବାସୀଙ୍କୁ ପ୍ରଶାସନିକ ସେବା ପ୍ରଦାନରେ ପ୍ରଶାସନର ପାତରଅନ୍ତରପୂର୍ଣ୍ଣ କାର୍ଯ୍ୟଧାରାକୁ ତୀବ୍ର ସମାଲୋଚନା କରିଥିଲେ । ଜିଲା ସ୍ୱାସ୍ଥ୍ୟ ସମିତିର ଅଧ୍ୟକ୍ଷ ଭାବେ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଜିଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ନେଇ ସର୍ବଦା ଉଦ୍ୟମ ଜାରି ରଖିଆସିଛନ୍ତି । ତାଙ୍କର ପ୍ରଚେଷ୍ଟା ଓ କେନ୍ଦ୍ର ସରକାରଙ୍କ ସହଯୋଗରୁ ଟାଟାଷ୍ଟିଲ, ଏନଏଚଏଆଇ ଓ ଡିଆରଡିଓର ମିଳିତ ଉଦ୍ୟମରେ ବାଲେଶ୍ୱରରେ ପିଏସଏ ବୈଷୟିକ ଜ୍ଞାନ କୌଶଳରେ ଅମ୍ଳଜାନ କାରଖାନ ପ୍ରତିଷ୍ଠା ହେଉଥିବା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚଓ) ଦ୍ୱାରା ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡି ଆକ୍ରାନ୍ତଙ୍କ ଆଶୁ ଚିକିତ୍ସା ପାଇଁ ସ୍ୱତନ୍ତ୍ର କ୍ୟାମ୍ପ ହସପିଟାଲ ମଧ୍ୟ ସ୍ଥାପନ ହୋଇ ପାରିଛି । ମାତ୍ର ପରିତାପର ବିଷୟ ଯେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀଙ୍କୁ ସୂଚନା ନ ଦେଇ ଏହି ସବୁ ପ୍ରକଳ୍ପର ଶିଳାନ୍ୟାସ ତଥା ଉଦଘାଟନ ଉତ୍ସବ ଆୟୋଜନ କରାଗଲା । ଅନ୍ୟପକ୍ଷରେ ଶାସକ ଦଳର ପ୍ରରୋଚନାରେ କେନ୍ଦ୍ର ପ୍ରଦତ୍ତ ବାତ୍ୟା ସହାୟତା ଅର୍ଥ ହଡ଼ପ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ରୀତିମତ ପ୍ରୟାସ ଚାଲିଥିବା ବିଜେପି ପକ୍ଷରୁ ଆରୋପ ଉଠାଯାଇଛି । କେବଳ ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ କରାଯାଉଥିବା ବେଳେ କ୍ଷୟକ୍ଷତି ସର୍ଭେରେ ସମଗ୍ର ଜିଲ୍ଲାକୁ ଦର୍ଶାଯାଇଥିବା ବିଜେପି ପକ୍ଷରୁ କୁହାଯାଇଛି । ବାତ୍ୟା ପରେ କେନ୍ଦ୍ର ସରକାର ଓଡିଶା ପାଇଁ ଅତିରିକ୍ତ ୮ ଲକ୍ଷ ୧୭ ହଜାର ପ୍ରଧାନମନ୍ତ୍ରୀ ଆବାସ ମଞ୍ଜୁର କରିଛନ୍ତି ଯାହାର ସିଂହଭାଗ ବାଲେଶ୍ୱରରେ ପାଇଁ ଉଦ୍ଦିଷ୍ଟ ହୋଇଥିବା ବେଳେ ଦଳୀୟ ବାଛ ବିଚାରରୁ ବିରତ ରହି ପ୍ରକୃତ ହିତାଧିକାରୀଙ୍କୁ ସେମାନଙ୍କ ମୌଳିକ ଅଧିକାର ପ୍ରଦାନ ନିମନ୍ତେ ବିଜେପି ପକ୍ଷରୁ ଦାବି ହୋଇଛି । ଏହା ସହିତ ଜିଲ୍ଲାର ଧାନଚାଷୀ, ମାଛ ଚାଷୀ ଓ ପାନ ଚାଷୀଙ୍କ କ୍ଷୟକ୍ଷତି ଅନୁଧାନ ପୂର୍ବକ ସେମାନଙ୍କୁ ସହାୟତା ପ୍ରଦାନ ପାଇଁ ବିଜେପି କର୍ମକର୍ତ୍ତାମାନେ ଦାବି କରିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ସକାରାତ୍ମକ ପଦକ୍ଷେପ ଗ୍ରହଣ ନହେଲେ ଆଗାମୀ ଦିନରେ ବିଜେପି ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଏହି ଅବସରରେ ଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଜିଲା ସଭାପତି ଶ୍ରୀ ମହାପାତ୍ରଙ୍କ ସମେତ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ବିଜେପି ଜିଲା ସଭାପତି ଲମ୍ବୋଦର ନାୟକ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ଶୋଭନା ମହାନ୍ତି, ଜିଲା ଉପ-ସଭାପତି କମଳା ବିନ୍ଧାଣୀ ଓ କମଳଲୋଚନ ଦାସ, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଓ ଈଶ୍ୱର ଚନ୍ଦ୍ର ବେହେରା,ଜିଲା କୃଷକ ମୋର୍ଚ୍ଚା ସଭାପତି କୈଳାସ ଚନ୍ଦ୍ର ବାରିକ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ନଗର ସଭାପତି ଚିତରଞ୍ଜନ ପଣ୍ଡା, ଜିଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ କର୍ମକର୍ତା ଦାବୀପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

# ଅବକାରୀ ବିଭାଗ ଓ ପୋଲିସର କୋହଳ ମନୋଭାବ

## ଧାମନଗର ସହରାଂଚଳରେ ବଢି ଚାଲିଛି ଚୋରାମଦ କାରବାର

ଧାମନଗର ,୧୭/୬ (ନି.ପ୍ର): ଧାମନଗର ସହରାଂଚଳରେ ଦିନକୁ ଦିନ ଚୋରା ମଦକାରବାର ବଢିବାରେ ଲାଗିଛି । କୋଭିଡ଼ ନିୟମକୁ ଉଲଙ୍ଘନକରି ଚୋରାମଦ ବ୍ୟବସାୟୀମାନେ ପୋଲିସ ଓ ଅବକାରୀ ବିଭାଗ ଆଖିରେ ଧୂଳିଦେଇ ସେମାନଙ୍କର କାରବାର ଚଳାଇଛନ୍ତି । ଧୋବାସହି ବଜାର ଓ ମେଡ଼ିକାଲବଜାରର ପାନ ଦୋକାନରେ ଚୋରାମଦ ଓ ମୃତ୍ୟୁ ସଞ୍ଜିବନୀ ସୁରା ବିକ୍ରି ହେଉଛି । ଏଥିସହିତ ଦକ୍ଷିଣବାଡ଼ ଛକ ଓ ସାନପୋଲ ଛକ, ଧୋବା ସାହି ବଜାର, ବାରିକ ସାହି, ବଜାର ସାହି, ଶ୍ୟାମପୁର, ଜୟନଗର, ତାଳପଦା, ବ୍ଲକ ବଜାର ଏବଂ ଉକ୍ତ ଗାଁରେ ଥିବା କେତେକ ପାନଦୋକାନରେ ମଦବିକ୍ରୟ ହେଉଥିବାବେଳେ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେମଧ ଚୋରାମଦ କାରବାର ଚାଲିଛି । ଏପରିକି ଧାମନଗର ଥାନା ସମ୍ମୁଖରେ ଥିବା ହୋଟେଲ ଓ ପାନଦୋକାନରେ ଚୋରାମଦ କାରବାର ଚାଲିଥିବା ବିଶେଷ ସୂତ୍ରରୁ ଜଣାଯାଇଛି । ଧାମନଗରରେ ଥିବା ଅବକାରୀ ବିଭାଗ କାର୍ଯ୍ୟାଳୟ ଅଧିକାଂଶ ଦିନ ତାଲା ପଡୁଥିବା ବେଳେ ଅବକାରୀ ବିଭାଗ କର୍ମଚାରୀମାନେ ଏଥିପ୍ରତି ଧ୍ୟାନଦେଉନାହାନ୍ତି । ଚୋରାମଦ ବ୍ୟବସାୟୀଙ୍କ ଠାରୁ ସ୍ଥାନୀୟ ଅବକାରୀ ବିଭାଗ କର୍ମଚାରୀ ମାସିକ ବଟିନେଇ ଆଖିବୁଜି ବସୁଛନ୍ତି । ଏ ସମ୍ପର୍କରେ ଧାମନଗର ଥାନା ଅଧିକାରୀଙ୍କୁ ଜଣାଇବାରୁ କୋଭିଡ଼ ସମୟରେ ଆମବିଭାଗର କାର୍ଯ୍ୟ ବ୍ୟସ୍ତତା ଭିତରେ ମଧ ମଦ ତନଖି କରୁଛୁବୋଲି କହିଛନ୍ତି । ମାତ୍ର ଅବକାରି ବିଭାଗର ଅଧିକାରୀ ତାଙ୍କ କାର୍ଯ୍ୟନକରି ପୋଲିସ ଉପରେ ନିର୍ଭର କରୁଛନ୍ତି । ସେମାନେ ଆମ ସହଯୋଗରେ ବିଭିନ୍ନ ସ୍ଥାନରେ ଚଢାଉକଲେ ଚୋରାମଦ କାରବାର ଉପରେ ରୋକ ଲଗାଯାଇପାରିବ ବୋଲି ଧାମନଗର ଥାନା ଅଧିକାରୀ ପ୍ରଦୀପ କୁମାର ମହନ୍ତ ସୂଚନା ଦେଇଛନ୍ତି । ତେବେ ସଟ୍‌ଡ଼ାଉନ୍ ଓ ଲକ୍‌ଡ଼ାଉନ୍‌ର ସୁଯୋଗନେଇ ଧାମନଗର ସହରାଂଚଳରେ ବଢୁଥିବା ଚୋରାମଦ କାରବାରକୁ ରୋକିବାପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ହେଲ୍ପ ଫର ୟୁ ଫାଉଣ୍ଡେସନ ପକ୍ଷରୁ ପାଠ୍ୟ ଉପକରଣ ବଣ୍ଟନ



ଜଳେଶ୍ୱର ୧୬/୬ (ନି.ପ୍ର) : କୋଭିଡ୍ କଟକଣା ସମୟରେ ବହୁ ପିଲା ସ୍କୁଲକୁ ଯାଇ ନାମ ଲେଖାଇ ପାରୁ ନାହାନ୍ତି । ସେମାନଙ୍କ ନିକଟରେ ପାଠ୍ୟଉପକରଣ ନଥିବାରୁ ପାଠପଢିବା ସମ୍ଭବ ହୋଇ ପାରୁନାହିଁ । ଗରିବ ଲୋକମାନେ ଅର୍ଥିକ ଅନଟନରେ ରହୁଥିବାରୁ ସେମାନେ ପ୍ରୋଟିନ୍ ଓ ଭିଟାମିନ୍-ସି ଯୁକ୍ତ ଖାଦ୍ୟ ଖାଇବା ସମ୍ଭବ ହୋଇ ପାରୁନାହିଁ । ତେଣୁ ରଜ ପରିପ୍ରେକ୍ଷୀରେ ହେଲ୍ପ ଫର ୟୁ ଫାଉଣ୍ଡେସନ ପକ୍ଷରୁ ଛୋଟ ପିଲାଙ୍କୁ ପାସ୍ତକ, ସ୍ଲେଟ, ପେନ୍‌ସିଲ, କଲମ, ଜୋତା, ବୃଦ୍ଧ/ବୃଦ୍ଧା ମାନଙ୍କୁ ବିଭିନ୍ନ ଫଳ ଓ ଅଣ୍ଡା ସହିତ ବିଭିନ୍ନ ପ୍ରକାର ପରିଧାନ ବଣ୍ଟନ କରିଛନ୍ତି । ସମସ୍ତଙ୍କୁ ମାକ୍ସ ଓ ସାନିଟାଜର ବଣ୍ଟନ କରାଯାଇଛି । ଏଥିରେ ଆଇଆଇସି ପର୍ଶୁରାମ ସାହୁ, ଫାଉଣ୍ଡେସନର ସଭପତି ମାନସ ରଂଜନ ଧଳ, ସୁବାଇଷ ମାନସ ରଂଜନ ରାଉଳ, ସୁଜିତ୍ କାମିଳା, ପ୍ରଶାନ୍ତ ବେହେରା, ବିଶ୍ୱଜିତ୍ କରଣ, ତନ୍ମୟ ରାଉଳ, ସୁଶାନ୍ତ ସିଟ, ସୁଜାତା ଧଳ, ପ୍ରଦୀପ ପାତ୍ର, ସଂଜୟ ଦାସ, ଦେବିଦାସ ପଣ୍ଡା, ତରଣୀ କର, ମନୋଜ ଜେନା, ପ୍ରିତମ ଦାସଙ୍କ ସହିତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ ।

# ସେବା ସମବାୟ ସମିତିରେ ଧାନ କିଣାରେ ଦୁର୍ନୀତି : ଜିଲ୍ଲାପାଳଙ୍କୁ ଦାବିପତ୍ର

ଜଳେଶ୍ୱର ୧୬/୬ (ନି.ପ୍ର) : ସେବା ସମବାୟ ସମିତିରେ ଧାନକିଣାକୁ ନେଇ ସୃଷ୍ଟି ହୋଇଥିବା ଅଚଳାଅବସ୍ଥା ଲାଗି ରହିଥିବା ବେଳେ ଆଜି ଭାରତୀୟ ଜନତାପାର୍ଟି ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜଳେଶ୍ୱର ବ୍ଲକର ଇକଡା, ପର୍ଶ୍ଚିମବାର୍ଡ, ଅଲାଲପୁ ର, ରାଇବଣିଆ ଇତ୍ୟାଦି ସେବା ସମବାୟ ସମିତିରେ ଧାନ କିଣାରେ ଦୁର୍ନିତୀ ହୋଇଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ତଦନ୍ତ କରାଯିବା ସହିତ ଚାଷୀମାନଙ୍କ ନିକଟରୁ ଧାନ କିଣାଯିବାକୁ ବିଜେପିର ଅରୁଣ କୁମାର ବେଜ, ଶିବଶଂକର ହୁଇ, ଜ୍ଞାନରଂଜନ ଦାସ, ଗତିକୃଷ୍ଣ ଆଚାର୍ଯ୍ୟ, ଅମୂଲ୍ୟ ସେନାପତି, କିରଣ କୁମାର ମହାନ୍ତି, ଗିରିଜା ଶଂକର କର ପ୍ରମୁଖ ବହୁ କର୍ମୀ ତହସିଲଦାରଙ୍କ ଶଂକର ପଟ୍ଟନାୟକଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

# ଐତିହାସିକ ଶୈବ୍ୟ ପୀଠ ବୁଢାରାଉଳ ମଠରେ ଶିବ ବିବାହ ପାଳିତ



ବାରିପଦା ,୧୭/୬ (ନି.ପ୍ର): ଆଜି ପବିତ୍ର ଶୀତଳ ଷଷ୍ଠୀ ଆଜିର ଦିନରେ ଶିବ ପାର୍ବତୀଙ୍କର ବିବାହ ହୋଇଥିବାର ଶାସ୍ତ୍ରୀୟ ପ୍ରମାଣ ରହିଥିବାରୁ ଆଜିର ଦିନରେ ଶିବ ବିବାହ ଉତ୍ସବ ପାଳିତ ହୋଇଥାଏ । ଏହି ଉପଲକ୍ଷେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଭିନ୍ନ ଶୈବ ପୀଠରେ ଶିବ ବିବାହ ପାଳିତ ହୋଇ ଯାଇଛି । ତେବେ ବାରିପଦାର ବହୁ ପୁରାତନ ଐତିହାସିକ ଶୈବ ପୀଠ ବାବା ବୁଢାରାଉଳ ମଠ ଠାରେ ଚଳିତ ବର୍ଷ କରୋନା କଟକଣା ଭିତରେ କେବଳ କର୍ତ୍ତା ଓ ପୂଜକଙ୍କୁ ନେଇ ଏହି ପବିତ୍ର ଶିବ ବିବାହ ଉତ୍ସବ ବିଧି ମୁତାବକ ପାଳିତ ହୋଇ ଯାଇଛି । ମନ୍ଦିରର ପୂଜକ ପଣ୍ଡିତ ବିଜୟ ଦାଶ ସମସ୍ତ ନିତିକାନ୍ତି ଓ ବିବାହ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ, କର୍ତ୍ତା ଭାବରେ ଚିପଟ ଅସ୍ତିଆ ଗ୍ରାମର ଭକ୍ତ ବଳରାମ ସାହୁ ଓ ତାଙ୍କର ସହଧର୍ମିଣୀ ରୀତା ସାହୁ ଉପସ୍ଥିତ ରହି ବିବାହ ଓ ପୂଜା କାର୍ଯ୍ୟ ସମ୍ପାଦନ କରିଥିବାର ଜଣାଯାଇଛି ।

# ଆସ ପିଇବା ମସଲା ଚା’

ପାଣି ବ୍ୟତୀତ ଲୋକେ ଆଉ ଯାହା ଅଧିକ ପିଅନ୍ତି, ତାହା ହେଉଛି ଚା’ । ପୂର୍ବେ ଏହାକୁ ଔଷଧ ‘କ୍ୱାଥ’ ବା ‘କାଢ଼ା’ ରୂପେ ପିଆ ଯାଉଥିଲା । ଏହି ପରି ଖରା ଓ ବର୍ଷାର ମିଶ୍ରିତ ଋତୁରେ, ସ୍ୱାସ୍ଥ୍ୟ ରକ୍ଷାକାରୀ ଜଡ଼ିବୁଟୀ ମିଶିଥିବା ମସଲା ଚା’ ପିଇବା ଅତ୍ୟନ୍ତ ଉପାଦେୟ । ସାଧାରଣ ଚା’ ଅନେକ ସମୟରେର ବିଭିନ୍ନ ପ୍ରକାରର ସ୍ୱସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ । ଏଥିରୁ ଗୋଟିଏ ହେଉଛି- ଅମ୍ଳ ବୃଦ୍ଧି । ଏଣୁ ସାଧାରଣର ଚା’ ପରିବର୍ତ୍ତେ ଆୟୁର୍ବେଦୀୟ ଚା’ ବା ‘ହର୍ବାଲ୍ ଟି’ ପିଇଲେ ତାହା ଶରୀରକୁ ଫୁର୍ତ୍ତି ଦେବା ସହିତ ରୋଗ ପ୍ରତିରୋଧକ ଶକ୍ତି (ଇମ୍ୟୁନିଟି) ବଢ଼ାଇବାରେ ସାହାଯ୍ୟ କରିଥାଏ । ବୈଜ୍ଞାନିକମାନଙ୍କ ମତରେ, ଏପରି ଋତୁରେ ‘ବ୍ୟାକ୍ଟେରିଆ’ ବା ‘ଭାଇରସ୍’ ଦ୍ରୁତ ଗତିରେ ବଢ଼ିଥାନ୍ତି । ଫଳରେ ଏହା ସଂକ୍ରମଣ ବା ‘ଏଲର୍ଜୀ’ ଆଦିର କାରଣ ହୋଇଥାଏ । ଏଣୁ ଏହି ସଂକ୍ରମଣ ପାଇଁ ସତର୍କ ରହିବା ଏକ ପ୍ରତିଷେଧାତ୍ମକ ଆବଶ୍ୟକତା । ଏହି ଜଡ଼ିବୁଟୀ ମିଶା ଆୟୁର୍ବେଦୀୟ ଚା’ ବା ମସଲା ଚା’ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ଫଳରେ ଶରୀର ସଂକ୍ରମଣ ବିରୋଧରେ ଲଢ଼େଇ କରିପାରେ । ସାଧାରଣ ଭାବରେ କେବଳ ଲବଙ୍ଗ ଚା’ ପିଇଲେ କଫଜ ସଂକ୍ରମଣରୁ ରକ୍ଷା ମିଳିବା ସହିତ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏହା ସର୍ଦ୍ଦି, କଫ, କାଶ ଆଦି ଥଣ୍ଡା ରୋଗର ପ୍ରତିଷେଧକ ହିସାବରେ ପେୟ ବା ଚା’ର ଅବତାରଣା ଏଠାରେ କରାଯାଉଛି ।




### ମସଲା ଚା’ :

ଏହି ଚା ପାଇଁ କ୍ଷୀର ଓ ଚିନି ଦରକାର ପଡ଼େନାହିଁ । ଗୋଲମରିଚ, ଅଳେଇଚ ବା ଗୁଜୁରାତି, ଲବଙ୍ଗ, ଡାଲଚିନି ଆଦିର ଚୂର୍ଣ୍ଣରେ ଏହା ପ୍ରସ୍ତୁତ କରାଯାଏ । ବିଶେଷ କରି ଶ୍ୱସନ-ସଂସ୍ଥାନର ସଂକ୍ରମଣ ଯଥା, କାଶ, ଥଣ୍ଡା, ଜ୍ୱର ଆଦି ସହିତ ଲଢ଼ିବାରେ ଏହା ସାହାଯ୍ୟ କରେ । ପୋଦିନା ଚା’: ଏହା ‘ଆଣ୍ଟି ଅକ୍ସିଡାଣ୍ଟ’ ବା ବିଷାକ୍ତ ଉପାଦାନ ବିରୋଧୀ ଗୁଣରେ ଭରପୂର । ଏହା ମଧ୍ୟ ଭରପୂର । ଏହା ମଧ୍ୟ ଉତ୍କୃଷ୍ଟ ପାଚନକାରୀ । ଏହି ଚା’ ପିଇବା ଦ୍ୱାରା ମାନସିକ ଅବସାଦ ବା ଚିନ୍ତା ଆଦି ଦୂର ହୋଇଥାଏ । ଯଷ୍ଟିମଧୁ ଚା’: ଯଷ୍ଟିମଧୁ ବା ଯାଠି ମହୁ, ଧନ୍ୱନ୍ତରୀ (ଲେମନ୍ ଗ୍ରାସ୍) ଓ ଅଦା, ପୁଦିନା ମିଶା ଚା’ ଶରୀରକୁ ଯଥେଷ୍ଟ ଶକ୍ତି ପ୍ରଦାନ ସହିତ ସ୍ଫୁର୍ତ୍ତି ଦିଏ ଓ ସଂକ୍ରମଣ ବିରୋଧରେ ଲଢ଼େଇ କରେ ।

### ଗୋଲାପ ଚା’ :

ଗୋଲାପ ଫୁଲ ଅତି ସହଜରେ ମିଳିଥାଏ । ଏହାର ପାଖୁଡ଼ା ସହିତ ଲବଙ୍ଗ, ଅଳେଇଚ, ଗୋଲମରିଚ ଆଦି ମିଶାଇ ଉତ୍ତମ ଚା’ ପ୍ରସ୍ତୁତ କରାଯାଇପାରେ । ଏହାଦ୍ୱାରା ଶରୀରର ଗରମ ବା ଦାହ ହ୍ରାସ ହୋଇ ଜ୍ୱରର ଉପଶମ ଘଟେ ଥଣ୍ଡା, କାଶ ଓ ସର୍ଦ୍ଦି ପାଇଁ ମଧ୍ୟ ଏହା ଉପକାରୀ ହୋଇଥାଏ ।



### ଅଦା-ହଳଦୀ ଚା’ :

ସାଧାରଣତଃ ଅଦା ଓ ହଳଦୀ ଏକ ଉତ୍ତମ ସମ୍ମିଶ୍ରଣ । ଏଣୁ ଏଥିରେ ତିଆରି ଚା’ ଶରୀରର ବିଷାକ୍ତ ଉପାଦାନଗୁଡ଼ିକୁ ନଷ୍ଟକରି ଦିଏ । ଅଦା ପେଟର ଆମଦୋଷ ଓ ହଳଦୀ ରକ୍ତ ତଥା ଶ୍ୱସନ ସଂସ୍ଥାନଗତ ବିଷାକ୍ତଦୋଷକୁ ନଷ୍ଟ କରେ । ଏହା ଫଳରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼େ ।



ତେବେ ଏ ବାବଦରେ କେତୋଟି ସତର୍କତା ରହିଛି । ତାହା ହେଉଛି- କୌଣସି ପ୍ରକାରର ଆୟୁର୍ବେଦୀୟ ଚା’ ବା ମସଲା ଚା’କୁ ଆଲୁମିନିୟମ୍ ବାସନରେ ପ୍ରସ୍ତୁତ ନ କରିବା ଉଚିତ । ଏହାକୁ ବହୁତ ସମୟ ମଧ୍ୟ ସୁଝାଇବା ଉଚିତ ନୁହେଁ । ଖାଦ୍ୟ ସହିତ ବା ଖାଦ୍ୟ ଗ୍ରହଣ ପରେ ଏବଂ ରାତିରେ ଶୋଇବା ପୂର୍ବରୁ ଏପରି ଚା’ ପିଇବା ଆଦୌ ଉଚିତ ନୁହେଁ । କେବଳ ସକାଳେ ଓ ସଂଧ୍ୟାରେ, ଖାଲି ପେଟରେ ଏହି ଚା’ ପିଇବା ଲାଭଦାୟକ ହୋଇଥାଏ ।

## ଓଜନ ବଢ଼ାଇବା ସହ ଚର୍ମ ସମସ୍ୟା, ଦନ୍ତ ସମସ୍ୟା ବଢ଼ାଇଥାଏ ସ୍ନାକ୍-ଫୁଡ୍



ଚକ୍‌ଲେଟ୍, ଚିପ୍‌ସ, କାଣ୍ଡିଜ୍ ଏବଂ ସମସ୍ତ ପ୍ରକାରର ମୃଦୁ ପାନୀୟର ପୁଷ୍ଟି-ଦାୟକ ମୂଲ୍ୟ କିଛି ନାହିଁ । ଏହା ନିର୍ଦ୍ଦିଷ୍ଟ ଭାବେ ପ୍ରମାଣିତ । ଏସବୁ ସ୍ନେହସାର, ଲବଣ ଶର୍କରା, ବିଭିନ୍ନ ପ୍ରକାର ରଙ୍ଗ ଏବଂ ଅନ୍ୟ କୃତ୍ରିମ ରାସାୟନିକରେର ଭରପୂର । ଏସବୁକୁ ‘ସ୍ନାକ୍-ଫୁଡ୍’ କୁହାଯାଏ । ଏସବୁ ଖାଇବା ଦ୍ୱାରା ଓଜନ ବଢ଼ିବା ସହ ଚର୍ମଜନିତ ସମସ୍ୟା, ଦାନ୍ତ ରୋଗ ଦେଖାଯାଏ । କର୍କଟ ଓ ହୃଦ୍‌ରୋଗର ଆଶଙ୍କା ମଧ୍ୟ ବଢ଼େ । ଛେନା, ମଞ୍ଜି, କମଳା, ଅଙ୍ଗୁରର, କିସମିସ, ଲେମ୍ବୁ-ପାଣି, ଶୁଷ୍କ ଫଳ, ନଟ୍‌ସ, ଗାଜର ଓ ସେଓ ଅଧିକ ଖାଆନ୍ତୁ । ଚକ୍‌ଲେଟ୍, ବିସ୍କିଟ୍, ଚିପ୍‌ସ, ମିଲ୍‌କ ସେକ୍, ପପ୍-କର୍ନ, ମଫିନ୍, କୋଲା ଓ ଅନ୍ୟ ସମସ୍ତ ମୃଦୁ ପାନୀୟ, ଆଇସ୍-ଲସି କ୍ରଏସାଣ୍ଟ, ସମସ୍ତ ପିଜା ଓ ବର୍ଗରଠାରୁ ଦୂରେଇ ରହନ୍ତୁ ।

## ପର୍ବତ ଧାରରେ ବ୍ୟାକ୍‌ଫ୍ଲିପ୍

ପର୍ବତ ଧାରରେ ଜଣେ ବ୍ୟକ୍ତିଙ୍କ ବ୍ୟାକ୍‌ଫ୍ଲିପ୍ ଭିଡିଓ ସୋସିଆଲ୍ ମିଡିଆ ୟୁଜରଙ୍କ ଦୃଷ୍ଟି ଆକର୍ଷଣ କରିଛି । ତାଙ୍କର ଏ ପ୍ରକାର ମୂର୍ଖାମି ସମସ୍ତଙ୍କୁ ଚକିତ କରିଛି । ବ୍ୟବସାୟୀ ହର୍ଷ ଗୋଏଙ୍କା ନିଜ ଟ୍ୱିଟର୍ ଆକାଉଣ୍ଟରେ ୧୪ ସେକେଣ୍ଡର ଏକ ଭିଡିଓ ପୋଷ୍ଟ କରିଛନ୍ତି, ଯାହାକୁ ଏବେ ସୁଦ୍ଧା ୬୭ ହଜାରରୁ ଅଧିକ ଥର ଦେଖାଯାଉଛି । ଭିଡିଓରେ ବ୍ୟକ୍ତି ଜଣକ ଏକ ବନ୍ଧୁର ପର୍ବତର ଠିକ୍ ଧାରରେ ଠିଆ ହୋଇ ବିପଦପୂର୍ଣ୍ଣ ବ୍ୟାକ୍‌ଫ୍ଲିପ୍ ଷ୍ଟଣ୍ଟ ଦେଖାଇଛନ୍ତି । ଏହାକୁ ସେ ଖୁବ୍ ସହଜରେ କରିଛନ୍ତି । ବିପଦପୂର୍ଣ୍ଣ ବ୍ୟାକ୍‌ଫ୍ଲିପ୍ କରିବା ପରେ ସେ କ୍ୟାମେରାକୁ ଚାହିଁ ବିଜୟ ସଙ୍କେତ ଦେଇଛନ୍ତି । ତାଙ୍କର ଏହି ଷ୍ଟଣ୍ଟ ପ୍ରଶଂସାଯୋଗ୍ୟ କିମ୍ବା ମୂର୍ଖତା ଭାବେ ବିବେଚନା କରାଯିବା ଉଚିତ, ତାକୁ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି ବୋଲି ହର୍ଷ ଗୋଏଙ୍କା କ୍ୟାପ୍‌ସନ ଲେଖିଛନ୍ତି । କିନ୍ତୁ ଭିଡିଓଟି ନକାରାତ୍ମକ ଭାବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି । ହର୍ଷ ଗୋଏଙ୍କାଙ୍କ କମେଣ୍ଟ ବିଭାଗରେ ୟୁଜର୍ ଏଭଳି ବିପଦପୂର୍ଣ୍ଣ ଷ୍ଟଣ୍ଟ ପାଇଁ ବ୍ୟକ୍ତି ଜଣଙ୍କୁ ନିନ୍ଦା କରିଛନ୍ତି । ଭିଡିଓ ପ୍ରସ୍ତୁତି ଲାଗି ଜୀବନକୁ ବିପଦରେ ପକାଇଥିବାରୁ ଲୋକେ ତାଙ୍କୁ ଗାଳି କରୁଛନ୍ତି । ଷ୍ଟଣ୍ଟଟି ସଫଳ ହେଲେ ସୁଦ୍ଧା ତାହା ସମ୍ପୂର୍ଣ୍ଣ ଭାବେ ମୂର୍ଖାମି ବୋଲି କିଛି ୟୁଜର୍ ପ୍ରତିକ୍ରିୟା ଦେଇଛନ୍ତି । ଏହା ଦାୟିତ୍ୱହୀନତାକୁ ଦର୍ଶାଉଛି ବୋଲି ଅନ୍ୟ କିଛି କହିଛନ୍ତି ।

# ସଫା ରଖନ୍ତୁ ବିୟୁଟି ପ୍ରଡକ୍ଟସ୍

### ମେକଅପ୍ ବ୍ରଶ୍

ମେକଅପ୍ ପାଇଁ ବ୍ୟବହୃତ ବ୍ରଶ୍‌କୁ ସଫା କରିବା ଜରୁରୀ । ବ୍ରଶ୍ ଏବଂ ସ୍ୱଞ୍ଜକୁ ସଫା କରିବା ପାଇଁ ଏକ ବଡ଼ ପାତ୍ରରେ ପାଣି ନିଅନ୍ତୁ । ସେହି ପାଣିରେ ବ୍ରଶ୍ ଏବଂ ସ୍ୱଞ୍ଜ ଭିଜାଇ କିଛି ସମୟ ଛାଡ଼ି ଦିଅନ୍ତୁ । ତା’ ପରେ ସଫା ପାଣିରେର ଧୋଇ ନିଅନ୍ତୁ । ଦେଖିବେ ଆପଣଙ୍କ ବ୍ରଶ୍‌ରେ ପୁଣି ପୂର୍ବ ରଙ୍ଗ ଫେରି ଆସିବ । ଯଦି ଅଧିକ ମଇଳା ହୋଇଥାଏ ବୋଲି ଭାବୁଥିବେ ତେବେ ପାଣରିରେ ସାମାନ୍ୟ ଲିକ୍ୟୁଇଡ୍ ଡିଟରଜେଣ୍ଟ ମିଶାଇ ଦେବେ ।

### ଫେସ୍ ପାଉଡର ପ୍ୟାଲେଟ୍ସ

ମେକଅପ୍ କରିବା ସମୟରେ କିଛି କିଛି ପାଉଡର ପ୍ୟାଲେଟ୍ ଉପରେ ପଡ଼ିଯାଇଥାଏ । ଏହାକୁ ସଫା କରିବା ପାଇଁ ଗୋଟିଏ ସ୍ପ୍ରେ ବୋତଲରେ ସାନିଟାଇଜର ଭରି ନିଅନ୍ତୁ । ଏହାକୁ ପ୍ୟାଲେଟ୍ ଉପରେ ସ୍ପ୍ରେ କରନ୍ତୁ । ଏହା ପରେ କଟନ୍ ସାହାଯ୍ୟରେ ସଫା କରି ନିଅନ୍ତୁ ।

### ମେକଅପ୍ ପେନସିଲ୍ ଏବଂ ସାର୍ପନର

ମେକଅପ୍ ପେନସିଲ୍ ଏବଂ ସାର୍ପନରକୁ ସଫା କରିବାକୁ ହେଲେ ଏହାକୁ ଆଲକହଲ୍ ଥିବା ଏକ ପାତ୍ରରେ ବୁଡ଼ାଇ କିଛି ସମୟ ଛାଡ଼ି ଦିଅନ୍ତୁ ।



ଏହା ପରେ କଟନ ପ୍ୟାଡ୍ ସାହାଯ୍ୟରେ ସଫା କରନ୍ତୁ । ଏହି କଟନ୍ ପ୍ୟାଡ୍‌ରେ ଆପଣ ପେନ୍‌ସିଲ୍‌କୁ ମଧ ସଫା କରିପାରିବେ । ସଫା କରିବା ପରେର କିଛି ସମୟ ଖରାରେ ରଖନ୍ତୁ ।

### ଲିକ୍ୱିଡ୍ ଫାଉଣ୍ଡେସନ

ଫାଉଣ୍ଡେସନ ବୋତଲ ଏବଂବ ନୋଜଲ୍‌କୁ ସଫା କରିବା ଜରୁରୀ । ଏହାକୁ ସଫା ରଖିବା ପାଇଁ ଆଲକହଲ୍ ଭିଜା କଟନ୍‌ର ବ୍ୟବହାର କରନ୍ତୁ । ଯଦି ଆଲକହଲ୍ ଭିଜା କଟନ୍ ପାଖରେ ନାହିଁ ସ୍ୱଞ୍ଜରେ ସାନିଟାଇଜର ଲଗାଇ ବ୍ୟବହାର କରିପାରିବେ ।

### ଲିପଷ୍ଟିକ୍

ମହିଳାଙ୍କର ମେକଅପ୍ ସାମଗ୍ରୀର ସବୁଠୁ ଅଧିକ ପସନ୍ଦର ଜିନିଷ ହେଉଛି ଲିପଷ୍ଟିକ । ଲିପଷ୍ଟିକ ସଫା କରିବା ପାଇଁ ଆଇସୋପ୍ରୋପିଲ ଆଲକହଲ୍ ବ୍ୟବହାର କରିପାରିବେ । ଏହା ବ୍ୟତୀତ ଜରୁରି କଥା ଯେ ଆପଣଙ୍କ ଲିପଷ୍ଟିକ୍‌କୁ ଅନ୍ୟ କାହାସହିତ ସେୟାର କରନ୍ତୁ ନାହିଁ ।

## ସକାଳେ ଆଇସ୍‌କ୍ରିମ୍ ଖାଉଥିବା ବ୍ୟକ୍ତି ଅଧିକ ସ୍ମାର୍ଟ



ଟୋକିଓର କ୍ୟୋରିନ୍ ୟୁନିଭର୍ସିଟିର ଗବେଷକଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟ ଅଧ୍ୟୟନ ଅନୁସାରେ, ଯେଉଁମାନେ ସକାଳେ ଜଳଖିଆରେ ଆଇସ୍‌କ୍ରିମ୍ ଖାଆନ୍ତି, ଅନ୍ୟମାନଙ୍କ ତୁଳନାରେ ସେମାନେ ଅଧିକ ସ୍ମାର୍ଟ । ମନକୁ ଜାଗ୍ରତ କରିବାରେ ଆଇସ୍‌କ୍ରିମ୍‌ର ପ୍ରଭାବ ରହିଛି । ସକାଳେ ବିଛଣା ଛାଡ଼ିବା ସଙ୍ଗେସଙ୍ଗେ ଆଇସ୍‌କ୍ରିମ୍ ଖାଇବା ଦ୍ୱାରା ମସ୍ତିଷ୍କକୁ ଏକ ପ୍ରକାର ଝଟ୍‌କା ଲାଗେ । ଫଳରେ ଏହା ସକ୍ରିୟ ହୋଇଯାଏ । ଏହା ଦ୍ୱାରା ମାନସିକ ଦକ୍ଷତା ବଢ଼ିଥାଏ । ମସ୍ତିଷ୍କକୁ ତାହା ସେହି ସ୍ତରକୁ ନେଇଯାଏ ଯାହା ଦିନସାରା ଜଣକୁ ସତର୍କ ରଖେ । ଏଭଳି ଏକ ଅସାଧାରଣ ଅଧ୍ୟୟନକୁ ପ୍ରମାଣ କରିବା ପାଇଁ ଏହି ୟୁନିଭର୍ସିଟିର ଗବେଷକମାନେ କିଛି ପରୀକ୍ଷା କରିଥିଲେ । କେତେକ ପ୍ରତିଯୋଗୀଙ୍କୁ ଦୁଇଟି ଦଳରେ ବିଭକ୍ତ କରିଥିଲେ । ଗୋଟିଏ ଦଳକୁ ସକାଳେ ଉଠିବା ମାତ୍ରେ ଆଇସ୍‌କ୍ରିମ୍ ଖାଇବାକୁ ଦିଆଗଲା । ଅଧ୍ୟୟନ ଅନୁସାରେ, ସକାଳେ ଆଇସ୍‌କ୍ରିମ୍ ଖାଇଥିବା ବ୍ୟକ୍ତି ଦିନସାରା ଭଲ ପ୍ରଦର୍ଶନ କରିଥିଲେ । କିନ୍ତୁ ଅନ୍ୟ ଦଳଠାରେ ସେଭଳି କିଛି କାର୍ଯ୍ୟକଳାପ ପରିଲକ୍ଷିତ ହେଲାନାହିଁ । ମସ୍ତିଷ୍କ ଉପରେ ଏହାର ସିଧାସଳଖ ପ୍ରଭାବ ପଡୁଥିବାରୁ ଥଣ୍ଡା ଆଶଙ୍କା ଦେଖାଦେଇପାରେ ବୋଲି କିଛି ଗବେଷକ ଏହି ଅଧ୍ୟୟନକୁ ଚ୍ୟାଲେଞ୍ଜ କରିଛନ୍ତି । ଏହାଛଡ଼ା ମାତ୍ରାଧିକ ସର୍କରା ଶରୀର ପାଇଁ ହାନିକାରକ ବୋଲି କେତେକ ମତ ଦେଇଛନ୍ତି ।

# କାର୍ଗୋ ଟ୍ରାଉଜର

ନବେ ଦଶକର ଫ୍ୟାଶନ ଏବେ ଫେରିଆସିଛି । ଅଧିକାଂଶ ଝିଅ ଏମିତି ଫ୍ୟାଶନ ଜାରି କରିବାର ଦେଖିବାକୁ ମିଳୁଛି । କାର୍ଗୋ ପ୍ୟାଣ୍ଟ ଆଜି ବି ଟ୍ରେଣ୍ଡରେ ରହିଛି । ଏହି ପ୍ୟାଣ୍ଟ ଷ୍ଟାଇଲିଶ୍ ଦେଖାଯିବା ସହିତ ଆରାମଦାୟକ ହୋଇଥାଏ । ଏହାକୁ ବିଭିନ୍ନ ପ୍ରକାର ଷ୍ଟାଇଲରେ ପିନ୍ଧିହେବ । ଅଫିସ୍ ହେଉ ବା ସାଙ୍ଗମାନଙ୍କ ସହ ହ୍ୟାଙ୍ଗଆଉଟ୍‌କୁ ପରଫେକ୍ଟ ଲୁକ୍ ଦେଇଥାଏ କାର୍ଗୋ ପ୍ୟାଣ୍ଟ ।

### ଅଫିସ୍ :

ଅଫିସ୍ ପାଇଁ ନ୍ୟାରୋ କାର୍ଗୋ ପ୍ୟାଣ୍ଟ ବହୁତ ଭଲ । ଏହା ଷ୍ଟାଇଲିଶ୍ ଲାଗିବା ସହିତ ଫର୍ମାଲ୍ ଲୁକ୍ ଦେଇଥାଏ । ଏହି ପ୍ୟାଣ୍ଟ ତଳପଟୁ ନ୍ୟରୋ ହୋଇଥାଏ ଏବଂ ଏହାର ସାଇଡ୍‌ରେ ସିଙ୍ଗଲ୍ ପକେଟ୍ ରହିଥାଏ । ଯାହା ପରଫେକ୍ଟ କାର୍ଗୋ ଲୁକ୍ ଦେଇଥାଏ । ଅଫିସ୍ ପାଇଁ ଲାଇଟ୍ ସ୍ୟାଡୋ କାର୍ଗୋ ଟ୍ରାଉଜର ନିଅନ୍ତୁ । ଏହି ଟ୍ରାଉଜର ସହିତ ହ୍ୱାଇଟ୍ ସାର୍ଟ ଟିମଅପ୍ କରନ୍ତୁ ।

### ଟ୍ରାଭେଲ :

ଟ୍ରାଭେଲ ସମୟରେ ଆମେ ବିଭିନ୍ନ ପ୍ରକାର ଷ୍ଟାଇଲିଶ୍ ପୋଷାକ ପିନ୍ଧୁ । କିନ୍ତୁ ଏହା



ଆମ ପାଇଁ ଆରାମଦାୟକ ହୋଇନଥାଏ । ସେଥିପାଇଁ ଟ୍ରାଭେଲ କରିବା ବେଳେ ଏମିତି ପୋଷାକ ହେବା ଦରକାର ଯାହା ଷ୍ଟାଇଲିଶ୍ ଦେଖାଯିବା ସହିତ ଆରାମଦାୟକ ହୋଇଥିବ । ଟ୍ରେକିଙ୍ଗ ପାଇଁ ମିଲିଟାରି ଡିଜାଇନର୍ କାର୍ଗୋ ପ୍ୟାଣ୍ଟ ପିନ୍ଧି ପାରିବେ । ଏହା କୁଲ୍ ଲୁକ୍ ଦେଇଥାଏ । ଏହା ସହିତ ଆପଣଙ୍କ ମନପସନ୍ଦର କୌଣସି ଟି-ସାର୍ଟ ପିନ୍ଧି ପାରିବେ । ଟ୍ରାଭେଲିଂ ବେଳେ ଆରାମ ଲାଗିବା ସହିତ ଟ୍ରାଭେଲିଂର ମଜା ନେଇ ପାରିବେ ।

### ଡେଟ୍ :

ଡେଟ୍‌ରେ ଝିଅଙ୍କୁ ଷ୍ଟାଇଲିଶ୍ ପୋଷାକ ଦରକାର । ହେଲେ ଅନେକ ସମୟରେ ସେମାନେ କମ୍ଫର୍ଟ କଥା ଭୁଲି ଯାଆନ୍ତି । ଏମିତିରେ ଡେଟ୍‌ରେ ମଜା ଫିକା ପଡ଼ିଯାଏ । ତେଣୁ କମ୍ଫର୍ଟେବଲ ଓ ଷ୍ଟାଇଲିଶ ପୋଷାକ ପିନ୍ଧିବା ଦରକାର । କାର୍ଗୋ ପ୍ୟାଣ୍ଟ ଡେଟିଂ ପାଇଁ ପରଫେକ୍ଟ । ଷ୍ଟାଇଲିଶ୍ ଲୁକ୍ ପାଇଁ ସ୍କିନ୍‌ଫିଟ୍ କାର୍ଗୋ ପ୍ୟାଣ୍ଟ ସହିତ କ୍ରପ୍ ଟପ୍ ପିନ୍ଧିପାରିବେ । ପସନ୍ଦ ଅନୁଯାୟୀ ସୁଜ୍ କିମ୍ବା ହାଇ ହିଲ୍ ପିନ୍ଧିପାରିବେ ।

### ହ୍ୟାଙ୍ଗଆଉଟ୍ :

ସାଙ୍ଗମାନଙ୍କ ସହ ହ୍ୟାଙ୍ଗଆଉଟ୍ ପାଇଁ ଯାଇଥିଲେ ଏଭରଗ୍ରୀନ୍ ଡେନିମ୍‌ର କାର୍ଗୋ ପ୍ୟାଣ୍ଟ ନିଅନ୍ତୁ । ଏହା ଫ୍ୟାଶନେବଲ ଲୁକ୍ ଦେଇଥାଏ । ଏହା ସହିତ ଟପ୍, ଟି-ସାର୍ଟ କିମ୍ବା ଡେନିମ୍ ଜ୍ୟାକେଟ୍ ମ୍ୟାଚ କରିପାରିବେ । ଡେନିମ୍ ସହିତ କୌଣସି ବି ଟପ୍‌କୁ ମ୍ୟାଚ କରି ଫଙ୍କି ଲୁକ୍ ଆଣିପାରିବେ । ଅନ୍ୟଙ୍କଠାରୁ ଭିନ୍ନ ଦିଶିବେ ।

### ଜିମ୍ :

କାର୍ଗୋ ପ୍ୟାଣ୍ଟ ଜିମ୍‌ରେ ମଧ ପିନ୍ଧି ହେବ । ଆରାମଦାୟକ ହୋଇଥିବାରୁ ସହଜରେ ଏକ୍ସରସାଇଜ କରି ହୁଏ । ଅଧିକାଂଶ ଜିମ୍ ଟ୍ରାଉଜର ପ୍ୟାଣ୍ଟ ସେପ୍‌ରେ ତିଆରି ହୋଇଥାଏ । ଯେଉଁଥିପାଇଁ ଏହାକୁ ପିନ୍ଧି ଏକ୍ସରସାଇଜ କରିବାକୁ ଝିଅମାନେ ଅସହଜ ମନେ କରନ୍ତି । କିନ୍ତୁ କାର୍ଗୋ ପ୍ୟାଣ୍ଟ ପିନ୍ଧିଲେ ସେପରି କୌଣସି ଅସୁବିଧା ନଥାଏ । ଏହାର ଫାବ୍ରିକ୍ ମୋଟା ହୋଇଥାଏ । ଜିମ୍ ପାଇଁ ମଲ୍ଟି ପକେଟ୍ ଥିବା କାର୍ଗୋ ପ୍ୟାଣ୍ଟ ନିଅନ୍ତୁ । ଜିନିଷ ରଖିବାରେ ସହଜ ହୁଏ । କଟନ୍ ଫାବ୍ରିକର କାର୍ଗୋ ଟ୍ରାଉଜର ଜିମ୍ ପାଇଁ ଭଲ ।

# ବାରାକୁଡ଼ା

ବାରାକୁଡ଼ା ଏକ ସାମୁଦ୍ରିକ ମାଛ । ଏହା ମଣିଷର ଖାଦ୍ୟ । ବିଶ୍ୱର ସମସ୍ତ ନାତିଶୀତୋଷ୍ଣ ଓ ବିଷୁବ ମଣ୍ଡଳୀୟ ସମୁଦ୍ରରେ ମୋଟି କୋଡ଼ିଏ ପ୍ରଜାତିର ବାରାକୁଡ଼ା ଦେଖାଯାଆନ୍ତି । ଏହା ମାଂସାହାରୀ ମାଛ । ଶରୀର ସୁଦୀର୍ଘ ଓ ସରୁଆ । ଲମ୍ବରେ ଚାରିରୁ ଛଅ ଫୁଟ୍ ଯାଏ ବଢ଼େ । ଶରୀରର ତୁଳନାରେ ଏହାର ପାଟି ବଡ଼, ମାଢ଼ି ଲମ୍ବା ଓ ଦାନ୍ତଗୁଡ଼ିକ ଭାରି ମୁନିଆ । କେତେକ ପ୍ରଜାତିର ବାରାକୁଡ଼ା ଏକୁଟିଆ ଶିକାର କରନ୍ତି ଏବଂ ଆଉ କେତେକ ଦଳରେ । ଅନ୍ୟ ସାମୁଦ୍ରିକ ମାଛ ବାରାକୁଡ଼ାରେ ମୁଖ୍ୟ ଖାଦ୍ୟ । ଏହା ହିଂସ୍ର ପ୍ରକୃତିର । ମଣିଷକୁ ମଧ୍ୟ ଆକ୍ରମଣ କରିବାକୁ ପଛାଏ ନାହିଁ । ବାରାକୁଡ଼ା ଆକ୍ରମଣରେ ଡାଇଭିଂ କରୁଥିବା ମଣିଷଙ୍କ ଜୀବନ ଯାଇଥିବାର ବହୁ ନଜିର ଅଛି । ଗୋଆ, କର୍ଣ୍ଣାଟକ ଓ କେରଳର ଅଧିକାଂଶ ଉପକୂଳବର୍ତ୍ତୀ ସହରରେ ଅନେକ ଭୋଜନାଳୟରେ ବାରାକୁଡ଼ା ମାଛ ତିଆରି ସ୍ୱତନ୍ତ୍ର ଖାଦ୍ୟ ପରିବେଷଣ କରାଯାଏ । ଏହି ମାଛ ପ୍ରସ୍ତୁତ ଖାଦ୍ୟ ବେଶ ସ୍ୱାଦିଷ୍ଟ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭବିଷ୍ୟତ ଦେଖି କର୍ମ ପନ୍ଥା...

କରୋନା ମହାମାରୀର ବ୍ୟାପକତା କ୍ରମଶଃ ଊଣା ହେବାରେ ଲାଗିଥିବାର ସୂଚନା ମିଳିଛି । ସଂକ୍ରମଣ ହାରରେ ଦ୍ରୁତ ନିମ୍ନଗତି ଆଶ୍ୱସ୍ତିର କାରଣ ହୋଇ ଦେଖାଦେଇଛି । ଦେଶବ୍ୟାପୀ ସ୍ଥିତି କେଉଁଠି ହେଲେ ପୂର୍ବ ସ୍ଥିତି ନାହିଁ । ଦିଲ୍ଲୀ, ମୁମ୍ବାଇ ଓ ଅନ୍ୟତ୍ର ଧୀରେ ଧୀରେ ସ୍ଥିତି ସ୍ୱାଭାବିକତା ଦିଗରେ ଅଗ୍ରସର ହେଉଛି । କେଉଁଠି ଯୁଗ୍ମ-ଅଯୁଗ୍ମ ପାଳିରେ ଦୋକାନ ଖୋଲିଛି ତ' ଆଉ କେଉଁଠି ମେଟ୍ରୋ ଏବଂ ଯାନ ଚଳାଚଳ ସୀମିତ ଭାବରେ ଆରମ୍ଭ ହେବା ନିଶ୍ଚିତ ରୂପେ ଦ୍ୱିତୀୟ ଲହର ସଂକ୍ରମଣ କାବୁ ହେବା ପର ସ୍ଥିତିକୁ ନିଶ୍ଚିତ ସଙ୍କେତ କରୁଛି । ସଂକ୍ରମଣ ହାର କମ୍ ହୋଇଥିଲେ ସୁଦ୍ଧା ମୃତ୍ୟୁହାର ବୃଦ୍ଧି ଉଦ୍‌ବେଗର ନିଶ୍ଚିତ କାରଣ ହୋଇଛି । ଯେହେତୁ କରୋନାର ଦୁଇ ଲହର ସାଧାରଣ ଲୋକଙ୍କର ଜୀବନକୁ ଦୁର୍ବିସହ କରିସାରିଲାଣି, ଅପେକ୍ଷାକୃତ ଆଶ୍ୱାସ୍ତିସୂଚକ ସ୍ଥିତି ଦେଖାଦେଇଥିବାରୁ ସମସ୍ତ ଦିଗକୁ ବିଚାରକୁ ନେଇ କର୍ତ୍ତୃପକ୍ଷ କଟକଣାକୁ କୋହଳ କରିବାକୁ ନିଷ୍ପତ୍ତିନେଇଥିବା ବିଶ୍ୱାସ କରାଯାଉଛି । ଦେଶର ବିଭିନ୍ନ ପ୍ରାନ୍ତରେ ସ୍ଥିତି ଅଲଗା ପ୍ରକାର ରହିଛି । ତାହାରି ଭିତରେ ଏବେ ସମୟ ଆସିଯାଇଛି, ଯେତେବେଳେ କି କରୋନାଜନିତ ମହାସଙ୍କଟରୁ ମୁକୁଳାଇ କିଭଳି ଅର୍ଥନୀତିକୁ ପୂର୍ବ ଅବସ୍ଥାକୁ ଫେରାଇ ଅଣାଯିବ, ସେଥିପାଇଁ ବସ୍ତୁନିଷ୍ଠ ପଦକ୍ଷେପ ନିଆଯିବା ଜରୁରି ହୋଇ ଦେଖାଦେଇଛି । ପିଲାମାନଙ୍କର ପାଠପଢ଼ା, ପରୀକ୍ଷାଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ପ୍ରଶାସନ ଆଗରେ ଜୀବନରକ୍ଷା ଓ ସ୍ୱାସ୍ଥ୍ୟର ସୁରକ୍ଷା ଅଗ୍ରପ୍ରାଧାନ୍ୟ ପାଇଛି । ଯୁକ୍ତଦୁଇ ପରୀକ୍ଷା, ଉଭୟ ସିବିଏସ୍‌ଇ ଓ ଆଇସିଏସ୍‌ଇର ବାତିଲ କରାଯିବା ପରେ ଏବେ ଜେଇଇ ଘୁଞ୍ଚାଯିବା ଘୋଷଣା କରାଯାଇଛି । ସଂକ୍ରମଣ ସଂକୁଚିତ ହୋଇଛି ବୋଲି ବେପରବାୟ ହୋଇ ବିପଦ ବରଣ କରିବା, ତାହା ହୋଇପାରିବ ନାହିଁ । ସମସ୍ତେ ଜାଣିଛନ୍ତି, ମାତ୍ର ଦୁଇ ସପ୍ତାହ ଭିତରେ ଜାତୀୟ ସ୍ତରରେ ମୃତ୍ୟୁସଂଖ୍ୟା ଦୁଇଗୁଣା ବଢ଼ିଯାଇଛି । ଏହା ନିଶ୍ଚିତ ରୂପେ ଗଭୀର ଉଦ୍‌ବେଗର କାରଣ । ବିଭିନ୍ନ ରାଜ୍ୟର ସ୍ଥିତିକୁ ବିଚାର କରାଯାଇ ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ନେଇ ବ୍ୟବସ୍ଥା କରାଯାଉଛି । ଆମ ରାଜ୍ୟରେ ସଂକ୍ରମଣ ହାର ସାତ ଶତାଂଶରୁ ଊଣା ହୋଇଥିବା ଭିତରେ ସତରରେ ପୂରିଯାଉଥିବା ଲକ୍‌ଡାଉନ୍ କଟକଣା ମିଆଦରେ କୋହଳ କରାଯିବା ସମ୍ଭାବନା ସୃଷ୍ଟି ହୋଇଛି । ସୋମବାର ବେଳକୁ ସଂକ୍ରମଣ ହାର ୬.୩୩% ପହଞ୍ଚିଯିବା ଭିତରେ ବିଚାର କରାଯାଇପାରେ ଯେ, ଲକ୍‌ଡାଉନ୍ କଟକଣା କୋହଳ କରାଯାଇପାରିବ । ରାଜ୍ୟର ୧୨ଟି ଜିଲ୍ଲା ଏବେ ଗ୍ରୀନ୍ ଜୋନ୍ ହୋଇଥିବା ହେତୁ ଦଫାୱାରୀ କକଣା ଉଠିଯିବା ନେଇ ବ୍ୟବସ୍ଥା କରାରାଇପାରେ । ବୋଲି କୁହାଯାଉଛି । ଯେଉଁ ଜିଲ୍ଲା ଗୁଡ଼ିକ ଏବେ ରେଡ୍ ଓ ୟେଲୋ ଜୋନ୍ ହୋଇ ରହିଛି, ସେହି ଜିଲ୍ଲାଗୁଡ଼ିକରେ କଟକଣା ନିଷ୍ପତ୍ତି ଅଲଗା ପ୍ରକାର ହେବ । ସମସ୍ତଙ୍କ ଭିତରେ କରୋନା ସଂକ୍ରମଣଜନିତ ଜଟିଳ ସ୍ଥିତି ନେଇ ନାନା ଆଶଙ୍କା ଦେଖାଦେଉଛି । ମୁଦ୍ରାସ୍ଫୀତି କେଉଁ ସ୍ତରରେ ଯାଇ ପହଞ୍ଚି ସାରିଲାଣି, ସମସ୍ତେ ଦେଖୁଛନ୍ତି । ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଜନଜୀବନକୁ ଅସହ୍ୟ ଯନ୍ତ୍ରଣା ଭିତରକୁ ଠେଲିଦେଇଛି । ସର୍ବନିମ୍ନ ମୌଳିକ ଆବଶ୍ୟକତା ପୂରଣ ଦୂରର କଥା, ସମସ୍ତଙ୍କ ପାଇଁ କଠିନ ସମୟ ଆଣିଦେଇଛି ଏବଂ ଏହି ଦୁଇ ଦୁଇ ସଂକ୍ରମଣ ଲହର । ସେହି ଦୃଷ୍ଟିରୁ ବିଚାର କରାଗଲେ ସଂକ୍ରମଣ ରୋକାଯିବା ସହିତ ସାଧାରଣ ଜନଜୀବନକୁ ସ୍ୱାଭାବିକ କରାଯିବା ପାଇଁ ଯଥେଷ୍ଟ ସାବଧାନତା ଅବଲମ୍ବନ କରାଯିବା ଦରକାର । ଲକ୍‌ଡାଉନ୍ କୋହଳ ପାଇଁ ଅବସ୍ଥା ଦେଖି ବ୍ୟବସ୍ଥା ଗ୍ରହଣ ଏକମାତ୍ର ରାସ୍ତା । ଐତିହ୍ୟ ସ୍ଥଳ ଖୋଲାଯିବା ଭଳି ବିଭିନ୍ନ କଟକଣା କୋହଳ ନେଇ ପର୍ଯ୍ୟାୟକ୍ରମେ ପଦକ୍ଷେପ ଗ୍ରହଣ ବିଜ୍ଞତାର କାର୍ଯ୍ୟ ହେବ । ଜାତୀୟ ସ୍ତରରେ ଯେମିତି, ରାଜ୍ୟ ସ୍ତରରେ ସ୍ଥିତି ପ୍ରାୟ ସମାନ । କିନ୍ତୁ ଦେଖିବାକୁ ହେବ, କେଉଁଠି ସଂକ୍ରମଣ ହାର ନେଇ କିଭଳି ପଦକ୍ଷେପ ନିଆଯାଉଛି । କଟକଣା କୋହଳ ନେଇ ଏମିତିରେ ଖାମଖିଆଲି ପଦକ୍ଷେପ ନିଆଯିବା ସହଜ ହୋଇନପାରେ । କାରଣ ପ୍ରଥମ ଲହର ସଂକ୍ରମଣ ବେଳର ଅଭିଜ୍ଞତା ଯେତିକି ତିକ୍ତତା ଆଣିଦେଇଛି, ସେଥିରୁ ଆମେ କ'ଣ ଶିକ୍ଷା ଲାଭ କରିଛୁ ତାହାରି ଆଧାରରେ ଦ୍ୱିତୀୟରୁ ମୁକୁଳିବା ପାଇଁ ପର୍ଯ୍ୟାପ୍ତ ସାବଧାନତା କେତେ ଜରୁରି, ତାହା ଦେଖାଯିବା ଦରକାର । ତେଣୁ ଜାତୀୟ ତଥା ବିଶ୍ୱସ୍ତରୀୟ ଅଭିଜ୍ଞତା ଏହି ଦିଗରେ ମାର୍ଗ ଦର୍ଶକ ହେବା ଜରୁରୀ ।

## ମୂଲ୍ୟବୃଦ୍ଧି ଏବଂ ସାଧାରଣ ଉପଭୋକ୍ତାଙ୍କ ଦୁର୍ଦ୍ଦଶା



ପ୍ରଦୀପ୍ତ ଆଚାର୍ଯ୍ୟ

ଆବଶ୍ୟକୀୟ ଜିନିଷକୁ କ୍ରୟ କରି ଉପଭୋଗ କରୁଥିବା ବ୍ୟକ୍ତି ମାନେହିଁ ଉପଭୋକ୍ତା ।ସାଧାରଣତଃ ସମାଜରେ ତିନି ଶ୍ରେଣୀର ଉପଭୋକ୍ତା ଦୃଷ୍ଟି ଗୋଚର ହୁଅନ୍ତି । ଉଚ୍ଚ ବର୍ଗ, ମଧ୍ୟମ ବର୍ଗ ଏବଂ ନିମ୍ନ ବର୍ଗ । କ୍ରୟ କ୍ଷମତା ଅନୁଯାୟୀ ଏହି ବିଭାଗୀକରଣ ହୋଇଥାଏ । ଉଚ୍ଚ ବର୍ଗର ଉପଭୋକ୍ତାଙ୍କର ଆର୍ଥିକ ସ୍ୱଚ୍ଛଳତା ପାଇଁ, ମୂଲ୍ୟବୃଦ୍ଧି ଦ୍ୱାରା ସେମାନେ ବିଶେଷ ପ୍ରଭାବିତ ହୁଅନ୍ତି ନାହିଁ।ନିମ୍ନ ଆୟକାରୀ ବର୍ଗଙ୍କର ସ୍ୱଳ୍ପ ଆୟ ନିମନ୍ତେ, ମୂଲ୍ୟବୃଦ୍ଧି ସମୟରେ, ସେମାନେ ସେମାନଙ୍କର ଆବଶ୍ୟକତାକୁ ସଙ୍କୁଚିତ କରିଥାନ୍ତି । କିନ୍ତୁ ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି ମଧ୍ୟମ ବର୍ଗର ଉପଭୋକ୍ତା । ନାଁ ସେମାନେ ଆବଶ୍ୟକତାକୁ ସଙ୍କୁଚିତ କରିପାରନ୍ତି, ନାଁ ସେମାନଙ୍କର କ୍ରୟ କ୍ଷମତା ଅଧିକ ଥାଏ । ଉପଭୋଗ୍ୟ ଦ୍ରବ୍ୟ ଗୁଡିକୁ ମଧ୍ୟ ତିନି ଭାଗରେ ବିଭକ୍ତ କରାଯାଇଛି । (୧) ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଯଥା- ଖାଦ୍ୟ ବସ୍ତ୍ର ବାସଗୃହ, ଯାହାକି ଜୀବନ ଧାରଣ ନିମନ୍ତେ ଅପରିହାର୍ଯ୍ୟ (୨) ଆରାମଦାୟକ ଦ୍ରବ୍ୟ ଯଥା-ଫ୍ୟାନ, ଓାଟର ପମ୍ପ, ଗ୍ରାଇଣ୍ଡର ଇତ୍ୟାଦି, ଯାହା ଶ୍ରମ ଲାଘବରେ ସହାୟକ ହୋଇଥାଏ (୩) ବିଳାସପୂର୍ଣ୍ଣ ଦ୍ରବ୍ୟ ଯଥା- ଗାଡି, ମୂଲ୍ୟବାନ ଗୃହ, ଶୀତତାପ ନିୟନ୍ତ୍ରିତ ଯନ୍ତ୍ର, ଯାହା ଜୀବନକୁ ସ୍ୱାଚ୍ଛନ୍ଦତା ପଥରେ ଆଗେଇ ନେଇଥାଏ ।ବିଭିନ୍ନ ବର୍ଗର ଉପଭୋକ୍ତା ମଧ୍ୟ ଚାହିଦା ଅନୁଯାୟୀ ଦ୍ରବ୍ୟ ବ୍ୟବହାର କରିଥାନ୍ତି । ସର୍ବ ପ୍ରଥମେ ଆମେ ଦେଖିବା ମୂଲ୍ୟବୃଦ୍ଧିର କାରଣ କଣ ? (୧) ମୂଲ୍ୟବୃଦ୍ଧିର ସର୍ବ ପ୍ରଥମ କାରଣ ହେଉଛି,ଦ୍ରବ୍ୟର ଚାହିଦା ଅନୁସାରେ ଉତ୍ପାଦନ ହ୍ରାସ ଘଟିବା ।ସାଧାରଣତଃ ଗ୍ରାମାଂଚଳର ଲୋକ ମାନେ କର୍ମ ଅନ୍ୱେଷଣରେ ସହରାଭିମୁଖୀ ହେବା ଦ୍ୱାରା କୃଷି କାର୍ଯ୍ୟ ମୁଖ୍ୟତ ବାଧାପ୍ରାପ୍ତ ହେଉଅଛି। ଦେଶର ଅର୍ଥନୀତିର ମେରୁଦଣ୍ଡ ହେଉଛି କୃଷି । କୃଷି କାର୍ଯ୍ୟ ସଙ୍କୁଚିତ ହେଲେ, ଉତ୍ପାଦନ ହ୍ରାସ ହେଉଛି, ଏବଂ କୃଷିଜାତ ଖାଦ୍ୟ ପଦାର୍ଥର ମୂଲ୍ୟ ଅହେତୁକ ଭାବରେ ବୃଦ୍ଧି ପାଉଛି। ବିଭିନ୍ନ ଯୋଜନା ମାଧ୍ୟମରେ, ସରକାରଙ୍କ ଦ୍ୱାରା, ନିମ୍ନ ଆୟକାରୀ ବର୍ଗ ବ୍ୟକ୍ତି ମାନଙ୍କୁ ପ୍ରଦତ୍ତ ବିନା ମୂଲ୍ୟ ସାମଗ୍ରୀ ବଂଟନ ମଧ୍ୟ, ପରୋକ୍ଷ ଭାବରେ ଉତ୍ପାଦନ ହ୍ରାସର କାରଣ ହେଉଛି । ଉଚ୍ଚ ଆକାଂକ୍ଷା ରହିତ, ସାଧାରଣ ନିମ୍ନ ଆୟକାରୀ ବର୍ଗ ବ୍ୟକ୍ତି ମାନଙ୍କର, ଖାଦ୍ୟର ଆବଶ୍ୟକତା, ମାଗଣା ଦ୍ରବ୍ୟ ପ୍ରାପ୍ତିରେ ପୁରଣ ହୋଇଯାଉଥିବାରୁ, ସେମାନେ କର୍ମ ବିମୁଖ ହୋଇଯାଉଛନ୍ତି। (୨) ମୁଦ୍ରାସ୍ଫୀତି ମଧ୍ୟ ଉତ୍ପାଦନ ହ୍ରାସ ଏବଂ ମୂଲ୍ୟବୃଦ୍ଧିର ଅନ୍ୟତମ କାରଣ। ବେତନ ବୃଦ୍ଧି, କମ୍ କାମରେ ଅଧିକ ରୋଜଗାର, ଲୋକମାନଙ୍କ ନିକଟରେ ଅର୍ଥର ଆଧିକ୍ୟ ହେତୁ, ସେମାନେ କଠିନ କର୍ମ କରିବାକୁ ପଶ୍ଚାତପଦ ହେଉଛନ୍ତି, ଯାହାକି ଉତ୍ପାଦନ ହ୍ରାସର କାରଣ । ମୂଲ୍ୟବୃଦ୍ଧି କାରଣରୁ ମୁଦ୍ରାସ୍ଫୀତି ଘଟେ ବୋଲି ଅର୍ଥନୀତିଜ୍ଞ ମାନଙ୍କର ମତ। ମୁଦ୍ରାସ୍ଫୀତିର ଆଉ ଏକ ପ୍ରମୁଖ କାରଣ ହେଉଛି କଳାଧନ ।ସାଧାରଣତ ଦୁର୍ନୀତି ଓ କ୍ଷମତାର ଅପବ୍ୟବହାର ଯୋଗୁଁ କଳାଧନ ବୃଦ୍ଧି ଘଟିଥାଏ । କଳାଧନର ପରିମାଣ ଯେତେ ଅଧିକ ହୁଏ, ମୁଦ୍ରାସ୍ଫୀତି ଏବଂ ମୂଲ୍ୟବୃଦ୍ଧି ମଧ୍ୟ ସମାନ ପରିମାଣରେ ଅଧିକ ହୋଇଥାଏ। (୩) ସାଧାରଣତ ନିର୍ବାଚନ ପରେ ପରେ ମଧ୍ୟ ବହୁଳ ଭାବରେ ମୂଲ୍ୟବୃଦ୍ଧି ପରିଲକ୍ଷିତ ହୋଇଥାଏ ।କିଛି ଅସାଧୁ ରାଜନୈତିକ ପ୍ରାର୍ଥୀ, ନିର୍ବାଚନ ସମୟରେ, ବଡ ବଡ ବ୍ୟବସାୟୀଙ୍କ ଠାରୁ ଚାନ୍ଦା ନେଇ, ନିର୍ବାଚନ ଖର୍ଚ୍ଚ ତୁଲାଇ ଥାନ୍ତି । ନିର୍ବାଚନ ସରିଗଲା ପରେ ବ୍ୟବସାୟୀ ମାନେ ଏକତ୍ରିତ ହୋଇ, ଦେଇଥିବା ଅର୍ଥର ଭରଣା କରିବା ନିମନ୍ତେ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ମୂଲ୍ୟବୃଦ୍ଧି କରିଥାନ୍ତି।ସାଧାରଣତଃ ବଜାରରେ ଯଦି କୌଣସି ଜିନିଷର ଚାହିଦା ବୃଦ୍ଧି ଘଟିଥାଏ, ଅସାଧୁ ବ୍ୟବସାୟୀ ମାନେ, ସେହି ଜିନିଷଟିର କୃତିମ ଅଭାବ ସୃଷ୍ଟି କରି, ଅହେତୁକ ମୂଲ୍ୟବୃଦ୍ଧି ଘଟାଇଥାନ୍ତି।ଫଳରେ ସାଧାରଣ ଉପଭୋକ୍ତା ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। (୪) ଉତ୍ପାଦନ ହ୍ରାସ ସାଙ୍ଗକୁ ଜନସଂଖ୍ୟା ବିସ୍ଫୋରଣ ମଧ୍ୟ ମୂଲ୍ୟବୃଦ୍ଧିରେ ସହାୟକ ଭୂମିକା ନିର୍ବାହ କରେ। (୫) ମୁନାଫାଖୋର ଅସାଧୁ ବ୍ୟବସାୟୀଙ୍କ ଉପରେ, କୋହଳ ସରକାରୀ ନିୟନ୍ତ୍ରଣ, ମୂଲ୍ୟବୃଦ୍ଧିର ଅନ୍ୟତମ ପ୍ରଧାନ କାରଣ କହିଲେ ଅତ୍ୟୁକ୍ତି ହେବନାହିଁ। ସରକାର ଏବଂ ଜନସାଧାରଣଙ୍କ ତରଫରୁ କିଛି ସତର୍କତା ମୂଳକ ପଦକ୍ଷେପ ନିଆଗଲେ, ହୁ ହୁ ହୋଇ ବଢୁଥିବା ବଜାର ଦର କିୟଦାଂଶରେ ନିୟନ୍ତ୍ରିତ ହୋଇ ପାରନ୍ତା। (୧) ପ୍ରଥମେ ସାଧାରଣ ଖାଉଟି, ସେମାନଙ୍କର ମାନସିକତାର ପରିବର୍ତ୍ତନ କରି, କର୍ମବିମୁଖ ନହୋଇ, ଉତ୍ପାଦନ ବୃଦ୍ଧି ନିମନ୍ତେ କର୍ମପ୍ରବଣ ହେବା ଉଚିତ୍। (୨)ସରକାର ନିମ୍ନ ଆୟକାରୀ ବର୍ଗଙ୍କୁ ମାଗଣାରେ ଜିନିଷ ନଦେଇ, କର୍ମ ବିନିମୟରେ ପ୍ରଦାନ କଲେ,ଉତ୍ପାଦନ ବାଧାପ୍ରାପ୍ତ ହୁଅନ୍ତା ନାହିଁ ଏବଂ ସେମାନଙ୍କ ମନରୁ ଆଳସ୍ୟତା ଓ କର୍ମବିମୁଖତା ଅନେକାଂଶରେ କମିଯାନ୍ତା । (୩) ସରକାର ଯଦି ନିର୍ବାଚନ ପ୍ରଚାର ନିୟମରେ ପରିବର୍ତ୍ତନ ଆଣି, ପ୍ରାର୍ଥୀମାନେ ଲୋକମାନଙ୍କ ଘରକୁ ଯିବାରେ ରୋକ୍ ଲଗାଇ, ଗଣମାଧ୍ୟମ ଜରିଆରେ ପ୍ରଚାର ବ୍ୟବସ୍ଥା ପ୍ରବର୍ତ୍ତନ କରାନ୍ତେ, ତେବେ ନିର୍ବାଚନ ଜନୀତ ବ୍ୟୟ କମିଯାନ୍ତା ଏବଂ ଟଙ୍କା ବାଂଟିବା ପ୍ରକ୍ରିୟାରେ ବାଧା ସୃଷ୍ଟି ହୁଅନ୍ତା। ଫଳରେ ଅସାଧୁ ରାଜନୈତିକ ବ୍ୟକ୍ତିମାନେ, ବ୍ୟବସାୟୀ ମାନଙ୍କ ଉପରେ ଚାନ୍ଦା ପାଇଁ ଜୁଲମ କରନ୍ତେ ନାହିଁ ଏବଂ ସେମାନେ ଦେଇଥିବା ଚାନ୍ଦା ଅର୍ଥକୁ ଭରଣା କରିବା ପାଇଁ ମୂଲ୍ୟବୃଦ୍ଧି କରନ୍ତେ ନାହିଁ। (୪) ଚାନ୍ଦା ଗ୍ରହଣ ନକଲେ, ସରକାର ଅସାଧୁ ଲାଭଖୋର ବ୍ୟବସାୟୀଙ୍କ ପ୍ରତି ନମନୀୟ ମନୋଭାବ ବଦଳରେ କଠୋର ପଦକ୍ଷେପ ଗ୍ରହଣ କରି ପାରନ୍ତେ, ଯାହାକି ଅହେତୁକ ମୂଲ୍ୟବୃଦ୍ଧିକୁ ଅନେକ ପରିମାଣରେ ରୋକା ଯାଇପାରନ୍ତା । (୫)ବେକାର ଯୁବକ ମାନଙ୍କୁ ସରକାର ନିଯୁକ୍ତି ଦେବାର କ୍ଷମତା ପରିସର ବାହାରେ ଥିବାରୁ, ସେମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରି, କୃଷି କ୍ଷେତ୍ରକୁ ଆକୃଷ୍ଟିତ କରାଇ ପାରିଲେ, ନିଶ୍ଚିତ ଭାବରେ ଉତ୍ପାଦନ ବୃଦ୍ଧି ପାଇ ପାରନ୍ତା। (୬) ଉଚ୍ଚ ଆୟ ବର୍ଗର ବ୍ୟକ୍ତିମାନେ, ସେମାନଙ୍କର ଅନାବଶ୍ୟକ କ୍ରୟର ମାନସିକତାକୁ ସଙ୍କୁଚିତ କରାଇଲେ, ଦ୍ରବ୍ୟର ଚାହିଦା ହ୍ରାସ ସଙ୍ଗେ ସଙ୍ଗେ ମୂଲ୍ୟବୃଦ୍ଧି ସ୍ଥିର ରହିପାରନ୍ତା।

ଭାରତୀୟ ସମାଜର ଜୀବନଧାରାର ବିକାଶ ପଥରେ, ମୂଲ୍ୟବୃଦ୍ଧି ଏକ ଅନ୍ତରାୟ ସୃଷ୍ଟି କରାଇବାର ମୁଖ୍ୟାଂଶରେ ଅବତୀର୍ଣ୍ଣ । ମୁଦ୍ରାସ୍ଫୀତିକୁ ଅଙ୍କୁଶ ଲଗାଇ, ଦରଦାମ ବୃଦ୍ଧିକୁ ସ୍ଥିର ଅବସ୍ଥାରେ ରଖିବା, ଗୋଟିଏ ସଫଳ ଓ ଲୋକପ୍ରିୟ ସରକାରର ପ୍ରଥମ ଏବଂ ପ୍ରଧାନ କର୍ତ୍ତବ୍ୟ। ସାଧାରଣ ଲୋକଙ୍କର ସହଯୋଗ ଓ ନିମ୍ନମାନସିକତାର ପରିବର୍ତ୍ତନ ମଧ୍ୟ ଏଦିଗରେ ଏକାନ୍ତ କାମ୍ୟ।


+ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଈଶାଣୀବ୍ରହ୍ମପୁର, କଟକ।
ମୋ-୬୩୭୧୫୯୩୨୨୦


## ସଂକ୍ଷିପ୍ତ ରାମାୟଣ

ଶଙ୍କର ଚରଣ ରାଉତ

ଶ୍ରୀ ଶଙ୍କର ଚରଣ ରାଉତ ଏକାଧାରାରେ ଜଣେ କବି ଓ ଲେଖକ । ଉତ୍କଳ ସମ୍ମିଳନି ଓ ଉତ୍ତର ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭ୍ୟ । ଭାଗବତଗୀତାରେ ପତ୍ର ମାଧ୍ୟମରେ ପଢ଼ି ସାର୍ଟିଫିକେଟ୍ ପାଇବାରେ ଯୋଗ୍ୟ ବ୍ୟକ୍ତି । ଧର୍ମ ବିଷୟରେ ସେ ଦଶଖଣ୍ଡ ପୁସ୍ତକ ରଚନା କରି ପରିଚିତ ହୋଇପାରିଛନ୍ତି । ରାମଚରିତ ମାନସ ଓ ଭାଗବତ ପ୍ରବଚନର ସେ ଜଣେ ପ୍ରବକ୍ତା । ଏହି ସଂକ୍ଷିପ୍ତ ରାମାୟଣକୁ ସେ ବୃହତ୍ ଆକାରରେ ବହୁ ପୂର୍ବରୁ ଲେଖିଥିଲେ । ଯାହାକି ତତ୍କାଳିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱର ଠାରେ ଉଦ୍‌ଘାଟିତ ହୋଇଥିଲା । ବର୍ତ୍ତମାନ ସଂକ୍ଷିପ୍ତ ଆକାରରେ ତାହା ପ୍ରକାଶିତ ହେଉଛି ।



ଭାଗ-୧୭

ଏହାପରେ ବଶିଷ୍ଠ ଭରତଙ୍କୁ କହିଲେ ତୁମେ ତୁମର ଅଭିଷେକ ସମାପ୍ତ କର ଏବଂ ଶୀଘ୍ର ପିତାଙ୍କର ଅନ୍ତ୍ୟେଷ୍ଟିକ୍ରୀୟା ଓ ଶ୍ରାଦ୍ଧ କାର୍ଯ୍ୟ ଶେଷ କର। ଭରତ ସଙ୍ଗେ ସଙ୍ଗେ ନିଜର ରାଜ ପୋଷାକ ପରିବର୍ତ୍ତନ କରି ଏକ ଯୋଗୀ ବେଶରେ ଯାଇ ପିତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ଓ ଶୁଦ୍ଧକ୍ରୀୟା ଶେଷକରି ଗୁରୁ ବିଶିଷ୍ଠ ଏବଂ ଅନ୍ୟ ଅନ୍ୟାନ୍ୟ ପାର୍ଷଦଗଣ ଏବଂ ରାଣୀ ଓ ବଶିଷ୍ଠ ପ୍ରଜାମାନଙ୍କୁ ଡାକି କହିଲେ-ମୁଁ ପ୍ରଥମେ ଜ୍ୟେଷ୍ଠ ଭ୍ରାତା ଶ୍ରୀରାମଙ୍କ ସହିତ ସାକ୍ଷାତ୍ କରିବି ଏବଂ ତାହିଁ ପରେ ଯାହା କରିବି। ଏହା କହି ସେ ଦୁଇଟି ପାଦୁକା ନିଜ ମଥାରେ ରଖିଲେ। କେବଳ ଉର୍ମିଳାଙ୍କ ବ୍ୟତୀତ ସବୁ ରାଣୀ, ପୁତ୍ରବଧୂ, ସାମନ୍ତ, ବିଶିଷ୍ଟ ପ୍ରଜାଗଣ ଭରତଙ୍କ ସାଥୀରେ ଗମନ କଲେ। ପଥ ମଧରେ ସେ ଗୁହକ ଶବରଙ୍କୁ ସାଥିରେ ନେଇ ଶ୍ରୀରାମ ଯେଉଁ ଆଶ୍ରମ ପଥ ଦେଇ ଯାଇଥିଲେ ସେହି ଆଶ୍ରମମାନଙ୍କ ଦେଇ ଗମନ କଲେ ଏବଂ ଶେଷରେ ବାଲ୍ମିକୀ ଋଷିଙ୍କ ଆଶ୍ରମରେ ପହଞ୍ଚିଲେ। ବାଲ୍ମିକୀ ଋଷି ଭରତଙ୍କୁ ବହୁତ ବୁଝାଇ ଆଶ୍ୱାସନା ଦେଲେ ଏବଂ କହିଲେ, ଯାହା ହେବାର ଥିଲା, ତାହା ହୋଇଅଛି। ଶ୍ରୀରାମ ୧୪ ବର୍ଷପରେ ବନରୁ ଫେରିବା ପର୍ଯ୍ୟନ୍ତ ତୁମକୁ ଶାସନ ଦାୟିତ୍ୱରେ ରହିବାକୁ ପଡିବ ଏବଂ ମାତାଙ୍କୁ ଦୋଷ ଦେଇ କୌଣସି ଲାଭ ନାହିଁ। ଶ୍ରୀରାମଙ୍କ ଦ୍ୱାରା ରାବଣ ବଧ ହେବ ।

**ବାଲ୍ମିକୀଙ୍କ ପୂର୍ବଜନ୍ମ ବୃତ୍ତାନ୍ତ**

ବାଲ୍ମିକୀ ଋଷି ଦସ୍ୟୁ ରତ୍ନାକର ଥିଲେ। ବ୍ରହ୍ମା ଓ ନାରଦଙ୍କ ପରାମର୍ଶରେ ରାମ ନାମ ଜପ କରି ବାଲ୍ମିକୀ ଋଷି ହେଲେ। ତାଙ୍କର ପ୍ରଥମ ଶ୍ଳୋକ ରଚନା କରିଥିଲେ।

'ମା ନିଷାଦ ପ୍ରତିଷ୍ଠାଂ
ତ୍ୱମଗମଃ ଶାଶ୍ୱତ୍ୟଃ ସମାଃ
ଯତ୍ର କୌଞ୍ଚ ମିଥୁନାଦି
କେଶ କେଶ କାମମୋହିତମ୍ ।।'

ଏହାପରେ ଭରତ ଗୁହକ ଓ ବଶିଷ୍ଠ ସହିତ ସମସ୍ତଙ୍କୁ ନେଇ ଚିତ୍ର କୂଟରେ ପହଞ୍ଚିବା ପରେ ଭରତ, ବଶିଷ୍ଠ ଆଦି ଋଷିଗଣ ଏବଂ ରାଜା ଜନକଙ୍କର ମଧରେ ଭରତ ଓ ଶ୍ରୀରାମଙ୍କୁ ନେଇ ଯେଉଁ ନିଷ୍ପତ୍ତି ହେବା କଥା, ତାହା ହୋଇପାରିଲା ନାହିଁ। ସମସ୍ତେ ମନସ୍ତାପରେ ସମୟ କଟାଇଲେ। ଚିତ୍ରକୂଟରେ ଜନକ, ବଶିଷ୍ଠ, ଅତ୍ରୀ ଋଷି ଓ ଅଯୋଧ୍ୟାର ପ୍ରଜା ମାନଙ୍କ ମଧରେ ଶ୍ରୀରାମଙ୍କ ବନବାସ ବିଷୟରେ ସେମାନଙ୍କ ମଧରେ ଆଲୋଚନା କରି କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିଲେ ନାହିଁ। ସମସ୍ତେ ଦୁଃଖରେ ଭାଙ୍ଗି ପଡିଲେ। ଦେବତା ମାନଙ୍କ ମଧରେ ଭାଳେଣି ପଡିଲା। (କ୍ରମଶଃ)


+ମଣ୍ଡଗାଁ, ବରୁଣସିଂ,
ବାଲେଶ୍ୱର


## ସରକାର ହାରିଲେ, ଜନତା ଜିତିଲେ: ସରକାର ପକ୍ଷପାତିତା ନ କରନ୍ତୁ

ସୁବ୍ରତ କର



ବହୁତ ଦୁଃଖର କଥା ସରକାରଠୁ ଆରମ୍ଭ କରି ହେଲଥ୍ ସେକ୍ରେଟେରି, ଡି.ଏମ.ଇ.ଟି ଏବଂ ସ୍ୱାୟୀ ବିଭାଗର ନିର୍ଦ୍ଦେଶକ ବାରମ୍ବାର କହି ଆସୁଛନ୍ତି ଆମେମାନେ କରୋନା ରୋଗର ଟ୍ରିଟମେଣ୍ଟ ପାଇଁ ସବୁ ପ୍ରକାରର ପ୍ରସ୍ତୁତ ଅଛି । ଆମ ଜନତା ଭାବିଲେ ଏବଂ ସରକାରଙ୍କୁ ବିଶ୍ୱାସ କଲେ । କିନ୍ତୁ ଶେଷରେ କରୋନାର ଭଲ ହେବାର ପରବର୍ତ୍ତୀ ଅବସ୍ଥାକୁ ବିଚାରକୁ ନେଇ ନାହାନ୍ତି । ବ୍ଲାକ୍ ଫଙ୍ଗସ୍ ରୋଗକୁ ଆୟତ୍ତରେ ଆଣି ପାରି ନାହାନ୍ତି କି ତା ପାଇଁ ଦରକାର ପଡୁଥିବା ଇଂଜେକ୍‌ସନ୍ (୨୮୦୦-୩୦୦୦ ଟଙ୍କା ଦାମ୍) ଯୋଗାଇ ପାରିଲେ ନାହିଁ । ସେହି ରୋଗରେ କିଛି ରୋଗୀ ଠିଆ ଠିଆ ମରିଲେ ସରକାରଙ୍କ ବାହାଦୂରୀପଣିଆ ଫେଲ ମାରିଲା । ଏବେ ଆସିବା କରୋନା ରୋଗୀଙ୍କ ପରବର୍ତ୍ତୀ ଅବସ୍ଥାରେ ଭେଣ୍ଟିଲେଟରରେ ରଖିବାକୁ ପଡ଼େ । ତେବେ ଏହି ସମୟରେ ଭେଣ୍ଟିଲେଟର ପହଞ୍ଚୁଛନ୍ତି ସାଧାରଣ ଭାବରେ ମୃତ୍ୟୁ ମୁଖରୁ ବଞ୍ଚି ଆସିବା କଷ୍ଟକର । ପ୍ରାଇଭେଟ ଡାକ୍ତରଖାନାରେ ଜଣେ ରୋଗୀ ଭେଣ୍ଟିଲେଟରରେ ରହିଲେ ଦିନକୁ ୪୦୦୦ ହଜାର ଟଙ୍କା ପଡ଼େ । କେଉଁ ରୋଗୀ ମରିବ କି ବଞ୍ଚିବ ଠିକ ଠିକଣା ନାହିଁ ତେବେ କାହିଁକି ଭେଣ୍ଟିଲେଟରରେ ରଖିବ । ଏବେ ଆସିବା ଏହାର ପରବର୍ତ୍ତୀ ଅବସ୍ଥାକୁ । ଯେଉଁ ରୋଗୀକୁ ଭେଣ୍ଟିଲେଟର ସମ୍ଭାଳି ପାରୁନାହିଁ ତାକୁ ଶେଷ ମେସିନ୍ ହେଲା ଏକ୍‌ମୋ ମେସିନ୍ । ଏଥିରେ ଟ୍ରିଟ୍‌ମେଣ୍ଟ ଯଦି ଭାଗ୍ୟରେ ଜୁଟେ ସେଥିରେ ବଞ୍ଚିବାର ସକସେସ ରେଟ ହେଉଛି ୫୫ ଭାଗ । ସବୁଠୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଏହି ଯନ୍ତ୍ରଟି ଆମ ରାଜ୍ୟର କୌଣସି ସରକାରୀ ଡାକ୍ତରଖାନା ବା ମେଡିକାଲ କଲେଜରେ ନାହିଁ । ମୋର ଜାଣିବାରେ ଭୁବନେଶ୍ୱରରେ ଦୁଇଟି ପ୍ରାଇଭେଟ ଡାକ୍ତରଖାନାରେ ଅଛି ଏବଂ ଅଳ୍ପ ବ୍ୟବହୃତ ପାଇ ଡାକ୍ତର ଏବଂ ଟେକ୍‌ନିସିଆନ୍ ନାହାନ୍ତି । ଏହି ମେସିନ୍ ବ୍ୟବହାର ପାଇଁ ଏକସପାଟ୍‌ଜିମ୍‌ର ଆବଶ୍ୟକତା ଅଛି ଏବଂ ୫ ଜଣିଆ ଡାକ୍ତରଙ୍କ ଦଳର ମଧ ଆବଶ୍ୟକତା ଅଛି । ଏବେ ଓଡ଼ିଶାରୁ କଲିକତାକୁ ୨ ଜଣ ରୋଗୀ ଏବଂ ଚେନ୍ନାଇକୁ ଜଣ ରୋଗୀ ଟ୍ରିଟମେଣ୍ଟ ପାଇଁ ଯାଇଛନ୍ତି । ଏହି ମେସିନ୍‌ରେ ଟ୍ରିଟମେଣ୍ଟ ହେବାକୁ ଗଲେ ଖୁବ୍ କମ୍‌ରେ ଏକ କୋଟି ଟଙ୍କା ଲାଗିବ । କାହା ପାଖରେ ଏତେ ଟଙ୍କା । ସେଇଥିପାଇଁ ରୋଗୀ ଏଠି ମଧ ଠିଆ ମରିବ । ଏବେ ଆସିବା କେଉଁ କେଉଁ ରୋଗୀମାନେ ଯାଇଛନ୍ତି । ପ୍ରଥମ ବହରମପୁରରେ ଜଣେ ଚେନାଇ ଗଲେ ଏୟାରଲିଫ୍ଟ ହୋଇ । ଏହା ସ୍ୱାସ୍ଥ୍ୟ ବିଗଭାଗ କର୍ତ୍ତାମାନଙ୍କ ଆଖି ଫିଟାଇଲା । ଆରେ ଭେଣ୍ଟିଲେର ପରସ୍ତରରେ ଏପରି ଗୋଟାଏ ଅବ୍ୟବସ୍ଥା ଅଛି । ଏହାକୁ ଦେଖି ସରକାର ବାହାଦୁରଙ୍କ ନିଦ ଭାଙ୍ଗିଲା । ଏବେ ଓଡ଼ିଶାକୁ ଗୋଟାଏ ମେସିନ୍ ଆଣିବା ପାଇଁ ବ୍ୟବସ୍ଥା ହୋଇଛି । ଦୁଃଖର କଥା ଓଡ଼ିଶା ସରକାରଙ୍କ ଜଣେ ଉଚ୍ଚପଦସ୍ଥ ପୋଲିସ ଅଫିସରଙ୍କୁ କିଲକତା ପଠାଇବା ପାଇଁ ସବୁ ବ୍ୟବସ୍ଥ କଲେ କିନ୍ତୁ ସାଧାରଣ ଜନତା ଯୁବ ଇଂଜିନିୟର ଅଭିଷେକଙ୍କ ପାଇଁ ସରକାର ଗଲେ କୁଆଡ଼େ ? କିନ୍ତୁ ଭଗବାନଙ୍କ ପାଖରେ ସମସ୍ତେ ସମାନ । ସାଧାରଣ ଜନତା ଏକ କୋଟି ଦେଇ ତାଙ୍କୁ ପଠାଇଲେ ଏବଂ କୋଟି ଦେଇ ତାଙ୍କ ପଠାଇଲେ ଏବଂ ସେ ଏବେ ଭଲ ଅଛି । ସରକାର ପକ୍ଷପାତିତା ନ କରିବା ଭଲ ।

## କବିତା କୋଣାର୍କ

### ନିରୁପାୟ

ସୁଧାଂଶୁ ଶେଖର ଦ୍ୱିବେଦୀ



ବହୁଛି ଲୁହ
ବିକା ହେଉଛି ପ୍ରଶ୍ୱାସ
ସମସ୍ତେ ଆଜି ନିରୁପାୟ
ଫୋନ ଘଣ୍ଟି ବାଜିଲେ
ବଢ଼ିଯାଏ ହୃଦ ସ୍ପନ୍ଦନ
ମନ ହୁଏ ଅଥୟ
ଆସିନାହିଁତ କିଛି
ଦୁଃଖଭରା ସମ୍ବାଦ ?
ନିଜେ ଏବେ ଭୟଭୀତ
ନିଜ ଶ୍ୱାସ ପ୍ରଶ୍ୱାସକୁ।
ସାରା ସଂସାର ବି
ଭୟରେ ତ୍ରସ୍ତ କରୋନାକୁ।
ଘରେ ଘରେ ବନ୍ଦୀ ଜୀବନ
ମିଳା ମିଶା ନାହିଁ
ବାର୍ତ୍ତାଳାପ ନାହିଁ
ସଭିଏଁ ଚୁପଚାପ।
ତଥାପି ଚାଲିଛି
ଭେକ୍ସିନର କଳାବଜାର
ଭେଣ୍ଟିଲେଟର ଅଭାବ
ଔଷଧ ପାଇଁ ହାହାକାର
ଚିତାରେ ଜଳିବାକୁ ଭାଗ୍ୟ ନାହିଁ
ଶ୍ମଶାନରେ ଲମ୍ବା ଲାଇନ
ଏ ମୁଣ୍ଡରୁ ସେ ମୁଣ୍ଡକୁ।
ସମସ୍ତେ ଆଜି ନିରୁପାୟ।


+ ବିସି-୭୪,ସଲଟ ଲେକ,
କଲକତା-୬୫
ମୋ-୬୨୯୧୩୭୩୫୧୨


## କବିତା କୋଣାର୍କ

### ହାତ ....

ବିମଳାଶଙ୍କର ଦାଶ



ଏ ଏମିତି ଏକ ହାତ
ଯାହା ଆକାଶଠୁ ପ୍ରଶସ୍ତ
ମେଘଠୁ ହାଲୁକା ମାଟି ଠୁ ଚିକିଟା
ନିଆଁ ଠୁ ଉଷ୍ମମ
ଆଉ ପାଣି ଠୁ ପତଳା...

ସେଇ ଶିରାଳ ଲୋଚାକୋଚା ହାତ
ଯେତେବେଳେ ଆଉଁସି
ହୋଇଯାଏ ମୁଣ୍ଡରେ,
ଦେହରେ ସଂଚରି ଯାଏ
ସାତ ସିଂହର ବଳ
ଅନାୟାସରେ ଲଙ୍ଘି ହୋଇଯାଏ
ବିପଦର ପ୍ରକାଣ୍ଡ ପହାଡ
ଆଉ ସମସ୍ୟାର ସକଳ ସାଗର...।

ସେତେବେଳେ ନ ଥାଏ ମନରେ
ଯୁଦ୍ଧ ହାରିଯିବାର ଭୟ କି ,
କିଛି ହରାଇଦେବାର ଆଶଙ୍କା
ଯେତେବେଳେ
ସେ ହାତ ମୁଠାରେ ଖଚିତ ଥାଏ
ଏ ହାତର ଦୁର୍ବଳ ଅଙ୍ଗୁଳି .....।

ସେ ହାତ ଥିଲେ
ଏଇ ହାତ ସକ୍ଷମ ଓ ସଶକ୍ତ
ମୁଠେଇପାରେ ସ୍ୱପ୍ନର ଜହ୍ନ ,
ଅୟୁତ ଅଭିଳାଷକୁ କରିପାରେ
ଚରିତାର୍ଥ ।

ସେଇ ହାତରେ ଥିବା ବେତ
ବଙ୍କୁଲି ବାଡି ବି
ଯଥେଷ୍ଟ ଲମ୍ବା ଓ ଚଉଦିଗ ପ୍ରସାରୀ
ମାପିନେବାକୁ ଯୋଜନ
ଯୋଜନ ଦୂରତା
ଛୁଇଁ ଯିବାକୁ ଅପହଞ୍ଚ ଇଲାକାର
ମାଳମାଳ ଖୁସି ।

କେବେ କମ୍ପିତ ହାତର ଚଟକଣା
ଡମ୍ବରୁ ନାଦ ପରି ପ୍ରତିଘାତ ହୋଇ
କଅଁଳ କଞ୍ଚାମାଟିକୁ ଗଢି ଦେଇପାରେ
ସୁନ୍ଦର ଓ ମଜବୁତ୍ ମାଠିଆ ତ
କେବେ ସଜାଡି ଦିଏ
ହାବୁକା ମାରୁଥିବା ଅସଜଡା
ଚପଳାମୀ ।

ସେ ହାତ ଅଛି ଯାହାର
କିଛି ନ ଥାଇ ସବୁ ଅଛି ତାହାର
ସେ ହାତ ନାହିଁ ଯାହାର
ସବୁଥାଇ କିଛି ନାହିଁ ତାହାର ।

ବେଳଥାଉଁ ଜାବୁଡି ଧର ସେ ହାତକୁ
ଭୟ ଭକ୍ତି ଶ୍ରଦ୍ଧାର ଦଉଡିର ଗଣ୍ଠିରେ
ଖସି ନ ଯିବ ଯେମିତି
ଅବହେଳାର ଅବେଳ ଅପରାହ୍ନରେ।
ନଚେତ୍ ସେ ହାତ ଥରେ ଅଦୃଶ୍ୟ
ହୋଇଯିବା ପରେ
ରହିଯିବ ଖାଲି ନିର୍ଜନ ସଂଧ୍ୟା
ଅମା ଅମାବାସ୍ୟାର ରାତି
ନତୁବା ଝୁରି ମରିବାର ସକାଳ ....


+ ଗୋଡିଆବନ୍ଧ(ପଦ୍ମପୁର),ଜିଲ୍ଲା-
ରାୟଗଡା
(ମୋ)୭୯୭୮୧୭୧୪୩୭


### କର୍ମ ହିଁ ମହତ

ଅମୂଲ୍ୟ କୁମାର ପଣ୍ଡା



ଅଜବ ଦୁନିଆ ଭାରି ସ୍ୱାର୍ଥପର
କେହି ନୁହଁ ଏଠି କାହାର,
ଚାଲିବାକୁ ହବ ଏକା ଏକା ତତେ
ନୂଆ ରାସ୍ତା କରି ବାହାର ।

ଫଳ ପାଇଁ ଏଠି ଆଶା ତୁ ନରଖି
କର୍ମ କରି ଚାଲ ଆଗକୁ,
ସଫଳତା ତୋତେ ଆପଣେଇ ନବ
କାଟି ପ୍ରତିକୂଳ ପାଗକୁ ।

କର୍ମ ଏକା ତୋର ମହତ ପଣିଆ
ଅଢେଇ ଦିନିଆ ସବୁରେ,
ଭଜୁଥିଲେ ତୁହି ପ୍ରଭୁଙ୍କର ନାମ
କର୍ମକୁ ସମ୍ମାନ ନବୁରେ ।


+ ଅରଙ୍ଗାବାଦ, ବରୀ, ଯାଜପୁର
(ମୋ) ୯୯୩୮୯୦୬୦୭୦






# ଛୋଟ ପରଦାରେ ସ୍ୱୟଂବର ରଚିବେ ଏହି ଅଭିନେତ୍ରୀ



ରାକ୍ଷୀ ସାୱନ୍ତ, ରାହୁଲ ମହାଜନ, ରତନ ରାଜପୁତ ଓ ଶହନାଜ ଗିଲଙ୍କ ପରେ ଏଥର ଛୋଟ ପରଦାରେ ସ୍ୱୟଂବର ରଚିବେ ଆଉ ଜଣେ ଅଭିନେତ୍ରୀ । ସେ ହେଉଛନ୍ତି 'ବିଗ୍ ବସ୍' ଫେମ୍ ଅଭିନେତ୍ରୀ ଆର୍ଶୀ ଖାନ୍ । ଖୁବ୍‌ଶୀଘ୍ର ଘର ସଂସାର କରିବାକୁ ନିଷ୍ପତ୍ତି ନେଇଥିବା ଆର୍ଶୀ ସ୍ୱୟଂବର ମାଧ୍ୟମରେ ଜୀବନ ସାଥୀ ବାଛିବେ ବୋଲି କହିଛନ୍ତି ।

ଏକ ସାକ୍ଷାତକାରରେ ସେ କହିଛନ୍ତି, ମୋର ସ୍ୱୟଂବର ହେବ । ଏହା ଫାଇନାଲ ହୋଇସାରିଛି । କିନ୍ତୁ କେଉଁ ଟେଲିଭିଜନ୍ ଚ୍ୟାନେଲ୍‌ରେ ଏହାର ପ୍ରସାରଣ ହେବ, ତାହା ସ୍ଥିର ହୋଇନାହିଁ ।

ଆର୍ଶୀ କହିଛନ୍ତି, ଏବେ ଚାରିଆଡେ କରୋନା ମହାମାରୀ ଯୋଗୁ ଶୁଟିଂ ଆରମ୍ଭ କରାଯାଇପାରୁନି । ସ୍ଥିତି ସାମାନ୍ୟ ହେଲେ ତଥା କୌଣସି ଚ୍ୟାନେଲ ଠାରୁ ଅନୁମତି ମିଳିଲେ କାମ ଆରମ୍ଭ ହୋଇଯିବ ।

ଏହି ଶୋ'କୁ ରାହୁଲ ମହାଜନ ହୋଷ୍ଟ କରିବେ ବୋଲି ଶୁଣାଯାଉଛି । କିନ୍ତୁ ଆର୍ଶୀ କହିଛନ୍ତି, ଏନେଇ କିଛି ନିଷ୍ପତ୍ତି ହୋଇନାହିଁ । ଅନ୍ୟପକ୍ଷରେ ରାହୁଲ କହିଛନ୍ତି ଯେ ତାଙ୍କୁ ଏନେଇ କିଛି ଅଫର ଆସିନି । ଯଦି ଅଫର ଆସେ, ତା'ହେଲେ ସେ ନିଶ୍ଚିତ ଭାବେ ସେଥିରେ ଅଂଶ ଗ୍ରହଣ କରିବେ । ସୂଚନାଯୋଗ୍ୟ, ଆର୍ଶୀ ଓ ରାହୁଲ 'ବିଗ୍ ବସ୍-୧୪'ରେ ସାମିଲ ହୋଇଥିଲେ । ଉଭୟ ବହୁତ ଭଲ ସାଙ୍ଗ ମଧ୍ୟ ।

# ମା' ମାଟିର ମୋହ 'କୋକଲି'

କୋକଲି ଗୋଟେ ରାଜଧାନିଆ ଫେମସ୍ ମାଛ । ଯଦି ତା' ଭଳି ଏକାପ୍ରକାରର ପାଞ୍ଚଟି ମାଛ ଥୋଇଦିଆଯିବ, ହୁଏତ ଅନେକ ଏହାକୁ ଚିହ୍ନିପାରିବେନି । କୋକଲି: ଫିଶ୍ ଆଉଟ୍ ଅଫ୍ ୱାଟର । ଏ ମାଛର ଅତୀତ, ଅଧୁନା ଓ ଭବିଷ୍ୟତ ବିଷୟରେ ପଚାରିଲେ ଅନେକ ମଧ୍ୟ କହିପାରିବେନି । ହେଲେ ଏହାର କାହାଣୀ ଅତି ସୁଦୂରପ୍ରସାରି । ଆଓ ନେକ୍ସଟ୍ ଭିଡିଓ ଷ୍ଟ୍ରିମିଙ୍ଗ୍ ଆପରେ ଖୁବ ଶୀଘ୍ର ପ୍ରଦର୍ଶିତ ହେବାକୁଥିବା ଓଡ଼ିଆ ୱେବ୍ ସିରିଜ୍ 'କୋକଲି'ର ଅବଧି ରହିଛି ଦୁଇ ଘଣ୍ଟା ଦଶ ମିନିଟ୍ । କେତେଜଣ ନୋଳିଆ ପରିବାର ଏଇ ମାଛକୁ ନେଇ ନିଜର ଜୀବନଜୀବିକା କରିଥାନ୍ତି, ସେମାନଙ୍କ ତେଲଲୁଣର ସଂସାର ଏଇ କୋକଲି ମାଛରୁ ହିଁ ଚଳିଥାଏ । ସମୁଦ୍ର କୂଳରେ ରହୁଥିବା ଏଇ ପରିବାରମାନେ କୋକଲି ମାଛରୁ ନିଜ ପରିବାରକୁ ପ୍ରତିପୋଷଣ କରିଥାନ୍ତି ।'କୋକଲି' କାହାଣୀଟି ପୁରୀ ସମୁଦ୍ର, ବେଳାଭୂମି ଓ ଏହା ନିକଟରେ କାହିଁ କେଉଁ କାଳରୁ ରହିଆସୁଥିବା ନୋଳିଆ ପରିବାରଙ୍କ କାହାଣୀ ଉପରେ ପର୍ଯ୍ୟବସିତ । ବେଳାଭୂମିକ କଥା କହିବାମାତ୍ରେ ଅନେକଙ୍କ ଆଖିଆଗରେ ନାଚି ଉଠେ ସମୁଦ୍ର । ସମୁଦ୍ରର ଉତ୍ତାଳ ଢେଉରେ ମନଭରି ଗାଧୋଇବା, ପେଟଭରି ଖଦ୍ୟ ଖାଇବାର ମଜା ନିଆରା । କୌସ୍ତୁଭ ଡ୍ରିମୱାର୍କସ ପ୍ରାଇଭେଟ୍ ଲିଭିଟେଡ୍ ଦ୍ୱାରା ନିର୍ମିତ ଏଇ ଚଳଚ୍ଚିତ୍ରର ଚିତ୍ରନାଟ୍ୟ ପ୍ରସ୍ତୁତି ସହ ନିର୍ଦ୍ଦେଶନା ଦେଇଛନ୍ତି ସ୍ନେହାଶିଷ ଦାସ । ଗାର୍ଗୀ ମହାନ୍ତି, ନେଲିନ ପଟ୍ଟନାୟକ, ଭାସ୍ୱତୀ ବସୁ, ଧରିତ୍ରୀ ଖଣ୍ଡୁଆଳ ପ୍ରମୁଖ ଏଥରେ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଦେଖିବାକୁ ମିଳିଛନ୍ତି । 'କୋକଲି' ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି କୌଶିକ୍ ଦାସ ।



# ଗୁଡ୍‌ବାଏ କରିବେ ବଚ୍ଚନ

ପ୍ରଯୋଜନା ସଂସ୍ଥାମାନେ ସୁଟିଂସେଟ୍‌କୁ ଆସିବାକୁ ସଜବାଜ ହେଲେଣି । ସଲମାନ୍ ଖାନ୍, ଶାହରୁଖ୍ ଖାନଙ୍କଠାରୁ ବର୍ଷୀୟାନ୍ ଅଭିନେତା ଅମିତାଭ ବଚ୍ଚନଙ୍କ ପର୍ଯ୍ୟନ୍ତ ସମସ୍ତେ ଗୋଡ଼ ଟେକି ବସିଲେଣି ସୁଟିଂଫ୍ଲୋରକୁ ଫେରିବାକୁ । ଏବେ ଅମିତାଭଙ୍କ ହାତରେ ରହିଛି ନୂଆ ସିନେମା 'ଗୁଡ୍‌ବାଏ' । ଅମିତାଭ କହିଛନ୍ତି, ପୂର୍ବ ଅପେକ୍ଷା ଏବେ ଉଭୟ ମୁମ୍ବାଇ ଓ ଦିଲ୍ଲୀରେ କୋଭିଡ୍ ସଂକ୍ରମଣର ପ୍ରଭାବ କମିଛି । ସରକାର ଲୋକଙ୍କ ରୋଜଗାରକୁ ଦୃଷ୍ଟିରେ ରଖି କିଛି କିଛି କ୍ଷେତ୍ରରେ କୋଭିଡ୍ କଟକଣାକୁ କୋହଳ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି । ଏହାଦ୍ୱାରା ବିଶେଷକରି ସିନେମା ଶିଳ୍ପରେ ଜଡ଼ିତ କଳାକାର ଓ ଟେକ୍ନିସିଆନମାନେ ଉପକୃତ ହେବେ । ଚଳିତ ବର୍ଷ ଏପ୍ରିଲ ୨ତାରିଖରେ ସୁଟିଂ ଆରମ୍ଭ ହେଇଥିବା 'ଗୁଡ୍‌ବାଏ' କୋଭିଡ୍‌ର ଦ୍ୱିତୀୟ ଲହର ଯୋଗୁଁ ସ୍ଥଗିତ ଥିଲା । ଶୁଣାଯାଉଛି, ଏଇ ମାସ ପୁଣି ଏହାର ଦ୍ୱିତୀୟ ସିଡ୍ୟୁଲର ସୁଟିଂ ଆରମ୍ଭ ହେବ ।

# ପୁଣି ଗୋଟିଏ ଫ୍ରେମରେ ରାହୁଲ୍-ଆତିୟା

ଟିମ୍ ଇଣ୍ଡିଆର ଷ୍ଟାର୍ ବ୍ୟାଟ୍ସମ୍ୟାନ୍ ଲୋକେଶ ରାହୁଲ୍ ଓ ବଲିଉଡ୍ ଅଭିନେତ୍ରୀ ଆତିୟା ସେଟ୍ଟୀଙ୍କ ପ୍ରେମ ସମ୍ପର୍କକୁ ନେଇ ଅନେକ ଚର୍ଚ୍ଚା ହୋଇଛି । କିନ୍ତୁ ଦୁହେଁ କେବେନି ନିଜର ଲଭ୍ ଲାଇଫକୁ ସାର୍ବଜନୀନ କରିନାହାନ୍ତି । ଏବେ ରାହୁଲ୍ ଓ ଆତିୟା ପୁଣିଥରେ ଗୋଟିଏ ଫ୍ରେମରେ ନଜର ଆସିଛନ୍ତି ।

ଆତିୟା ନିକଟରେ ଇନଷ୍ଟାଗ୍ରାମରେ କେଏଲ୍ ରାହୁଲଙ୍କ ସହ ନିଜର କିଛି ବଛା ବଛା ଫଟୋ ଶେଆର୍ କରିଛନ୍ତି । ଫଟୋର ଗୋଟିଏ ଫ୍ରେମରେ ଭାରତୀୟ ଟିମର ଓପନିଂ ବ୍ୟାଟ୍ସମ୍ୟାନ୍ ରାହୁଲଙ୍କ ସହ ଅଭିନେତ୍ରୀ ଜଣକ ମଧ୍ୟ ନଜର ଆସିଛନ୍ତି । ଦୁହେଁ ଏକ ସନଗ୍ଲାସ୍ ବ୍ରାଣ୍ଡର ଫଟୋ ପାଇଁ ଶୁଟ୍ କରାଇଛନ୍ତି । ଏହି ଫଟୋକୁ ଦେଖି ଫ୍ୟାନ୍ ଏବେ ସେମାନଙ୍କୁ ବିରାଟ୍ କୋହଲି ଓ ଅନୁଷ୍କା ଶର୍ମାଙ୍କ ସହ ତୁଳନା କରିଛନ୍ତି । କାରଣ ବଲିଉଡ୍ ଓ କ୍ରିକେଟର ବିଶେଷ ସମ୍ପର୍କ ରହିଛି । କିଛି ଫ୍ୟାନ୍ ଏହି ଫଟୋକୁ ଦେଖି ସେମାନଙ୍କୁ 'ରାହିୟା' ନାମରେ ସମ୍ବୋଧିତ କରିଛନ୍ତି ।

ସୂଚନାଯୋଗ୍ୟ, ଭାରତୀୟ କ୍ରିକେଟ୍ ଟିମ୍ ନିଜ ପାର୍ଟନର ଓ ପିଲାମାନଙ୍କ ସହ ଇଂଲଣ୍ଡ ଗସ୍ତରେ ଅଛନ୍ତି । ଏହାରି ଭିତରେ ଆତିୟା ଏବେ ଯେଉଁ ଫଟୋ ଶେଆର୍ କରିଛନ୍ତି, ତାହା ଇଂଲଣ୍ଡରେ ବୋଲି କୁହାଯାଉଛି । ଫଟୋ ଦେଖିବା ପରେ ଫ୍ୟାନ୍ କହିଛନ୍ତି ଯେ ଏହି ଅଭିନେତ୍ରୀ ଜଣକ ନିଜ ତଥାକଥିକ ବୟଫ୍ରେଣ୍ଡ କେଏଲ୍ ରାହୁଲଙ୍କ ସହ ଇଂଲଣ୍ଡରେ ଅଛନ୍ତି ।

ବର୍ତ୍ତମାନ ଭାରତୀୟ ଟିମ୍ ଇଂଲଣ୍ଡ ଗସ୍ତରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପର ଫାଇନାଲ୍ ମ୍ୟାଚ୍ ଖେଳିବ, ଯାହା ଜୁନ୍ ୧୮ ତାରିଖରୁ ଆରମ୍ଭ ହେବ । ଏହା ପରେ ଇଂଲଣ୍ଡ ବିପକ୍ଷ ପାଞ୍ଚମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବ ।



# କପୁର ସିଷ୍ଟରଙ୍କ ମଧ୍ୟରେ କୋଲ୍ଡ ୱାର, ଛାଇ ଦେଖିଲେ ନାହି ଡେଉଁଛି



କପୁର ସିଷ୍ଟରଙ୍କ ମଧ୍ୟରେ ଚାଲିଛି କୋଲ୍ଡ ୱାର । କଥାବାର୍ତ୍ତା ତ ଦୂର କଥା ପରସ୍ପରର ଛାଇ ଦେଖିଲେ କାଳେ ନାହି ଡେଉଁଛି । ଆମେ କରୀନା ଓ କରିସ୍ମାଙ୍କ ବିଷୟରେ କହୁନୁ, ବରଂ କରିସ୍ମା ଓ ତାଙ୍କ ଦାଦା (ସ୍ୱର୍ଗତ ଋଷି କପୁର) ଝିଅ ଭଉଣୀ ରିଧିମା କପୁର ସାହାଣୀଙ୍କ ବିଷୟରେ କହୁଛୁ ।

କରିସ୍ମାଙ୍କ ଏକ୍ସ ହଜବ୍ୟାଣ୍ଡ ସଞ୍ଜୟ କପୁରଙ୍କୁ ନେଇ ମୁହାଁମୁହିଁ ହୋଇଛନ୍ତି ଏହି ଦୁଇ ଭଉଣୀ । ବି ଟାଉନରେ ହେଉଥିବା ଚର୍ଚ୍ଚା ଅନୁଯାୟୀ, ସଞ୍ଜୟଙ୍କ ପତ୍ନୀ ପ୍ରିୟା ସଚଦେବାଙ୍କ ସହ ପାର୍ଟନରସିପରେ ଜୁଏଲାରୀ ବିଜ୍‌ନେସ କରୁଛନ୍ତି ରିଧିମା । କେବଳ ସେତିକି ନୁହେଁ, ରିଧିମା ଇନଷ୍ଟାଗ୍ରାମରେ ସଞ୍ଜୟଙ୍କ ପୋଷ୍ଟକୁ ଲାଇକ କରୁଥିବା ବେଳେ ପ୍ରିୟାଙ୍କ ୱେବସାଇଟକୁ ପ୍ରମୋଟ୍ୱି କରୁଛନ୍ତି । ହେଲେ ଏହାକୁ ସହଜରେ ହଜମ କରି ପାରୁ ନାହାନ୍ତି କରିସ୍ମା ।

ଦୁଇ ଭଉଣୀଙ୍କ ଭିତରେ ଥିବା ଟେନସନ ଦୂର କରିବାକୁ ଆଲିଆ ଓ କରୀନା ଅଣ୍ଟା ଭିଡି ଥିବା ବେଳେ ଏବେ ସେମାନଙ୍କୁ ଫ୍ୟାମିଲି ପାର୍ଟିରେ ଏକାଠି ଦେଖିବାକୁ ମିଳୁଛି । ହେଲେ ଦୁଇ ଜଣଙ୍କ ଭିତରେ ସ୍ଥିତି ସୁଧୁରିବାକୁ ଆହୁରି ସମୟ ଲାଗିବ ବୋଲି ଜଣାଯାଇଛି ।

ସୂଚନାଯୋଗ୍ୟ, ରିଧିମାଙ୍କ ଭାଇ ରଣବୀରଙ୍କ ସହ ଉଭୟ କରିସ୍ମା ଓ କରୀନା ଭଲ ବଣ୍ଡିଙ୍ଗ ଶେଆର କରୁଥିବା ବେଳେ କରିସ୍ମା ଓ ରିଧିମାଙ୍କ ମଧ୍ୟରେ ସବୁବେଳେ ଶୀତଳ ଯୁଦ୍ଧ ଲାଗି ରହିଥାଏ । ଏପରିକି କରିସ୍ମାଙ୍କ ବିବାହରେ ରିଧିମା ସାମିଲ ହୋଇ ନଥିଲେ ।

# ହଠାତ୍ ୟୁଜର୍ସ କହିଲେ ବୟକଟ କରୀନା



ବଲିଉଡ୍‌ର ଟପ୍ ହିରୋଇନ କରୀନା କପୁର ଖାନଙ୍କୁ ନେଇ ସୋଶାଲ ମିଡ଼ିଆରେ ହଠାତ୍ ଉଠିଛି ଝଡ଼ । ପୌରାଣିକ ପୃଷ୍ଠଭୂମିରେ ନିର୍ମାଣ ହେବାକୁ ଥିବା ଫିଲ୍ମ 'ସୀତା'ରେ ସେ ମୁଖ୍ୟ ଚରିତ୍ରରେ ଅଭିନୟ କରିବେ ବୋଲି ଖବର ପ୍ରଚାର ହେବା ପରେ ଏହାକୁ ସହଜେ ହଜମ କରିପାରୁନାହାନ୍ତି ସିନେପ୍ରେମୀ । କରୀନା ଏହି ରୋଲ୍ ପାଇଁ ଯୋଗ୍ୟ ନୁହଁନ୍ତି ବୋଲି କହି ସୋଶାଲ ମିଡ଼ିଆରେ ଏବେ #BoycottKareenaKhan ଟ୍ରେଣ୍ଡ କରୁଛି ।

କିଛି ଦିନ ପୂର୍ବେ ଗଣମାଧ୍ୟମରେ ଖବର ପ୍ରସାରିତ ହୋଇଥିଲା ଯେ କରୀନା 'ସୀତା' ଭୂମିକାରେ ଅଭିନୟ କରିବେ ଓ ଏଥିପାଇଁ ସେ ୧୨ କୋଟି ଡିମାଣ୍ଡ କରିଛନ୍ତି । ଏହି ଖବର ଆସିବା ପରେ ସୋଶାଲ ମିଡ଼ିଆ ୟୁଜର୍ସ ତାଙ୍କୁ ଟ୍ରୋଲ କରିବା ଆରମ୍ଭ କରି ଦେଇଥିଲେ । ଏହି ରୋଲ୍ ପାଇଁ କରୀନା ଫିଟ୍ ନୁହନ୍ତି ବୋଲି କହି ତାଙ୍କୁ ବୟକଟ କରିବାକୁ ସୋଶାଲ୍ ମିଡିଆରେ ୟୁଜର୍ସ ଆହ୍ୱାନ ଦେଇଛନ୍ତି । ୟୁଜର୍ସଙ୍କ ପ୍ରତିକ୍ରିୟା ଦେଖି 'ବାହୁବଳୀ' ଫେମ୍ ତଥା 'ସୀତା' ଫିଲ୍ମର ରାଇଟର କେବି ବିଜେନ୍ଦ୍ର ପ୍ରସାଦ ଏକ ସାକ୍ଷାତକାରରେ 'ସୀତା' ଚରିତ୍ରରେ ଅଭିନୟ କରିବା ପାଇଁ କରୀନାଙ୍କୁ ଅଫର ଦିଆଯାଇନଥିବା କହିଛନ୍ତି । କିନ୍ତୁ ଏହା ସତ୍ତ୍ୱେ ୟୁଜର୍ସଙ୍କ ରାଗ ଶାନ୍ତ ହେବାର ନାଁ ଧରୁନି । ଜଣେ ୟୁଜର୍ସ କମେଣ୍ଟ କରି ଲେଖିଛନ୍ତି, ଜୀବନରେ କେବେ ରାମାୟଣ ପଢ଼ି ନଥିବା ଅଭିନେତ୍ରୀ କିପରି ସୀତା ମାତାଙ୍କ ଭୂମିକାରେ ଅଭିନୟ କରିପାରିବେ । ସୂଚନା ଅନୁଯାୟୀ, 'ସୀତା' ଫିଲ୍ମରେ ରାବଣ ଚରିତ୍ରରେ ଅଭିନୟ କରିବା ପାଇଁ ରଣବୀର ସିଂହଙ୍କୁ ଅଫର ଦିଆଯାଇଛି । କିନ୍ତୁ ସେ ଏପର୍ଯ୍ୟନ୍ତ ଗ୍ରୀନ୍ ସିଗ୍‌ନାଲ୍ ଦେଇନାହାନ୍ତି । କରୀନାଙ୍କ ବଦଳରେ ଏହି ଫିଲ୍ମର ଲିଡ୍ ରୋଲ୍ ପାଇଁ ଆଲିଆଙ୍କ ନାଁକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି । ହେଲେ ପ୍ରଯୋଜନା ସଂସ୍ଥା ତରଫରୁ ଆନୁଷ୍ଠାନିକ ଭାବେ କାହା ନାଁ ଘୋଷଣା କରାଯାଇ ନାହିଁ । ୱାର୍କଫ୍ରଣ୍ଟ କଥା କହିଲେ, ସେ ଖୁବଶୀଘ୍ର ଆମୀରଙ୍କ ସହ 'ଲାଲ ସିଂ ଚଡା'ରେ ନଜର ଆସିବେ । ଏହାବାଦ କରୀନାଙ୍କ ହାତରେ 'ବିରେ ଦି ୱେଡିଙ୍ଗ -୨' ଓ ହଂସଲ ମେହେତାଙ୍କ ଏକ ଫିଲ୍ମ ଅଛି ।

# ଅଜୟଙ୍କ ଅବଦାନ

କେବଳ ରୋଗ ନୁହେଁ, ଜୀବନଜୀବିକା ଛଡ଼ାଇ ନେଇଛି କରୋନା । ଏ ସମୟରେ ରଙ୍ଗିନ୍ ଦୁନିଆ ସହ ଜଡ଼ିତ ମଣିଷମାନେ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି । ଏହାକୁ ଆଖି ଆଗରେ ରଖି ଅଭିନେତା ଅଜୟ ଦେବଗନ ଏକ ସୁନ୍ଦର ନିଷ୍ପତ୍ତି ନେଇଛନ୍ତି । ସୁପରଷ୍ଟାର ହୁଅନ୍ତୁ କି ଫିଲ୍ମମେକର, ଏପରିକି ୟୁନିଟ୍‌ରେ କାମ କରୁଥିବା ଲାଇଟମ୍ୟାନ୍, ସେଟ୍ ଡେକୋରେଟର କ୍ୟାମେରା ଆଟେଣ୍ଡାଣ୍ଟ; ସମସ୍ତେ କୋଭିଡ୍ ସଂକ୍ରମଣ ପ୍ରକ୍ରିୟାର ଶିକାର ହେଇ ନିଜର ଜୀବନଜୀବିକା ହରାଇଛନ୍ତି । ଦୀର୍ଘଦିନ ହେବ ସିନେ ଇଣ୍ଡଷ୍ଟ୍ରିରେ କାମ କରୁଥିବା ଅଜୟ ଏମାନଙ୍କ ଅଭାବନୀୟ ଅବସ୍ଥା ଦେଖି ମ୍ରିୟମାଣ ହେଇଛନ୍ତି । ଅଜୟ ଏକ ପ୍ରାଇଭେଟ ହେଲ୍‌ଥ କେୟାର ୟୁନିଟ୍ ଖୋଲିଛନ୍ତି । ଏବେ ତାଙ୍କ ହେଲଥ କେୟାର ୟୁନିଟରେ ଅନ୍ୟୂନ ଚାରି ଶହ ଲୋକ ଚିକିତ୍ସିତ ହେଉଛନ୍ତି । ଅଜୟଙ୍କ ଦ୍ୱାରା ଗଢ଼ି ଉଠିଥିବା ଏନ୍‌ୱାଇ ଫାଉଣ୍ଡେସନ୍ ଏବେ ଲୋକଙ୍କୁ ଟିକା ଦେଉଛି । ଏମାନଙ୍କ ମଧ୍ୟରେ ଜଣେ ମିଡିଆ ପ୍ରଫେସନାଲ ମଧ୍ୟ ଅଛନ୍ତି । ସେ ଅଜୟଙ୍କ ଏନୱାଇ ଫାଉଣ୍ଡେସନକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଅଜୟ କେବଳ ଭଲ ଅଭିନେତା ନୁହଁନ୍ତି, ତାଙ୍କ ଭିତରେ ଭଲ ମଣିଷପଣିଆ ମଧ୍ୟ ଅଛି ।

# ଶାହିର-ଏରିକା ପ୍ୟାର୍ କେ ରଙ୍ଗ୍



ଟେଲିଭିଜନ୍‌ର ପପୁଲାର ଡ୍ୟାନ୍ସ ସୋ' 'କୁଛ୍ ରଙ୍ଗ ପ୍ୟାର୍ କେ ଐସି ଭି'ର ପପୁଲାର ଯୋଡ଼ି ଶାହିର ଶେଖ୍ ଓ ଏରିକା ଫର୍ଣ୍ଣାଡିଜ୍ ଏଥର ମଧ୍ୟ ଆସୁଛନ୍ତି । ସୋ' ଆରମ୍ଭ ପୂର୍ବରୁ ପଶ୍ଚିମବଙ୍ଗର ଶିଲିଗୁଡ଼ିଠାରେ ଏହାର ସୁଟିଂ ଚାଲିଛି । ସୁଟିଂସେଟରେ ନୂଆ ପ୍ରତିଯୋଗୀଙ୍କ ପାଇଁ ଯେତିକି ଆୟୋଜନ ବା ଉତ୍ସାହ ଦେଖିବାକୁ ମିଳିନାହିଁ, ତା'ଠାରୁ ଶାହିର-ଏରିକାଙ୍କ ଡ୍ୟାନ୍ସ ରୋମାନ୍ସକୁ ନେଇ ଅଧିକ ଡିମାଣ୍ଡ ରହିଛି । ଏଠାରେ ସୁଟିଂ ସମୟର କିଛି ଦୃଶ୍ୟ କ୍ୟାମେରାରେ କଏଦ କରି ଶାହିର ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି । ଗୀତଟି ରହିଛି 'ମାଇଁ ବେସ୍ତି' । ଏଥିରେ ଉଭୟ ଶାହିର ଓ ଏରିକା ଖୁସ ମିଜାଜରେ ଥିବାର ଦେଖିବାକୁ ମିଳିଛି । ଶାହିର ଏହାର କ୍ୟାପସନ ରଖିଛନ୍ତି 'ହାସ୍‌ଟ୍ୟାଗ' । ଟେଲିଭିଜନର ମନୋରଂଜନ ଦର୍ଶକଙ୍କ ପାଖରେ ଶାହିର ଦେବ ଓ ଏରିକା ସୋନାକ୍ଷୀ ନାମରେ ପରିଚିତ । ବୃତ୍ତିଗତ ଜୀବନ ବ୍ୟତୀତ ବ୍ୟକ୍ତିଗତ ଜୀବନରେ ମଧ୍ୟ ଦୁହିଙ୍କ ମଧ୍ୟ ଉତ୍ତମ ବନ୍ଧୁତା ରହିଛି । ପ୍ରତି ସିଜିନ ପରି ଏଥର 'କୁଛ୍ ରଙ୍ଗ ପ୍ୟାର୍ କେ ଐସି ଭି'କୁ ଆମନ୍ତ୍ରିତ ହେଇଆସିଥିବା ଶାହିର-ଏରିକାଙ୍କ ସହ ସୁପ୍ରିୟା ପିଲଗାଓଁକର ମଧ୍ୟ ନୂଆ ଅବତାରରେ ଦେଖିବାକୁ ମିଳିବେ । ସିଜିନ-୩ ପାଇଁ ଚାଲିଥିବା ଏଥରର ସୋ'ର ଟାଇଟଲରେ ଏକ ଟାଗଲାଇନ୍ ରଖାଯାଇଛି, ତାହା ହେଲା 'କୁଛ୍ ରଙ୍ଗ ପ୍ୟାର୍ କେ ଐସି ଭି: ନୟି କାହାନୀ' ।

# ନୁସରତଙ୍କ ପ୍ରେମରେ ଥିଲା ଛଳନା: ନିଖିଲ



ଟିଏମସି ସାଂସଦ ତଥା ବେଙ୍ଗଲୀ କୁଇନ୍ ନୁସରତ କହିଛନ୍ତି ଯେ ନିଖିଲଙ୍କ ସହ ବିବାହ ତୁର୍କୀ ନିୟମ ଅନୁଯାୟୀ ହୋଇଛି, ତେଣୁ ଏହା ଭାରତରେ ଆଇନଗତ ନୁହେଁ । ତେଣୁ ଛାଡପତ୍ର ମାମଲା ଉଠିବ କେମିତି । ସେ କହିଛନ୍ତି, ଆମେ ବହୁ ପୂର୍ବରୁ ଅଲଗା ହୋଇଥିଲୁ, କିନ୍ତୁ ମୁଁ ମାମଲା ବ୍ୟକ୍ତିଗତ ଥିବାରୁ କହିବାକୁ ଚାହୁଁନଥିଲି । ସେମାନେ କେବଳ ଏକ ଲିଭ୍ ଇନ୍ ରିଲେସନରେ ଥିଲେ । ତେବେ କୋଲକାତାରେ ଏକ ରିସେପ୍ସନ୍ ମଧ୍ୟ ହୋଇଥିଲା ଯେଉଁଥିରେ ସେଲିବ୍ରିଟି ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଶୀର୍ବାଦ ଦେବାକୁ ଯାଇ ଉପସ୍ଥିତ ଥିଲେ ।


ଏବେ ନୁସରତଙ୍କ ସ୍ୱାମୀ ନିଖିଲ କହିଛନ୍ତି ଯେ ନୁସରତଙ୍କ ସହ ତାଙ୍କର ସମ୍ପର୍କ ସ୍ୱାମୀ-ସ୍ତ୍ରୀ ଭଳି ଥିଲା । ଦୁହେଁ ବିବାହିତ ଦମ୍ପତିଙ୍କ ପରି ଜୀବନ ବିତାଉଥିଲେ । ନୁସରତ ତାଙ୍କୁ ଧୋକ୍କା ଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି ।

ନୁସରତଙ୍କ ସହ ସବୁକିଛି ଠିକଠାକ ଚାଲିଥିଲା ହେଲେ ୨୦୨୦ରେ ନୁସରତ ଏକ ଫିଲ୍ମ ସୁଟିଂକୁ ଯାଇଥିଲେ । ଏହାପରେ ଉଭୟଙ୍କ ମଧ୍ୟରେ କିଛି ଠିକଠାକ୍ ନାହିଁ । କାହିଁକି ନୁସରତ ଏଭଳି ହେଲେ ତାହା ସେ ଭଲକରି ଜାଣିଥିବେ ବୋନି ନୁସରତ କହିଛନ୍ତି । ଏହି ସୁଟିଂ ପରଠୁ ନୁସରତ ତାଙ୍କୁ ଅଣଦେଖା କରୁଛନ୍ତି ବୋଲି ନିଖିଲ କହିଛନ୍ତି । ଉଭୟ ସ୍ୱାମୀ-ସ୍ତ୍ରୀ ଭଳି ରହୁଥିଲୁ । କିନ୍ତୁ ଭାରତରେ ବିବାହ ପଞ୍ଜିକରଣ କରିବାକୁ କହିଲେ ନୁସରତ ଅନ୍ୟ କିଛି ବାହାନ ଦେଖାଇ ଏହି ପ୍ରକ୍ରିୟାକୁ ବିଳମ୍ବ କରାଇଥିଲେ ବୋଲି ନିଖିଲ କହିଛନ୍ତି ।

ଏହାପରେ ନଭେମ୍ବର ୫, ୨୦୨୦ରେ ନୁସରତ ତାଙ୍କ ଘରୁ ତାଙ୍କର ଜିନିଷପତ୍ର ଧରି ପଳାଇ ଆସିଥିଲେ ବୋଲି ନିଖିଲ କହିଛନ୍ତି । ଏହାପରରେ ବିଭିନ୍ନ ମିଡିଆରେ ନୁସରତଙ୍କୁ ନେଇ ବିଭିନ୍ନ ଖବର ଦେଖିବାପରେ ନିଖିଲ ଡିପ୍ରେସନକୁ ଚାଲିଯାଇଥିଲେ ବୋଲି କହିଛନ୍ତି । ଏହା ସମ୍ପୂର୍ଣ୍ଣ ଭାବରେ ତାଙ୍କ ସହିତ ଧୋକ୍କା ଥିଲା । ନୁସରତ ପ୍ରେମ କରିବା ଆଳରେ ଯାହା ବି କରିଛନ୍ତି ତାହା ଛଳନା ଥିଲା ବୋଲି ନିଖିଲ କହିଛନ୍ତି ।

ସୂଚନାଯୋଗ୍ୟ, ଲୋକସଭା ନିର୍ବାଚନ ବେଳେ ନୁସରତ ବିବାହିତ ବୋଲି ତାଙ୍କ ନିର୍ବାଚନୀ ସତ୍ୟପାଠରେ ଉଲ୍ଲେଖ କରିଥିବା ଜଣାପଡ଼ିଛି । ଯାହାକୁ ନେଇ ଆଗାମୀ ଦିନରେ ନୁସରତ କୋର୍ଟ କଚେରୀ ଦୌଡ଼ିପାରନ୍ତି ।

# ଭର୍ଚୁଆଲ କବିତା ଆସର



ଭୁବନେଶ୍ୱର,୧୭/୬ (ନି.ପ୍ର): ବଣମଲ୍ଲୀର ମହକ ଓ କବିର ଘର ଆନୁକୂଲ୍ୟରେ ଏକ ଭର୍ଚୁଆଲ କବିତା ଆସର ୧୬ ତାରିଖ ଅପରାହ୍ନ ୪ ଘଣ୍ଟା ସମୟରେ ଆୟୋଜିତ ହୋଇଯାଇଛି । ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ସନ୍ତୋଷ ମହାନ୍ତି, ସମୀର ବେଉରା, ରୀତା ଅପରା ଜିତା ମହାନ୍ତି ରାଜେଶ କୁମାର ମୁଣ୍ଡ, ପ୍ରଣତି ମହାପାତ୍ର , କ୍ଷଣପ୍ରଭା ମହାନ୍ତି, ନିବେଦିତା ମହାନ୍ତି, ଡଃ. ସଂଜୀବ କୁମାର ମହାପାତ୍ର,ପଣ୍ଡିତ ବିନୟ ମିଶ୍ର,ସୁଧାକର ସେଠୀ, ଶୁଭକାନ୍ତ ସାହୁ, କାହ୍ନୁ ଚରଣ ସାହୁ, ଆଶୀଷ କୁମାର ସ୍ୱାଇଁ, ରମେଶ ମିଶ୍ର, ଶାନ୍ତନୁ କର୍ଣ୍ଣ, ଝୁମର ନାଥ ପାତ୍ର ମୀନାକ୍ଷୀ ପାଢ଼ୀ ଶୁଭକାନ୍ତ ସାହୁ ରଙ୍ଗନାଥ ରଥ ପ୍ରମୁଖ ପ୍ରାୟ ୩୦ ରୁ ଅଧିକ ବିଶିଷ୍ଟ କବି କବୟିତ୍ରୀ ମାନେ ଯୋଗଦାନ କରିଥିଲେ । ଆସରଟି ଦୀର୍ଘ ଦେଢ଼ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଚାଲୁ ରହିଥିଲା । ଏକ ଭାବ ବିହ୍ୱଳ ପରିବେଶ ମଧ୍ୟରେ ଏହି କବିତା ଆସରରେ ସମସ୍ତ କବି କବୟିତ୍ରୀ ମାନେ ନିଜକୁ ହଜାଇ ଦେଇଥିଲେ । କରୋନା ମହାମାରୀ ପରିସ୍ଥିତିରେ ଘରେ ରହି ଏଭଳି ଭାବପୂର୍ଣ୍ଣ ସାହିତ୍ୟ ଆସର ସମସ୍ତଙ୍କୁ ମୁଗ୍ଧ କରିଥିଲା । ଏହି ସାହିତ୍ୟ ଆସରକୁ ବଣମଲ୍ଲୀର ମହକର ପ୍ରତିଷ୍ଠାତା ଶ୍ରୀ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ମୁଖ୍ୟ ସମ୍ପାଦକ ଶ୍ରୀ ସଲୀଳ କୁମାର ସ୍ୱାଇଁ ଏବଂ କବିର ଘରର ପ୍ରତିଷ୍ଠାତା ଓ ସମ୍ପାଦକ ଶ୍ରୀ ସିଦ୍ଧେଶ୍ୱର ତ୍ରିପାଠୀ ପରିଚାଳନା କରିଥିଲେ ଏବଂ ଆଗକୁ ସାହିତ୍ୟ ଭିତ୍ତିକ ବିଭିନ୍ନ ଆଲୋଚନାଚକ୍ର ଅନୁଷ୍ଠିତ କରିବାକୁ ମଧ୍ୟ ସୂଚନା ଦେଇଛନ୍ତି । ଓଡ଼ିଶାର ଏହି ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବଣମଲ୍ଲୀର ମହକ www.banamalli.org ୱେବ ଡୋମିନରେ ଉପଲବ୍ଧ । ଏହାର ପାଠକ ପାଠିକା ସଂଖ୍ୟା ବିଶ୍ୱ ସ୍ତରରେ ୯୦ ଲକ୍ଷ ରୁ ଉର୍ଦ୍ଧ୍ୱ ।

# ଶ୍ରୀଲିଙ୍ଗରାଜଙ୍କ ସମ୍ପତ୍ତି ୨୨କୋଟି ଟଙ୍କା ଫେରି ମହାପ୍ରଭୁଙ୍କ ସେବାରେ ଲାଗୁ



ଭୁବନେଶ୍ୱର,୧୭/୬ (ନି.ପ୍ର): ଶ୍ରୀ ଲିଙ୍ଗରାଜ ମନ୍ଦିର ପରିଚାଳଣା ପାଇଁ ଏବେ ଆର୍ଥିକ ଅଭାବ। ଅଥଚ ଠାକୁରଙ୍କ ସମ୍ପତି ୨୨କୋଟି ଟଙ୍କା ହରିଲୁଟ୍ ହେବାକୁ ଯାଉଛି। ମନ୍ଦିରର ଉତ୍ତର ପାର୍ଶ୍ୱର ୨୦୦ ମିଟର ମଧ୍ୟରେ ରହିଛି ଏକ ଯାତ୍ରୀନିବାସ। ଯେଉଁ ଜମିର ମୂଳ ମାଲିକ ଶ୍ରୀ ଲିଙ୍ଗରାଜ ମହାପ୍ରଭୁ, ମାର୍ଫିଡ୍ ଟ୍ରଷ୍ଟବୋର୍ଡ। ସେଥିରେ ଅଟ୍ଟାଳିକାମାନ ନିର୍ମାଣ କରି ଗେଷ୍ଟ ହାଉସ୍ ନାମ କରଣ କରାଯାଇ ଭଡ଼ା ଲଗାଇଛନ୍ତି। ସାବକ ରେକର୍ଡରେ ଶ୍ରୀଲିଙ୍ଗରାଜ ମୂଳ ସତ୍ତ୍ୱାଧିକାରୀ ଥିବା ବେଳେ ଏବେ ନାମ ମୂଳ ସ୍ୱତ୍ତ୍ୱାଧୀକାରୀ ଶ୍ରୀଲିଙ୍ଗରାଜ ରେକର୍ଡରେ ଜବରଦଖଲକାରୀଙ୍କ ନାମ ଦର୍ଶାଇଛି । ଚଞ୍ଚକତା ପୂର୍ବକ ଭୁବନେଶ୍ୱର ତହସିଲରେ ରେକର୍ଡ ବଦଳାଇ ଦେଇଛନ୍ତି । ଏବେ ଏକାମ୍ର ଯୋଜନାରେ ଭକ୍ତ ଜମିର ମାଲିକ ବୋଲି ବର୍ଷକ ବିପୁଳ ପରିମାଣର କ୍ଷତିପୂରଣ ହାତେଇବାରେ ଲାଗିଛନ୍ତି । ମନ୍ଦିର ପ୍ରଶାସନ ସବୁ ଜାଣି ନିରବଦ୍ରଷ୍ଟା ସାଜିଛି । ଜମି ଅଧଗ୍ରହଣ କର୍ତ୍ତୃପକ୍ଷ ରେକର୍ଡ ଯାଞ୍ଚ କରିବାକୁ ଯାଉନାହାନ୍ତି । ସାବକ ରେକର୍ଡରେ ଶ୍ରୀ ଲିଙ୍ଗରାଜ ମୂଳ ସତ୍ତ୍ୱାଧିକାରୀ ଥିବାବେଳେ, ହାଲ ରେକର୍ଡରେ ଜବରଦଖଲକାରୀଙ୍କ ନାମ ଦର୍ଶାଯାଇଛି। ଏହି ଅଞ୍ଚଳରେ ଥିବା ଯାତ୍ରୀ ନିବାସ ଜମି ଯାହା ଗୌତମ ନଗର ମୌଜା ଅଧିନ ହାଲ୍ ପ୍ଲଟ୍ ନମ୍ବର ୩୩୩୫/୫୭୩୨, ୩୩୫୫/୫୮୨୪, ୩୩୩୫/୮୫୨୫, ୩୩୩୫/୫୮୨୬, ୩୩୩୫/୫୮୨୭, ୩୩୩୫/୩୮୮୨ ଓ ୩୩୩୫/୫୯୮୫ ଚଞ୍ଚକତା ଭାବେ ଘରୋଇ ଲୋକଙ୍କ ଦଖଲରେ ରହିଛି । ବର୍ତ୍ତମାନ, ଏକାମ୍ର ଯାଜନା କମି ଅଧଗ୍ରହଣରେ ବିଏମ୍ବିରୁ ୨୨କୋଟି ଟଙ୍କା କ୍ଷତିପୂରଣ ନେବାକୁ ମସୁଧା ହୋଇଛି। ୮୦ଗୁଣା ମିଥ୍ୟା ପ୍ରମାଣ ଦର୍ଶାଇ ଏହି ଟଙ୍କା କ୍ଷତି ପୁରଣ ଦେବାକୁ ଯୋଜନା ହୋଇଛି। ଏଥିରେ କିଛି ଅସାଧୁ ଅଫିସର ସହଯୋଗ କରୁଛନ୍ତି। ଯାହା ନିହାତି ଉଚ୍ଚସ୍ତରୀୟ ତଦନ୍ତ ସାପେକ୍ଷ । ଏହାକୁ ତଦନ୍ତ କରି ଜମି ଲିଙ୍ଗରାଜ ମନ୍ଦିର ଖାତାକୁ ଫେରାଇ ଆଣିଲେ ମହାପ୍ରଭୁଙ୍କ ମନ୍ଦିର ପରିଚାଳଣା ପାଇଁ ଆର୍ଥିକ ସହାୟତା ହେବ। ଏହାକୁ ତଦନ୍ତ କରି ପକୃତ ତଥ୍ୟ ପଦାକୁ ଆଣିବାକୁ ବିଏମ୍ବି କମିସନର, ଜିଲ୍ଲାପାଳ, ଦେବୋତ୍ତର କମିସନର, ଆଇନ ବିଭାଗ ସଚିବ, ଆଇନମନ୍ତ୍ରୀ , ୫ଟି ସଚିବ ଓ ମୁଖ୍ୟମନ୍ତ୍ରୀ ଏଥିପାଇଁ ପଦକ୍ଷେପ ନେବାକୁ ଦାବି କରୁଛୁ। ଶ୍ରୀଲିଙ୍ଗରାଜଙ୍କ ସମ୍ପତ୍ତି ୨୨କୋଟି ଟଙ୍କା ଫେରି ମହାପ୍ରଭୁଙ୍କ ସେବାରେ ଲାଗୁ ନଚେତ୍ ଆଇନର ଆଶ୍ରୟ ନିଆଯିବା ସହ ଆନ୍ଦୋଳନ କରାଯିବ ବୋଲି ଏକାମ୍ର ଜନ ଜାଗରଣ ମଞ୍ଚ ସଭାପତି ଭୀଷ୍ମ ନାରାୟଣ ନାୟକ କହିଛନ୍ତି।

# ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ଉତ୍କଳ ତରଫରୁ ଭର୍ଚୁଆଲ ମୋଡ଼ରେ ରଜପର୍ବ ପାଳିତ

ଭୁବନେଶ୍ୱର,୧୭/୬ (ନି.ପ୍ର): ଓଡ଼ିଶାର ଗଣପର୍ବ ରଜପର୍ବ ଉପଲକ୍ଷେ ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ଉତ୍କଳ, ଭୁବନେଶ୍ୱରର ୩ଟି ରୋଟ୍ରାକ୍ଟ କ୍ଲବର ମିଳିତ ଆନୁକୂଲ୍ୟରେ ରଜପର୍ବ ଭର୍ଚୁଆଲ ମୋଡ଼ରେ ପାଳିତ ହୋଯାଇଛି। ଏଥିରେ ଓଡ଼ିଶାର କୋଣକୋଣରୁ ୧୮୭ ଯୁବତୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଭର୍ଚୁଆଲ ଉତ୍ସବରେ ଅତିଥି ଭାବେ ଓଡ଼ିଶାର ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ, ଓଡ଼ିଆ ଚଳଚ୍ଚିତ୍ର ଜଗତର ନାୟିକା ଭୂମିକା ଦାସ, କଣ୍ଠଶିଳ୍ପୀ ସୁସ୍ମିତା ଦାସ, ରୋଟାରୀ କ୍ଲବ ଭୁବନେଶ୍ୱର ଉତ୍କଳର ସଭାପତି ଆଶୁତୋଶ ରଥ, କନକ ମହାଲକ୍ଷ୍ମୀ ଜୁଏଲାରୀର ପରିଚ୍ଳନା ନିର୍ଦ୍ଦେଶିକା ରେଖା ଚିନ୍ନାରୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୫ ଜଣ କୃତି ପ୍ରତିଯୋଗୀଙ୍କୁ ଭର୍ଚୁଆଲ ମୋଡ଼ରେ ସମ୍ବୋଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ରୋଟ୍ରାକ୍ଟ କ୍ଲବର ପ୍ରତୀକ ନନ୍ଦ, ତାପସ ରଞ୍ଜନ ମଲ୍ଲିକ, ଲିପ୍ସା ରାୟ, ଅଲିଭା ଆରତୀ ସାମନ୍ତରାୟ, ରଞ୍ଜନ କୁମାର ମହାପାତ୍ର, ରୋହନ ପ୍ରଧାନ ପ୍ରମୁଖ ପରିଚ୍ଳନାରେ ସାହାଯ୍ୟ କରିଥିଲେ। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଶୁଭୋଜିତ ପଣ୍ଡା। ମହାମାରୀ କୋଭିଡ୍ ଗାଇଡ୍ ଲାଇନ ଉଠିବା ପରେ କୃତି ପ୍ରତିଯୋଗୀ ମାନଙ୍କୁ କନକ ମହାଲକ୍ଷ୍ମୀ ଜୁଏଲାରୀ ତରଫରୁ ଗିଫ୍ଟ ଦିଆଯିବ ବୋଲି ସୂଚନା ଦିଆଯାଇଛି।

# 'ମିଶନ ଜୀବିକା' କାର୍ଯ୍ୟକ୍ରମ ୧.୫ ଲକ୍ଷ ଜନଜାତି ପରିବାରକୁ ରୋଜଗାରର ବାଟ ଦେଖାଇଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭/୬ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ କୋଭିଡ୍ ସଂକଟ ସମୟରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା 'ମିଶନ ଜୀବିକା' କାର୍ଯ୍ୟକ୍ରମ ୧.୫ ଲକ୍ଷ ଜନଜାତି ପରିବାରକୁ ରୋଜଗାରର ବାଟ ଦେଖାଇଛି । ଏହି କାର୍ଯ୍ୟକ୍ରମ ଅଧୀନରେ ବଜାର ସହ ଉତ୍ପାଦନ କ୍ଲଷ୍ଟରକୁ ସଂଯୁକ୍ତ କରାଯାଇଥିବାରୁ ଆଦିବାସୀ ଅଂଚଳରେ ଏହା ଜୀବିକାର ନୂତନ ସମ୍ଭାବନା ସୃଷ୍ଟି କରିଛି ବୋଲି ସେ କହିଛନ୍ତି ।

# ଶିଶୁଙ୍କଠାରେ ଦୀର୍ଘ ମିଆଦି କୋଭିଡ ସମସ୍ୟା କମ୍ ଦେଖାଯାଇଥାଏ

ଭୁବନେଶ୍ୱର,୧୭/୬ (ନି.ପ୍ର): କରୋନା ପରେ ଲୋକଙ୍କ ଠାରେ ଅନେକ ଲକ୍ଷଣ ଦେଖାଯାଇ ଦୀର୍ଘ ମିଆଦି କୋଭିଡ ସମସ୍ୟାରେ ଲୋକେ ପୀଡିତ ହେଉଛନ୍ତି । ପୋଷ୍ଟ କୋଭିଡ ସିଣ୍ଡ୍ରୋମ ଯୋଗୁଁ ଲୋକେ ଅସୁବିଧା ଭୋଗୁଛନ୍ତି । ଶିଶୁମାନଙ୍କ ଠାରେ ଦୀର୍ଘ ମିଆଦି କୋଭିଡ ସମସ୍ୟା କମ ଦେଖାଯାଏ । କୋଭିଡ ସଚେତନତା ପରାମର୍ଶ କାର୍ଯ୍ୟକ୍ରମରେ କଟକସ୍ଥିତ ଏସ୍‌ସିବି ମେଡିକାଲର ପ୍ରଫେସର ଜୟନ୍ତ ପଣ୍ଡା ଏହା କହିଛନ୍ତି । ସେ କହିଛନ୍ତି ଯେ କିଛି ଲୋକ କୋଭିଡ ପରେ ଶ୍ୱାସନଳୀ ସମସ୍ୟା ଭୋଗୁଛନ୍ତି । ଚିଡ଼ଚିଡ଼ା, ଭୋକ ନହେବା, ଛାତି ଧଡ଼ଧଡ଼ ଭଳି ଲକ୍ଷଣ ଲକ୍ଷଣ ଦେଖାଯାଉଛି । ବୟସ୍କ, ମହିଳା, ଜଟିଳ ରୋଗୀରେ ପୀଡିତଙ୍କ ଠାରେ ଦେଖାଯାଉଛି । କୋଭିଡରୁ ଭଲ ହେବା ପରେ ପୁଣି ଲକ୍ଷଣ ପ୍ରକାଶ ପାଉଛି । ପ୍ରଥମ ସପ୍ତାହରେ ଭୂତାଣୁର ପ୍ରଭାବ ଦେହରେ ରହିଥାଏ । ଭୂତାଣୁ ଯଦି ଶକ୍ତିଶାଳୀ ଥାଏ, ତେବେ ଦ୍ୱିତୀୟ ଥର ହୋଇଥାଏ । ଶିଶୁମାନଙ୍କ ଠାରେ ଦୀର୍ଘ ମିଆଦି କୋଭିଡ ସମସ୍ୟା କମ ଦେଖାଯାଏ । ଜଣେ ଉପଯୁକ୍ତ ଚିକିତ୍ସାରେ ରହିଲେ, ଏଥିରୁ ମୁକ୍ତି ପାଇପାରିବେ । ମାତ୍ର ଦୀର୍ଘ ମିଆଦି କୋଭିଡ ରୋଗୀ ଅଧିକ ସଂକ୍ରାମକ ନୁହେଁ ବୋଲି ସେ କହିଛନ୍ତି ।

# ମିଲ୍ ମାଲିକ ଓ ଯୋଗାଣ ବିଭାଗର ମଧୁଚନ୍ଦ୍ରିକା

## ପିଡ଼ିଏସ ଚାଉଳ ଶ୍ରୀ ଓମ୍ ବ୍ରାଣ୍ଡରେ ବିକ୍ରି : ମାନସ ଚୌଧୁରୀ



ଭୁବନେଶ୍ୱର,୧୭/୬ (ନି.ପ୍ର): ରାଜ୍ୟରେ ସାଧାରଣ ଲୋକଙ୍କୁ ଦିଆଯାଉଥିବା ପିଡିଏସ ଚାଉଳ ପଶୁଖାଦ୍ୟ ବୋଲି କେନ୍ଦ୍ର ଖାଉଟି କଲ୍ୟାଣ ବିଭାଗ ରାଜ୍ୟ ସରକାରଙ୍କୁ ଦୋଷାରୋପ କରିବା ଘଟଣା ସମ୍ପର୍କରେ କଟକ ଜିଲ୍ଲା କଂଗ୍ରେସ ସଭାପତି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିବା ପରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନ କରାଯାଇଥିଲା। ଏବେ ମିଲ ମାଲିକ ଓ ଯୋଗାଣ ବିଭାଗର ମଧୁଚନ୍ଦ୍ରିକାରେ ପିଡିଏସ ଚାଉଳ ବଜାରରେ ବିକ୍ରି ହେଉଛି ବୋଲି କଟକ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ମାନସ ଚୌଧୁରୀ ଅଭିଯୋଗ କରିଛନ୍ତି। ସୁନ୍ଦରଗଡ଼ ଜିଲ୍ଲାର 'ଶ୍ରୀ ଓମ୍' ବ୍ରାଣ୍ଡରେ ବଜାରରେ ଯେଉଁ ଚାଉଳ ମିଳୁଛି ତାହା ପିଡ଼ିଏସ ଚାଉଳ ବୋଲି ଚର୍ଚ୍ଚା ହେଉଛି। ଏହି ଚାଉଳ ପ୍ୟାକେଟର କୌଣସି ସଂସ୍ଥାର ଠିକଣା ଉଲ୍ଲେଖ ନାହିଁ, ପ୍ୟାକେଟ ପ୍ରସ୍ତୁତ ତାରିଖ ଓ ବ୍ୟାଚ ନମ୍ବର ଦର୍ଶାଯାଇ ନାହିଁ। କମ୍ପାନୀର ଜିଏସଟି ନମ୍ବର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଲାଇସେନ୍ସ ନମ୍ବର, ଭାରତ ସରକାରଙ୍କ ଖାଦ୍ୟ ସୁରକ୍ଷା ଓ ମାନ ନିର୍ଦ୍ଧାରଣ ନିଶ୍ଚିତରୂପେ ସ୍ଥାନିତ ହେବା କଥା। ମାତ୍ର କ'ଣ ପାଇଁ ଏହି ପ୍ୟାକେଟ ଉପରେ ତାହା ରଖାଯାଇ ନାହିଁ ତାହା ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ପିଡିଏସ ଚାଉଳକୁ ଚୋରାରେ ବିକ୍ରି କରାଯାଉଛି ବୋଲି ସୁନ୍ଦରଗଡ଼ ଜିଲ୍ଲାରେ ଛକ ବଜାରରେ ଆଲୋଚନା ହେଉଛି। ସଂପୃକ୍ତ ଜିଲ୍ଲାର କିଛି ମିଲ ମାଲିକମାନେ ବଜାରକୁ ଏହି ଚାଉଳ ପଠାଇଛନ୍ତି ବୋଲି ଜଣାପଡ଼ିଛି। ଯୋଗାଣ ବିଭାଗରେ ମାସିକ ୩ ହଜାର କ୍ୱିଂଟାଲ ପିଡିଏସ ଚାଉଳ ଦୁର୍ନୀତି ହେଉଥିବାର ଯେଉଁ ଅଭିଯୋଗ ହେଉଛି ଏହି ଚାଉଳ ସେଥିରେ ଅନ୍ତର୍ଭୁକ୍ତ ରହିଛି। "ଶ୍ରୀ ଓମ୍" ବ୍ରାଣ୍ଡରେ ଚାଉଳ ବିକୁଥିବା ଦୋକାନୀମାନେ ନିର୍ଦ୍ଦିଷ୍ଟ ମିଲର୍ସମାନଙ୍କର ଠିକଣା କହିପାରିବେ। ଏଠାରେ ଉଲ୍ଲେଖ୍ୟଯୋଗ୍ୟ ଯେ ରାଜ୍ୟ ସରକାର ପିଡିଏସ ଚାଉଳ ପେଷିବା ପାଇଁ ୧୬ଟି ରାଇସମିଲକୁ ସୁନ୍ଦରଗଡ଼ ଜିଲ୍ଲାରେ ଅନୁମତି ଦେଇଛନ୍ତି। ଏହି ରାଇସମିଲ୍‌ର ପ୍ରତିଷ୍ଠା ପାଇଁ ସରକାର ୫୦ ପ୍ରତିଶତ ଅର୍ଥ ଛାଡ଼ ମଧ୍ୟ ଦେଇଛନ୍ତି। ଏଥିପାଇଁ ମିଲ୍‌ମାଲିକମାନେ କେବଳ ରାଜ୍ୟ ସରକାରଙ୍କ ଧାନ ପେଷେଇବେ ବୋଲି ସର୍ତ୍ତ ରହିଛି। ବାହାର ଧାନକୁ ପେଷେଇବା ପାଇଁ ଅନୁମତି ନାହିଁ। ମାତ୍ର ଏହି ମିଲ ମାଲିକମାନେ ଦଲାଲମାନଙ୍କ ସହାୟତାରେ ଧାନକିଣି ପେଷାଉଛନ୍ତି। ସରକାରୀ କଟକଣା ଭିତରେ ଧାନବିକ୍ରି କରିପାରୁନଥିବା ଚାଷୀଙ୍କ ଠାରୁ କମ୍ ମୂଲ୍ୟରେ ଦଲାଲଙ୍କ ମାଧ୍ୟମରେ କିଣୁଛନ୍ତି। ସେହି ଧାନର ଚାଉଳ ଏବଂ ପିଡିଏସ ଚାଉଳକୁ ମିଶାଇ ଅସାଧୁ ମିଲ ମାଲିକ 'ଶ୍ରୀ ଓମ୍' ବ୍ରାଣ୍ଡରେ ଚାଉଳ ବିକୁଛନ୍ତି ବୋଲି ସୁନ୍ଦରଗଡ଼ ଜିଲ୍ଲା ହାଟବଜାରରେ ଆଲୋଚନା ହେଉଛି। ଯୋଗାଣ ବିଭାଗକୁ ଅସାଧୁ ମିଲ ମାଲିକଙ୍କ କବଳରୁ ରକ୍ଷା କରାଯାଉ। ଯୋଗାଣମନ୍ତ୍ରୀ ନିଜ ବିଭାଗର ସ୍ୱଚ୍ଛତା ପ୍ରତିପାଦନ କରିବାପାଇଁ ତୁରନ୍ତ ମିଲମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି କଟକ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ମାନସ ଚୌଧୁରୀ ଜଣାଛନ୍ତି।

# କଦଳୀ ପଟରୁ ଦଉଡ଼ି, ମଞ୍ଜାରୁ ହେବ ଆଚାର

## କଦଳୀ ଚାଷୀଙ୍କ ପାଇଁ ନୂଆ ସମ୍ଭାବନା, ଏମ୍‌ଏସ୍‌ଏମ୍‌ଇ ବିଭାଗର ନିଆରା ପଦକ୍ଷେପ



ଭୁବନେଶ୍ୱର ,୧୭/୬ (ନି.ପ୍ର): ରାଜ୍ୟରେ କଦଳୀ ପଟରୁ ଉନ୍ନତ ମାନର ଦଉଡ଼ି, ଆକର୍ଷଣୀୟ ମ୍ୟାଟ୍ ଓ ଡିସ୍‌ପୋଜେବଲ୍ କପ୍ ପ୍ରସ୍ତୁତ ହେବାକୁ ଯାଉଛି। ଫଳରେ କଦଳୀ ଚାଷୀଙ୍କ ପାଇଁ ନୂଆ ସମ୍ଭାବନା ସୃଷ୍ଟି ହୋଇଛି। ଏହା ଉଦ୍ୟାନ କୃଷିକୁ ନେଇ ଏକ ଅର୍ଥନୈତିକ ବିପ୍ଳବ ଆଣିପାରିବ। ଏଥି ସହିତ କଦଳୀ ମଞ୍ଜାରୁ ଆଚାର ଓ ପାମ୍ପଡ଼ ପ୍ରସ୍ତୁତ ହେବା ପରି ସୁଯୋଗ ସୃଷ୍ଟି ହୋଇଛି। ଆଚାର ଓ ପାମ୍ପଡ଼ ପ୍ରସ୍ତୁତ ପରେ ଅବଶିଷ୍ଟ ବର୍ଜ୍ୟରୁ ଉଦ୍ୟାନ ପାଇଁ ବ୍ୟବହୃତ ଯୋଗ୍ୟ ଜିଆ ଖତ ପ୍ରସ୍ତୁତ ହେବ। ରାଜ୍ୟ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗର 'ସ୍ଫୁର୍ତ୍ତି' କ୍ଲଷ୍ଟରରେ କାର୍ଯ୍ୟରତ ଉଦ୍ୟୋଗ ଜୟଦେବ ବାନାନା ଫାଇବର ଏକ୍ସଟ୍ରାକ୍ସନ୍ ପକ୍ଷରୁ ଏହି ଅଭିନବ ପ୍ରୟାସ କରାଯାଇଛି। ଏହି ଉଦ୍ୟୋଗ ଖୋର୍ଦ୍ଧା ଜିଲ୍ଲାର ବାଲିପାଟଣାରେ ପ୍ରତିଷ୍ଠା କରିଥିବା ଶିଳ୍ପାନୁଷ୍ଠାନରେ ଏପରି ଉତ୍ପାଦଗୁଡ଼ିକ ଉତ୍ପାଦନ କରିବାକୁ ଯାଉଛି। ଏହି ଧରଣର ଉତ୍ପାଦନ ଓଡ଼ିଶାରେ ପ୍ରଥମ ହେବ। ପୂର୍ବରୁ କଦଳୀ ଗଛରୁ କଦଳୀ ବାହାରିବା ପରେ ଗଛକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦିଆଯାଉଥିଲା। କାଁ ଭାଁ ଏହାର ମଞ୍ଜାକୁ ପରିବା ଭାବେ ଖିଆ ଯାଉଥିଲା। ଏ ଧରଣର ଉଦ୍ୟୋଗ ହେବା ଓ ନୂଆ ଜ୍ଞାନକୌଶଳ ଯୋଗୁ ଏବେ କଦଳୀ ଏକ ବହୁ ଅର୍ଥକାରୀ ଫସଲ ଭାବେ ସାବ୍ୟସ୍ତ ହୋଇପାରିବ। ଅଧିକ କଦଳୀ ଚାଷ ପାଇଁ ଚାଷୀଙ୍କୁ ଉତ୍ସାହ ଯୋଗାଇବ। 'ସ୍ଫୁର୍ତ୍ତି' ଯୋଜନାରେ ଏହି ଉଦ୍ୟୋଗ ପ୍ରତିଷ୍ଠା କରାଯାଇଛି। ଏଥିରେ ୩୫୦ ଜଣ ସଦସ୍ୟଙ୍କୁ ନେଇ ଏକ ଗୋଷ୍ଠୀଗତ ଶିଳ୍ପାନୁଷ୍ଠାନ ଆରମ୍ଭ କରାଯାଇଛି। ଆଜି ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ କରାଯାଇଥିବା ଏକ ସମୀକ୍ଷା ବୈଠକରୁ ଏହି ସୂଚନା ମିଳିଛି। ଏହା ବାଦ୍ ସମୀକ୍ଷା ବୈଠକରେ ୭ଟି ବିଭିନ୍ନ କ୍ଲଷ୍ଟର ଉପରେ ସମୀକ୍ଷା କରାଯାଇଥିଲା। ଏଥିରେ ଚାନ୍ଦୁଆ ତିଆରି, ପଥର ଖୋଦେଇ କାମ, ନଡ଼ିଆ କତା, ବେଲ ମେଟାଲ ଓ କାଠ କାମ, ମହୁଆ ପ୍ରକ୍ରିୟାକରଣ, ଶୁଖୁଆ ମାଛ ପ୍ରସ୍ତୁତି ପ୍ରଭୃତି ରହିଛି। ଏସବୁ କ୍ଲଷ୍ଟର ଉଦ୍ୟୋଗଗୁଡ଼ିକୁ ଯଥାସମ୍ଭବ ତାଙ୍କର ଉତ୍ପାଦନ ଆରମ୍ଭ ଦିଗରେ ବାକିଆ ରହିଥିବା କାର୍ଯ୍ୟ ତୁରନ୍ତ ସାରିବାକୁ କୁହାଯାଇଛି। ଏହି ଭର୍ଚୁଆଲ୍ ସମୀକ୍ଷାରେ ଶିଳ୍ପ ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ ଆଲାମ, ଅତିରିକ୍ତ ଶାସନ ସଚିବ ଉଦୟ ନାରାୟଣ ଦାସ, ସିଟିଂସିର ଏସ୍ କେ କର, ଏଲ୍ ରାଜଶେଖର, ହସ୍ତଶିଳ୍ପ ନିର୍ଦ୍ଦେଶକ ସନାତନ ମହାପାତ୍ର, କତା ନିଗମର ଦେଶବନ୍ଧୁ ଦାସ, କେନ୍ଦ୍ର ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ନିର୍ଦ୍ଦେଶକ ପି କେ ଗୁପ୍ତା, ଆଞ୍ଚଳିକ ନିର୍ଦ୍ଦେଶକ ଭି ପି ଠାକୁର, ଏଫ୍‌ଏମ୍‌ସି ସୁଚିସ୍ମିତା ଓ ଇଭାନ୍ ଜେଲିଷ୍ଟ ସଂଯୁକ୍ତା ବଡ଼ାଇ ପ୍ରମୁଖ ଯୋଗ ଦେଇଥିଲେ।

# ଓଡିଶାରେ ଖଣି ନିଲାମ ପ୍ରକ୍ରିୟା ସ୍ୱଚ୍ଛ ଓ ନିରପେକ୍ଷ : ବିଜେଡି

ଭୁବନେଶ୍ୱର,୧୭/୬ (ନି.ପ୍ର): ଓଡିଶା ଭାରତର ଏକ ମାତ୍ର ରାଜ୍ୟ ଯେ ଖଣି ନିଲାମ କରିଛି, ଯାହା କି ଅତି ସ୍ୱଚ୍ଛତା ଓ ନିରପେକ୍ଷତା ସହିତ କରାଯାଇଛି । ଏଥିପାଇଁ ଓଡିଶାକୁ ପ୍ରଶଂସା ମିଳୁଥିବାବେଳେ ବିଜେପି ବିଧାୟକ ରାଜନୈତିକ ଉଦ୍ଦେଶ୍ୟ ରଖି ଭିତିହୀନ ଓ ମିଥ୍ୟା ବିବୃତିମାନ ଦେଉଛନ୍ତି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି । ବିଜେପି ବିଧାୟକ ମୋହନ ମାଝିଙ୍କ ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ଶ୍ରୀ ମହାନ୍ତି କହିଛନ୍ତି ଯେ ଓଡିଶା ହେଉଛି ଦେଶର ଏକମାତ୍ର ରାଜ୍ୟ ଯେଉଁଠାରେ ଅତ୍ୟନ୍ତ ସ୍ୱଚ୍ଛ, ମୁକ୍ତ ଓ ନିରପେକ୍ଷ ଭାବରେ ଖଣି ନିଲାମ କରାଯାଇଛି । ଏଥିପାଇଁ କେନ୍ଦ୍ର ତଥା ଅନ୍ୟାନ୍ୟ ମହଲରୁ ଓଡିଶାକୁ ପ୍ରଶଂସା ମିଳିଛି । ଯାହା ମନେହେଉଛି ଶ୍ରୀ ମାଝି ଖଣି ଅଧିନିୟମ ଏବଂ ନିୟମ ଆଦି ବିଷୟରେ ଟିକି ନିଖି ଭାବେ ଅବଗତ ନଥିବାରୁ ସେ ଏପରି ଭିତିହୀନ ବିବୃତିମାନ ପ୍ରଦାନ କରୁଛନ୍ତି । ଯଦି ତାଙ୍କର କୌଣସି ସନ୍ଦେହ ଅଛି, ତେବେ ସେ ଏହି ଘଟଣାରେ ତଦନ୍ତ କରିବାକୁ କେନ୍ଦ୍ରକୁ କହିପାରିବେ । ଏଥିରେ ବିଜେଡି ସରକାରଙ୍କର କିଛି ଲୁଚାଇବାର ନାହିଁ । ଏଭଳି ବିବୃତି ରଖିବାବେଳେ ଶ୍ରୀ ମାଝି ଲଜ୍ଜିତ ହେବା ଉଚିତ ଯେ କରୋନା ମହାମାରୀ ସମୟରେ ସେ କୌଣସି ପ୍ରସଙ୍ଗ ନ ପାଇ ରାଜନୈତିକ ଦୃଷ୍ଟିରୁ ଗଣମାଧ୍ୟମରେ ତିଷ୍ଠି ରହିବାକୁ ସେ ଏପରି ମିଥ୍ୟା, କପୋଳକଳ୍ପିତ ଏବଂ ଭିତିହୀନ ବିବୃତିମାନ ପ୍ରଦାନ କରୁଛନ୍ତି । ତେଣୁ ମହାମାରୀ ସମୟରେ ଖଣି ଆଇନ× ସଂକ୍ରାନ୍ତରେ କିଛି ନବୁଝି ନସୁଝି ବିବୃତି ଦେଇ ରାଜନୀତି ନକରିବାକୁ ବିଜେଡି ମୁଖପାତ୍ର ଶ୍ରୀ ମହାନ୍ତି ପରାମର୍ଶ ଦେଇଛନ୍ତି ।

# ସରକାର ଚାହିଁଲେ ପେଟ୍ରୋଲ ଦର ହ୍ରାସ ହୋଇ ପାରିବ : ଡ ସ୍ମୃତି ରଞ୍ଜନ ଲେଙ୍କା



କଟକ,୧୭/୬(ନି.ପ୍ର): ସେଚ୍ଛାସେବୀ ଅନୁଷ୍ଠାନ ସୋସାଇଟି ଚେଞ୍ଜର୍ସ ପକ୍ଷରୁ ଅନୁଷ୍ଠାନର ସଭାପତି ସାରଦା ପ୍ରସାଦ ଦାସଙ୍କ ସଭାପତିତ୍ୱରେ 'ଇନ୍ଧନ ଦର ବୃଦ୍ଧି କାରଣ ଓ ନିରାକରଣ' ଶୀର୍ଷକ ଉପରେ ଭର୍ଚ୍ୟୁଅଲ ପ୍ଲାଟଫର୍ମରେ ଏକ ୱେବିନାର ଅନୁଷ୍ଠିତ ହୋଇ ଯାଇଛି। ଏହି ଆଲୋଚନା ଚକ୍ରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ତଥା ଯୁବ ସମାଜସେବୀ ଡ ସ୍ମୃତି ରଞ୍ଜନ ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଇନ୍ଧନ ଦର ବୃଦ୍ଧିର କାରଣ ଦର୍ଶାଇବା ସହ ଏକ ଜନ ମଙ୍ଗଳ ରାଷ୍ଟ୍ରରେ ବିକାଶମୂଳକ କାର୍ଯ୍ୟ ପାଇଁ କର ସଂଗ୍ରହ ଏକମାତ୍ର ରାସ୍ତା ନୁହଁ ବୋଲି ଯୁକ୍ତି ବାଢ଼ିଥିଲେ। ସମ୍ପ୍ରତି କରୋନା ମହାମାରୀର ମୁକାବିଲା ପାଇଁ ଆମକୁ ବ୍ୟାପକ ଅର୍ଥର ଆବଶ୍ୟକତା ରହିଛି କିନ୍ତୁ ଚିକିତ୍ସା ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଇନ୍ଧନ ଦରବୃଦ୍ଧି କରାଯାଉଥିବା ଯୁକ୍ତିକୁ ସେ ନାପସନ୍ଦ କରିଥିଲେ। ତୈଳ କମ୍ପାନୀ ମାନଙ୍କ ପକ୍ଷରୁ କିଣା ଯାଇଥିବା ତୈଳରେ ବ୍ୟାପକ ଟିକସ ଆଦାୟ କରାଯାଉଥିବାରୁ ତୈଳ ଦର ଅହେତୁକ ବୃଦ୍ଧି ପାଇବା ସହ ସାଧାରଣ ଜନତାଙ୍କ ଆର୍ଥିକ ମେରୁ ଦଣ୍ଡ ଭାଙ୍ଗି ଦେଉଛି। ତୈଳ ଦର ବୃଦ୍ଧି ଯୋଗୁଁ ବିଶେଷ କରି ପରିବହନ ଶିଳ୍ପ, କୃଷି ଓ କୃଷି ଆନୁସଙ୍ଗିକ ଉଦ୍ୟୋଗ ବିଶେଷ ଭାବରେ ପ୍ରଭାବିତ ହେଉଥିବା ଯୋଗୁଁ ଖାଉଟି ଦର ବୃଦ୍ଧି ଓ ବେରୋଜଗାରୀ ବୃଦ୍ଧି ପାଇବାରେ ଲାଗିଛି। ଆଲୋଚନାରେ ଅଂଶ ଗ୍ରହଣ କରିଥିବା ବିଭିନ୍ନ ଯୁବକଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସେ କହିଥିଲେ ଆର୍ଥିକ ସମସ୍ୟାର ମୁକାବିଲା କରିବା ପାଇଁ କେବଳ ଟିକସ ଆଦାୟ ଓ ରାଷ୍ଟ୍ରାୟତ ଉଦ୍ୟୋଗର ବିକ୍ରୀ ଏକମାତ୍ର ବିକଳ୍ପ ନୁହେଁ। ଏତଦବ୍ୟତୀତ କୁଟୀର ଶିଳ୍ପ, କ୍ଷୁଦ୍ରଶିଳ୍ପ, କୃଷି ଓ କୃଷି ଆନୁସଙ୍ଗିକ ଶିଳ୍ପକୁ ଗୁରୁତ୍ୱ ଦିଆଗଲେ କର୍ମନିଯୁକ୍ତି ବୃଦ୍ଧି ପାଇବା ସହ ରୋଜଗାର ବୃଦ୍ଧି ପାଇ ପାରିବ ଓ ଆମେ ଆର୍ଥିକ ସଙ୍କଟରୁ ମୁକ୍ତି ପାଇ ପାରିବା ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟ ପକ୍ଷରେ ଯଦି ସରକାର ଜନ ଅସନ୍ତୋଷକୁ ଚପେଇଦେବାକୁ ଚେଷ୍ଟା କରନ୍ତି ତାହେଲେ ସମସ୍ତ ନାଗରିକ ନିଜେ ସଚେତନ ହେବା ସହ ଅନ୍ୟକୁ ସଚେତନ କରାଇଲେ ସରକାରଙ୍କ ଉପରେ ଚାପ ସୃଷ୍ଟି ହେବ ଏବଂ ଦରବୃଦ୍ଧି ଓ ଟିକସ ବୃଦ୍ଧି ପରି ସେଚ୍ଛାଚାରୀ କାର୍ଯ୍ୟରୁ ସରକାର ନିବୃତ୍ତ ରହିବେ।ଏହା ସହ ସରକାର ପରିବର୍ତ୍ତନ ପରି ବିକଳ୍ପ ମଧ୍ୟ ଜନତାଙ୍କ ହାତରେ ରହିଛି। ଏଣୁ ଦରବୃଦ୍ଧିକୁ ରୋକିବା ପାଇଁ ସରକାରଙ୍କ ପାଖରେ ବିଭିନ୍ନ ବିକଳ୍ପ ରହିଛି ଏବଂ ଭୋଟ ଦାନ ଦ୍ୱାରା ସାଧାରଣ ନାଗରିକ ମଧ୍ୟ ସରକାରଙ୍କ ଉପରେ ଲଗାମ ଦେଇ ପାରିବ। ଏହି କାର୍ଯ୍ୟକ୍ରମକୁ ଶିବ ପ୍ରସାଦ ଦାସ ସଂଯୋଜନା କରିଥିବା ବେଳେ ସଂଗଠନ ସମ୍ପାଦକ ସତ୍ୟସୁମନ ରାଉତରାୟ, ସୌମ୍ୟ ରଞ୍ଜନ ଶତପଥୀ, ମିଡ଼ିଆ ସଂଯୋଜକ ଶୁଭମ ଚୌଧୁରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଚାଳିଶି ଜଣ ଅଂଶ ଗ୍ରହଣ କରିଥିଲେ।ଶେଷରେ ଅନ୍ୟତମ ସଂଗଠନ ସମ୍ପାଦକ ଅମ୍ଳାନ ବଡୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୪ ଘଂଟାରେ ସୁସ୍ଥ ହେଲେ ୬୨୪୦ ଆକ୍ରାନ୍ତ

ଭୁବନେଶ୍ୱର,୧୭/୦୬ (ନି.ପ୍ର): ରାଜ୍ୟରେ ଆଜି କରୋନା ଭାଇରସରୁ ୬୨୪୦ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୮ ଲକ୍ଷ ୨୩ ହଜାର ୫୯୯ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଏଥିରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୮୫୨ ଜଣ ଓ କଟକ ଜିଲ୍ଲାରୁ ୫୦୪ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଯାଜପୁରରୁ ୪୧୩, ଅନୁଗୁଳରୁ ୩୭୨, ଭଦ୍ରକରୁ ୩୬୬, ନୟାଗଡ଼ରୁ ୩୫୧, ମୟୂରଭଂଜରୁ ୩୨୭, ପୁରୀରୁ ୩୨୧ ଓ ଢେଙ୍କାନାଳରୁ ୩୦୫ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।କେନ୍ଦ୍ରାପଡ଼ା ଜିଲ୍ଲାରୁ ୨୫୩, ବୌଦ୍ଧରୁ ୨୪୩, ଜଗତସିଂହପୁରରୁ ୨୩୯, ବାଲେଶ୍ୱରରୁ ୧୯୫, କେନ୍ଦୁଝରରୁ ୧୩୫, କୋରାପୁଟରୁ ୧୩୪, ସମ୍ବଲପୁରରୁ ୧୩୧, ରାୟଗଡ଼ାରୁ ୧୧୭, ନବରଂଗପୁରରୁ ୧୧୩ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୧୦୮ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ବରଗଡ଼ ଓ ମାଲକାନଗିରି ଜିଲ୍ଲାରୁ ୯୮ ଜଣ ଲେଖାଏଁ, ଗଂଜାମରୁ ୬୯, ସୁବର୍ଣ୍ଣପୁରରୁ ୬୮, ବଲାଙ୍ଗୀରରୁ ୬୫, କନ୍ଧମାଳରୁ ୫୨, କଳାହାଣ୍ଡିରୁ ୫୦, ଝାରସୁଗୁଡ଼ାରୁ ୩୪, ଗଜପତିରୁ ୩୦, ଦେବଗଡ଼ରୁ ୨୮, ନୂଆପଡ଼ାରୁ ୨୪ ଓ ରାଜ୍ୟପୁଲରୁ ୧୪୫ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

### ପଶ୍ଚିମରେ ନିୟନ୍ତ୍ରଣ, ଉପକୂଳ ଉପରେ ଫୋକସ୍

ଭୁବନେଶ୍ୱର,୧୭/୦୬ (ନି.ପ୍ର): ପଶ୍ଚିମ ଓଡ଼ିଶା କରୋନା ସଂକ୍ରମଣ ସ୍ଥିତି ନିୟନ୍ତ୍ରଣକୁ ଆସିବା ପରେ ଉପକୂଳକୁ ଫୋକସରେ ରଖାଯାଇଛି । ଅଧିକ ସଂକ୍ରମଣ ଥିବା ଜିଲ୍ଲାରେ ଅଧିକ ଟେଷ୍ଟ କରାଯିବା ସହ ଡୋର ଟୁ ଡୋର ସର୍ଭେ ମଧ୍ୟ ବ୍ୟାପକ କରାଯିବ କହିଛନ୍ତି ଜନସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ନିରଂଜନ ମିଶ୍ର । ସେ କହିଛନ୍ତି ଏନେଇ ଅଫିସର, ଜିଲ୍ଲାପାଳ, ସଜାଗ ଅଛନ୍ତି । ପର୍ଯ୍ୟାୟ କ୍ରମେ ପଶ୍ଚିମ ଓଡ଼ିଶାରେ ଆରମ୍ଭ ହୋଇ ଉପକୂଳକୁ ଆସିଥିଲା ସଂକ୍ରମଣ। ଧୀରେ ଧୀରେ ହ୍ରାସ ପାଇବା ସ୍ୱାଭାବିକ ପ୍ରକ୍ରିୟା। ଆଜି ୧୮ ଜିଲ୍ଲାରେ ଦୈନିକ ସଂକ୍ରମଣ ସଂଖ୍ୟା ଦୁଇ ଅଙ୍କ ଖସିଛି । ଏବେ ରାଜ୍ୟରେ ସଂକ୍ରମଣ ହାର ୬ ପ୍ରତିଶତ ରହୁଛି । ଯେଉଁ ଜିଲ୍ଲାରେ ଅଧିକ ରହୁଛି ଆଶା କରାଯାଉଛି ଏହି ମାସ ଶେଷ ସୁଦ୍ଧା ବହୁତ କମ୍ ରହିବ । ଆଇସିୟୁ ପରିଚାଳନା ଠିକ୍ ଭାବେ ଚାଲିଛି। ନଚେତ ମୃତ୍ୟୁ ସଂଖ୍ୟା ବଢିଥାନ୍ତା।

# କେବୁଲ ଟିଭି ନେଟଓ୍ୱର୍କ ନିୟମାବଳୀରେ ସଂଶୋଧନ

**- ଟିଭି ପ୍ରସାରଣର ନାଗରିକ ଆପତ୍ତି/ଅଭିଯୋଗର ସମାଧାନ କରିବା ପାଇଁ ହେବ ବୈଧାନିକ ବ୍ୟବସ୍ଥା**

**- କେନ୍ଦ୍ର ସରକାରଙ୍କ ଦ୍ୱାରା ମାନ୍ୟତା ପାଇବେ ସ୍ୱ-ନିୟାମକ ସଂସ୍ଥା**

ଭୁବନେଶ୍ୱର,୧୭/୦୬(ନି.ପ୍ର): କେବୁଲ ଟେଲିଭିଜନ ନେଟଓ୍ୱର୍କ ନିୟମାବଳୀ, ୧୯୯୪ରେ ସଂଶୋଧନ କରିଛନ୍ତି କେନ୍ଦ୍ର ସରକାର। ଏ ସଂକ୍ରାନ୍ତରେ ଆଜି ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। କେବୁଲ ଟେଲିଭିଜନ ନେଟଓ୍ୱର୍କ ଆଇନ, ୧୯୯୫ ଅନୁଯାୟୀ ଟେଲିଭିଜନ ଚ୍ୟାନେଲଗୁଡ଼ିକ ଦ୍ୱାରା ପ୍ରସାରଣ କରାଯାଉଥିବା ବିଷୟବସ୍ତୁ ସଂକ୍ରାନ୍ତରେ ନାଗରିକ ମାନଙ୍କର ଆପତ୍ତି/ଅଭିଯୋଗର ସମାଧାନ ଲାଗି ଏକ ବୈଧାନିକ ବ୍ୟବସ୍ଥା ରହିବ। ବର୍ତ୍ତମାନ, ନିୟମାବଳୀ ଅନ୍ତର୍ଗତ ରହିଥିବା ବ୍ୟବସ୍ଥା ଅନୁଯାୟୀ, ଏକ ଆନ୍ତଃମନ୍ତ୍ରିସ୍ତରୀୟ ସମିତି ଦ୍ୱାରା କାର୍ଯ୍ୟକ୍ରମ/ବିଜ୍ଞାପନ ସଂହିତାର ଉଲ୍ଲଙ୍ଘନ ସଂକ୍ରାନ୍ତରେ ନାଗରିକମାନଙ୍କର ଅଭିଯୋଗର ସମାଧାନ ଲାଗି ସଂସ୍ଥାଗତ ବ୍ୟବସ୍ଥା ରହିଛି। ଅନୁରୂପ ଭାବେ, ଅଭିଯୋଗଗୁଡ଼ିକର ସମାଧାନ ଲାଗି ବିଭିନ୍ନ ପ୍ରସାରଣକାରୀଙ୍କର ଏକ ସ୍ୱ-ନିୟାମକ ବ୍ୟବସ୍ଥା ରହିଛି। ତେବେ ଅଭିଯୋଗ ସମାଧାନ ଢାଞ୍ଚାକୁ ସୁଦୃଢ଼ କରିବା ଲାଗି ଏକ ବୈଧାନିକ ବ୍ୟବସ୍ଥା କରିବାର ଆବଶ୍ୟକତା ଅନୁଭୂତ ହେଉଥିଲା। କେତେକ ପ୍ରସାରଣକାରୀମାନେ ମଧ୍ୟ ସେମାନଙ୍କର ସଂଘ/ସଂସ୍ଥାଗୁଡ଼ିକୁ ଆଇନଗତ ମାନ୍ୟତା ଦେବା ନିମନ୍ତେ ଅନୁରୋଧ କରିଥିଲେ। ମାନ୍ୟବର ସୁପ୍ରିମକୋର୍ଟ ମଧ୍ୟ ୨୦୦୦ ମସିହାର ମାମଲା ସଂଖ୍ୟା ଡବ୍ଲୁପି (ସି)ନଂ. ୩୮୭- "କମନ୍ କଜ୍ ଭର୍ସେସ୍ ୟୁନିଅନ୍ ଅଫ୍ ଇଣ୍ଡିଆ ଆଣ୍ଡ ଅଦର୍ସ" ମାମଲାରେ ଦେଇଥିବା ରାୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଅଭିଯୋଗ ସମାଧାନ ବ୍ୟବସ୍ଥା ଉପରେ ସନ୍ତୋଷ ବ୍ୟକ୍ତ କରିବା ସହିତ ଅଭିଯୋଗ ସମାଧାନ ବ୍ୟବସ୍ଥାର ଔପଚାରିକରଣ ନିମନ୍ତେ ଉପଯୁକ୍ତ ନିୟମାବଳୀ ପ୍ରସ୍ତୁତ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଉପରୋକ୍ତ ପୃଷ୍ଠଭୂମିରେ, ଏହି ବୈଧାନିକ ବ୍ୟବସ୍ଥା ପ୍ରଦାନ କରିବା ଲାଗି କେବୁଲ ଟେଲିଭିଜନ ନେଟଓ୍ୱର୍କ ନିୟମାବଳୀରେ ସଂଶୋଧନ କରାଯାଇଛି, ଯାହାକି ପାରଦର୍ଶୀ ଓ ନାଗରିକଙ୍କ ପାଇଁ ଲାଭଦାୟକ ହେବ। ଏଥିସହିତ, ପ୍ରସାରଣକାରୀମାନଙ୍କର ସ୍ୱ-ନିୟାମକ ସଂସ୍ଥାଗୁଡ଼ିକ କେନ୍ଦ୍ର ସରକାରଙ୍କ ନିକଟରେ ପଞ୍ଜୀକରଣ କରିବେ। ବର୍ତ୍ତମାନ ଦେଶରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ଅନୁମତିପ୍ରାପ୍ତ ୯୦୦ରୁ ଅଧିକ ଟେଲିଭିଜନ ଚ୍ୟାନେଲ୍ ରହିଛନ୍ତି। ଏମାନଙ୍କୁ କେବୁଲ ଟେଲିଭିଜନ ନେଟଓ୍ୱର୍କ ନିୟମାବଳୀ ଅଧୀନରେ ଦିଆଯାଇଥିବା କାର ?ୟ୍ୟକ୍ରମ ଓ ବିଜ୍ଞାପନ ସଂହିତାକୁ ପାଳନ କରିବାକୁ ହୋଇଥାଏ। ଉପରୋକ୍ତ ବିଜ୍ଞପ୍ତିକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି କାରଣ ଅଭିଯୋଗ ସମାଧାନ ନିମନ୍ତେ ଏହା ଏକ ଦୃଢ଼ ସଂସ୍ଥାଗତ ବ୍ୟବସ୍ଥା ଯୋଗାଇ ଦେବ। ଏଥିସହିତ ପ୍ରସାରଣକାରୀ ଏବଂ ସେମାନଙ୍କର ସ୍ୱ-ନିୟାମକ ସଂସ୍ଥାଗୁଡ଼ିକ ଉପରେ ଏକ ଉତ୍ତରଦାୟିତ୍ୱ ଏବଂ ଦାୟିତ୍ୱ ନ୍ୟସ୍ତ କରିବ।

## ଜଗନ୍ନାଥ ବାହିନୀ ପକ୍ଷରୁ ରଥନିର୍ମାଣ କାର୍ଯ୍ୟ ଚାଲୁ ପାଇଁ ଦାବିପତ୍ର



ବାରିପଦା,୧୭/୦୬ (ନି.ପ୍ର): ଚଳିତ ବର୍ଷ ୨ୟ ଶ୍ରୀକ୍ଷେତ୍ର ବାରିପଦାରେ ରଥଯାତ୍ରା ବନ୍ଦ ରହିବାକୁ ନେଇ ଭକ୍ତ ଓ ଜଗନ୍ନାଥ ପ୍ରେମୀଙ୍କ ମନରେ ଅସନ୍ତୋଷ ଲାଗି ରହିଛି । ତେବେ ବିଭିନ୍ନ ସଂଗଠନ ପକ୍ଷରୁ ବାରିପଦାରେ କଟକଣା ଭିତରେ ରଥଯାତ୍ରା ଅନୁଷ୍ଠିତ କରିବାକୁ ବିଭିନ୍ନ ଉପାୟରେ ଦାବୀ ପ୍ରଦର୍ଶନ କରାଯାଉଥିବା ବେଳେ, ଆଜି ଜଗନ୍ନାଥ ସେନା ପକ୍ଷରୁ ବାରିପଦାରେ ଚାଲିଥିବା ରଥ ନିର୍ମାଣ କାର୍ଯ୍ୟ ଚାଲୁ ରଖିବା ସହିତ କଟକଣା ଭିତରେ ରଥଯାତ୍ରା କରାଯିବା ସମ୍ବନ୍ଧରେ ଏକ ଦାବୀପତ୍ର ଜିଲ୍ଲାପାଳଙ୍କ ମାଧ୍ୟମରେ ଓଡିଶାର ମହାମାନ୍ୟ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଉଥିବାର ଜଣାଯାଇଛି । ଏହାର କପି ଓଡିଶାର ମୁଖ୍ୟ ସାଶନ ସଚିବ, ଗୃହ ସଚିବ, ଆଇନ ବିଭାଗ ସଚିବ, ସଂସ୍କୃତି ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କୁ ପ୍ରଦାନ କରାଯାଇଥିବାର ଜଣାଯାଇଛି । ଦାବୀପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ବାହିନୀର ସଭାପତି ଉମାକାନ୍ତ ରାଉତ, ସମ୍ପାଦକ ଲକ୍ଷ୍ମଣ ତ୍ରିପାଠୀ, ଉପଦେଷ୍ଟା ଶରତ ଚନ୍ଦ୍ର ନାୟକ, ନରୋତ୍ତମ ପାଣିଗ୍ରାହୀ, ପିତାମ୍ବର ମଲ୍ଲିକ, ତଥାଗତ ତ୍ରିପାଠୀ, ସାନୁ ରଣା, ସଞ୍ଜିବ ସାହୁ, ଅଚ୍ୟୁତ ମହାପାତ୍ର ପ୍ରମୁଖ ବହୁ ସଦଶ୍ୟ ଉପସ୍ଥିତ ଥିଲେ ।

## ସପ୍ତାହକୁ ଚାରିଦିନ ଚାଲିବ ଭୁବନେଶ୍ୱର ରାଜଧାନୀ ବିଶେଷ ଟ୍ରେନ୍

ଭୁବନେଶ୍ୱର,୧୭/୦୬ (ନି.ପ୍ର): ଜୁନ୍ ମାସ ଶେଷ ପର୍ଯ୍ୟନ୍ତ ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ବିଶେଷ ଟ୍ରେନ ଏଣିକି ସପ୍ତାହକୁ ଚାରିଦିନ ଚଳାଚଳ କରିବାକୁ ନିଷ୍ପତି ନିଆଯାଇଛି । କୋଭିଡ଼୧୯ ସଂକ୍ରମଣର ପାଇଁ ଏହି ଟ୍ରେନକୁ ପୂର୍ବରୁ ସପ୍ତାହରେ ଦୁଇଥର ଚାଲୁଥିଲା। ୦୨୮୨୩ ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ବିଶେଷ ଟ୍ରେନ ଭାୟା ଟାଟା ଭୁବନେଶ୍ୱରରୁ ପ୍ରତି ମଙ୍ଗଳବାର ଏବଂ ଗୁରୁବାର ଦିନ ଚଳାଚଳ କରିବାକୁ ଥିବାବେଳେ ସୋମବାର ଏବଂ ଶୁକ୍ରବାର ଦିନ ମାନଙ୍କରେ ବାତିଲ ରହିବ । ୦୨୮୨୪ ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ବିଶେଷ ଟ୍ରେନ ଭାୟା ଟାଟା ନୂଆଦିଲ୍ଲୀରୁ ପ୍ରତି ବୁଧବାର ଏବଂ ଗୁରୁବାର ଦିନ ଚଳାଚଳ କରିବାକୁ ଥିବାବେଳେ ମଙ୍ଗଳବାର ଏବଂ ଶନିବାର ଦିନ ମାନଙ୍କରେ ବାତିଲ ରହିବ ।୦୨୮୨୫/୦୨୮୨୬ ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ବିଶେଷ ଟ୍ରେନ ଭାୟା ଆଦ୍ରଓ ଭୁବନେଶ୍ୱରରୁ ରବିବାର ଏବଂ ବୁଧବାର ଦିନ ଏବଂ ନୂଆଦିଲ୍ଲୀରୁ ସୋମବାର ଏବଂ ଶୁକ୍ରବାର ଦିନ ଚଳାଚଳ କରିବ । ୦୨୮୫୫/୦୨୮୫୬ ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ବିଶେଷ ଟ୍ରେନ ଭାୟା ସମ୍ବଲପୁର ସିଟି ଏବଂ ରାଉରକେଲା ଭୁବନେଶ୍ୱରରୁ ୨୬ ଜୁନ୍ (ଶନିବାର) ଏବଂ ନୂଆଦିଲ୍ଲୀରୁ ୨୭ ଜୁନ୍, ୨୦୨୧ ତାରିଖ ଦିନ ବାତିଲ ରହିବ ।

## ପୂର୍ବତନ ବିଧାୟକ ମଦନ ମୋହନ ଦତ୍ତଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ



ବାଲେଶ୍ୱର,୧୭/୦୬ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ଦିବଙ୍ଗତ ବିଧାୟକ ମଦନ ମୋହନ ଦତ୍ତ (ମଙ୍ଗୁ ଭାଇ)ଙ୍କର ପ୍ରଥମ ପୂଣ୍ୟତିଥି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବିଜେପି ସଦର ଶାଖା କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ଦତ୍ତଙ୍କ ସୁପୁତ୍ର ତଥା ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ-ସଭାପତି ମାନସ କୁମାର ଦତ୍ତଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅୟୋଜିତ ହୋଇଥିଲା । ସ୍ୱର୍ଗତ ଦତ୍ତଙ୍କ ପତ୍ନୀ ପ୍ରେମଲତା ଦତ୍ତଓ ଏହି ଶିବିରକୁ ଉଦଘାଟନ କରିବା ସହ ସମସ୍ତ ରକ୍ତଦାତାଙ୍କୁ ସାଧୁବାଦ ଜଣାଇଥିଲେ । ରକ୍ତଦାନ ଦ୍ୱାରା ଅନ୍ୟର ଜୀବନ ରକ୍ଷା କରି ସେମାନେ ପୁଣ୍ୟକାର୍ଯ୍ୟ କରିଛନ୍ତି ବୋଲି ଶ୍ରୀମତୀ ଦତ୍ତ କହିଥିଲେ । ପୁତ୍ର ମାନସ ଦତ୍ତଙ୍କ ସମେତ ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ବରିଷ୍ଠ ବିଜେପି ନେତା ରବି ନାରାୟଣ ମହାପାତ୍ର, ପର୍ଶୁରାମ ବେହେରା, ସତ୍ୟଜିତ ମିଶ୍ର, ସୀତାକାନ୍ତ ସ୍ୱାଇଁ, ଗଙ୍ଗାଧର ରାଉତ, ଲୋକନାଥ ଭୂୟାଁ, ପ୍ରମୁଖ ଏହି ଶିବିରରେ ଉପସ୍ଥିତି ରହି ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ରକ୍ତଦାନ ଭଳି ମହତ କାର୍ଯ୍ୟ ପ୍ରତି ଯୁବଗୋଷ୍ଠୀ ସର୍ବଦା ଆଗ୍ରହୀ ହେବାକୁ କହିଥିଲେ । ମଙ୍ଗୁଭାଇଙ୍କ ଭଳି ଦରଦୀ ଓ ପରୋପକାରୀ ବ୍ୟକ୍ତିତ୍ୱଙ୍କ ଶ୍ରାଦ୍ଧ ବାର୍ଷିକୀରେ ରକ୍ତଦାନ ଶିବିର ଆୟୋଜନର ପ୍ରାସଙ୍ଗିକତା ରହିଛି ବୋଲି ସେମାନେ କହିଥିଲେ । ଶିବିରରେ ରକ୍ତଦାନ କରିଥିବା ସମସ୍ତ ରକ୍ତଦାତାଙ୍କୁ ସଦର ଯୁବନେତା ମାନସ ଦତ୍ତ କୃତଜ୍ଞତା ଜଣାଇବା ସହ ଏହି କୋଭିଡ ମହାମାରୀ ସମୟରେ ରକ୍ତ ସଂକଟକୁ ଦୂର କରିବା ପାଇଁ ଅଧିକରୁ ଅଧିକ ଯୁବବନ୍ଧୁଙ୍କୁ ଟୀକା ନେବା ପୂର୍ବରୁ ରକ୍ତଦାନ କରିବା ପାଇଁ ଆବେଦନ କରିଥିଲେ । ସ୍ୱର୍ଗତ ବିଧାୟକଙ୍କ ସେବା ମନସ୍କ ଚେତନାକୁ ଉଜ୍ଜୀବିତ ରଖିବା ପାଇଁ ଏବଂ ଉତ୍ତର ପିଢ଼ିଙ୍କ ମଧ୍ୟରେ 'ସେବା ହିଁ ସଂଗଠନ'ର ଜାଗରଣ ଆଣିବା ନିମନ୍ତେ ଏହି ବିଶାଳ ରକ୍ତଦାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଅଛି ବୋଲି ସେ କହିଥିଲେ ।

# ମଧୁପୁରା ବାଶୁଳୀମଣ୍ଡପ ରାସ୍ତା ପାଲଟିଛି ନର୍ଦ୍ଦମା



ବାଲିଆପାଳ,୧୭/୦୬ (ନି.ପ୍ର): ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ମଧୁପୁରା ଗ୍ରାମର ଅନ୍ୟଏକ ମୁଖ୍ୟ ରାସ୍ତା ବାଶୁଳୀମଣ୍ଡପ ରାସ୍ତା ଏବେ ନର୍ଦ୍ଦମା ପାଲଟିଛି । ବାଲିଆପାଳ ବ୍ଲକ ଠାରୁ ମାତ୍ର ଏକ କିମି ଦୂରରେ ଅବସ୍ଥିତ ଏହି ବେହାଲ ରାସ୍ତାକୁ ଦେଖିଲେ ଦ୍ୱୀପ ତଳ ଅନ୍ଧାରଭଳି ମନେ ହେଉଛି । ସୂଚନା ଯୋଗ୍ୟ ବାଲିଆପାଳ ବ୍ଲକ ଛକ ଠାରୁ ଚୌମୁଖ ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତା ଠାରୁ ମଧୁପୁରା ପଞ୍ଚାୟତ ୧୨ ନମ୍ବର ଓାର୍ଡରେ ଥିବା ବାଶୁଳୀମଣ୍ଡପ ପର୍ଯ୍ୟନ୍ତ ଯାଇଥିବା କଚ୍ଚା ରାସ୍ତାଟି ଦୀର୍ଘଦିନ ହେଲା ମରାମତି ଅଭାବରୁ ନର୍ଦ୍ଦମାରେ ପରିଣତ ହୋଇଛି ।ରାସ୍ତାସାରା ଖାଲ ଖମାରେ ପରିଣତ ହେବା ସହ ବର୍ଷାପାଣିରେ ରାସ୍ତାର ଅବସ୍ଥା ବେହାଲ ହୋଇଯାଇଛି । ସାଇକେଲ ଗାଡି ତ ଦୂରର କଥା ଚାଲି ଚାଲିକରି ଯିବା ଅସମ୍ଭବ ହୋଇପଡିଛି । ଏହି ରାସ୍ତା ଦେଇ ୩୦ରୁ ଉର୍ଦ୍ଧ୍ୱ ପରିବାର ଘରୁ ବାହାରନ୍ତି । ଅପରପକ୍ଷରେ ଏହି ରାସ୍ତାଟି ଜାମକୁଣ୍ଡା ମୁଖ୍ୟ ରାସ୍ତାକୁ ସଂଯୋଗ ହୋଇଥିବାରୁ ପ୍ରତିଦିନ ଶହ ଶହ ଲୋକ ମଧ୍ୟ ଯାତାୟତ କରିଥାନ୍ତି । ସେହିପରି ବାଲିଆପାଳର ସର୍ବପୁରାତନ ଜଗନ୍ନାଥ ମନ୍ଦିର ଖଗଡାପାଳ ବ୍ରାହ୍ମଣ ସାହି ଜଗନ୍ନାଥ ମନ୍ଦିର ରଥଯାତ୍ରା ର ମାଉସୀବାଡି ଏହି ବାଶୁଳୀ ମଣ୍ଡରେ ହୋଇଥାଏ । ଏହି ରଥଯାତ୍ରାରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ । ସବୁଠାରୁ ବଡକଥା ହେଉଛି ବାଲିଆପାଳ ବ୍ଲକ ବିଜେଡି ବ୍ଲକ ସଭାପତି ଏହି ରାସ୍ତା ଦେଇ ବାହାରକୁ ବାହରନ୍ତି ।ରାସ୍ତା ମରାମତି ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ପଞ୍ଚାୟତର ସରପଞ୍ଚ ସମେତ ବିଧାୟକ ଓ ବିଡିଓଙ୍କୁ ଜଣାଇଥିଲେ ମଧ ରାସ୍ତା ମରାମତି ହେଉନଥିବାରୁ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।ଏହି ରାସ୍ତାର ବର୍ତ୍ତମାନ ତୁରନ୍ତ ଗ୍ରାମବାସୀ ଯାତାୟତ ପାଇଁ ବାଲି ପକାଇବା ସହ ସ୍ଥାୟୀ କଙ୍କ୍ରୀଟ ରାସ୍ତା ନିର୍ମାଣ ପାଇଁ ଗ୍ରାମର ସୁଧାକୃଷ୍ଣ ଜେନା, ବିଜୟ କୁମାର ଗିରି.ନାରାୟଣ ଜେନା, ମଧୁସୂଦନ ସାହୁ, କମଳାକାନ୍ତ ଦାସ,ନିତ୍ୟାନନ୍ଦ ଦାସ, ପୂର୍ଣ୍ଣଚନ୍ଦ୍ର ଦାସ,ଗଣେଶ ଦାସ, ଅଜୟ ରାଉତ,କାଙ୍ଗାଳି ପଟ୍ଟାୟତ, ଚକ୍ରଧର ଦାସ ପ୍ରମୁଖ ଦାବୀ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୧୦୫ କୋଟି ଟଙ୍କାର ମୋ ସ୍କୁଲ୍ ....

ଅନ୍ୟପକ୍ଷରେ ବିଭିନ୍ନ ସିଏସ୍ଆର୍ ପାଣ୍ଠିରୁ ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକର ବିକାଶ ପାଇଁ ମୋ ସ୍କୁଲ୍ ଅଭିଯାନକୁ ୩୦ କୋଟି ଟଙ୍କାର ଅନୁଦାନ ଆସିଛି। ପୁରାତନ ଛାତ୍ରଛାତ୍ରୀ ଏବଂ ସିଏସ୍ଆର୍ ପାଣ୍ଠି ଅନୁଦାନ ସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତାକୁ ମିଶାଇ ମୋଟ ୧୦୫ କୋଟି ଟଙ୍କାର ପ୍ରକଳ୍ପକୁ କାର୍ଯ୍ୟନିର୍ବାହୀ ପରିଷଦ ଅନୁମୋଦନ ପ୍ରଦାନ କରିଛି। ବାଲେଶ୍ୱର ଜିଲ୍ଲାରେ ଲଗାତାର ୬ଷ୍ଠ ଥର ପାଇଁ ପୁରାତନ ଛାତ୍ରଛାତ୍ରୀମାନେ ସର୍ବାଧିକ ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି। ବର୍ତମାନ ସୁଦ୍ଧା ୫ ଲକ୍ଷ ୨୪ ହଜାର ପୁରାତନ ଛାତ୍ରଛାତ୍ରୀ 'ମୋ ସ୍କୁଲ୍ ଅଭିଯାନ'ରେ ସାମିଲ ହୋଇଥିବା ବେଳେ ରାଜ୍ୟରେ ସମସ୍ତ ଜିଲ୍ଲାର ୩୪ ହଜାରରୁ ଉର୍ଦ୍ଧ୍ୱ ସ୍କୁଲ୍ 'ମୋ ସ୍କୁଲ୍ ଅଭିଯାନ'ରେ ସାମିଲ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ମୋ ସ୍କୁଲ୍ ଅଭିଯାନ' ଅନ୍ତର୍ଗତ ସ୍କୁଲ୍ ଆଡପ୍ଶନ୍ ବା ପୋଷ୍ୟ ବିଦ୍ୟାଳୟ କାର୍ଯ୍ୟକ୍ରମକୁ ସଫଳ କରିବାକୁ 'ମୋ ସ୍କୁଲ୍' ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପର୍ଯ୍ୟାୟକ୍ରମେ ପୋଷ୍ୟ ବିଦ୍ୟାଳୟର ପ୍ରଧାନଶିକ୍ଷକମାନଙ୍କୁ ନେଇ ଭର୍ଚୁଆଲ୍ ବୈଠକର ଆୟୋଜନ କରାଯାଉଥିବା ବେଳେ ପ୍ରଧାନଶିକ୍ଷକମାନଙ୍କ ପାଇଁ କାର୍ଯ୍ୟକ୍ରମ ସମ୍ପର୍କିତ ଏକ ଗାଇଡାନ୍ସ ନୋଟ୍ ପ୍ରସ୍ତୁତ କରାଯାଇଛି। ଗତ ମେ' ମାସରେ ୮୪୪ ପୋଷ୍ୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିଜ ନିଜ ସ୍କୁଲ୍ର ମେଂଟର, ସମ୍ପୃକ୍ତ ସ୍କୁଲ୍ର ପୁରାତନ ଛାତ୍ରଛାତ୍ରୀ, ସ୍କୁଲ୍ ପରିଚାଳନା କମିଟି ସଦସ୍ୟ, ଅଭିଭାବକ ଏବଂ ଶିକ୍ଷା ବିଭାଗର ଅଧିକାରୀମାନଙ୍କୁ ନେଇ ଭର୍ଚୁଆଲ ବୈଠକର ଆୟୋଜନ କରିଛନ୍ତି। ଏହି ବୈଠକରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ୧୪ ହଜାରରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ, ମେଂଟର ଏବଂ ଅନ୍ୟମାନେ ଅଂଶଗ୍ରହଣ କରି ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ମୋ ସ୍କୁଲ୍ ଅଭିଯାନ ଅନ୍ତର୍ଗତ '୫ଟି- ହାଇସ୍କୁଲ୍ ଟ୍ରାନ୍ସଫର୍ମେଶନ କାର୍ଯ୍ୟକ୍ରମ'ରେ ଡିଜିଟାଲ ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ସ୍ମାର୍ଟ କ୍ଲାସ୍ରୁମ୍ ପ୍ରଯୁକ୍ତିବିଦ୍ୟାରେ ଦକ୍ଷ ହେବାକୁ ଶିକ୍ଷକଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ବ୍ୟବସ୍ଥା, ବିଜ୍ଞାନ ଓ ଗଣିତ ଶିକ୍ଷକଙ୍କ ପାଇଁ ଭର୍ଚୁଆଲ ଟ୍ରେନିଂ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ସେହିଭଳି '୫ଟିହାଇସ୍କୁଲ୍ ଟ୍ରାନ୍ସଫର୍ମେଶନ କାର୍ଯ୍ୟକ୍ରମ' ପାଇଁ ପ୍ରଥମ ପର୍ଯ୍ୟାୟରେ ମନୋନୀତ ହୋଇଥିବା ସମସ୍ତ ୧ ହଜାର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ କୋଡିଂ ଶିଖାଇବାକୁ ପ୍ରତ୍ୟେକ ବିଦ୍ୟାଳୟରେ 'କୋଡ୍ କ୍ଲବ୍'ର ପ୍ରତିଷ୍ଠା କରିବାକୁ ନିଷ୍ପତି ନିଆଯାଇଛି। କୋଭିଡ୍ ପରିସ୍ଥିତିରେ ବିଦ୍ୟାଳୟଗୁଡ଼ିକ ବନ୍ଦ ରହିଥିବାରୁ ପିଲାମାନଙ୍କର ପଢିବା ଅଭ୍ୟାସ ବିଶେଷଭାବେ ପ୍ରଭାବିତ ହୋଇଛି। ଏଭଳିସ୍ଥଳେ ଛାତ୍ରଛାତ୍ରୀଙ୍କୁ ପୁସ୍ତକ ପ୍ରତି ପୁଣିଥରେ ଆକୃଷ୍ଟ କରିବାକୁ 'ମୋ ସ୍କୁଲ୍' ଦ୍ୱାରା ୧୦ ହଜାର ଗାଁରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସ୍ଥିର ହୋଇଥିଲା। ରାଜ୍ୟରେ ଲକ୍ଡାଉନ୍ ପରିସ୍ଥିତି କୋହଳ ହେବା ପରେ ଏହି କାର୍ଯ୍ୟକ୍ରମ କରିବାକୁ ନିଷ୍ପତି ନିଆଯାଇଛି। ନିର୍ଦ୍ଧାରିତ ସମୟରେ ମୋ ସ୍କୁଲ୍ ଅନ୍ତର୍ଗତ ପ୍ରକଳ୍ପଗୁଡ଼ିକୁ ଶେଷ କରିବାକୁ ବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖିବାକୁ ସ୍ୱତନ୍ତ୍ର ଅଡିଟର୍ମାନଙ୍କୁ ନିୟୋଜିତ କରାଯାଇଛି। ଏହି ବୈଠକରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଏସ୍ଇପିଏ, ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା, ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା, ନିର୍ଦ୍ଦେଶକ, ଟିଇ, ଏସ୍ସିଇଆର୍ଟି, ବିଭାଗୀୟ ଅତିରିକ୍ତ ଶାସନ ସଚିବ, ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଏବଂ ଭାରପ୍ରାପ୍ତ ଅଧିକାରୀ, ମୋ ସ୍କୁଲ ଉପସ୍ଥିତ ଥିଲେ।

### ୧୩ ଜିଲ୍ଲାରେ ପ୍ରବଳ....

ସମ୍ବଲପୁର, ଦେବଗଡ଼, ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର ଓ ଢେଙ୍କାନାଳ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୮ରୁ ୧୯ ତାରିଖ ମଧ୍ୟରେ ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ବୌଦ୍ଧ ଆଦି ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହା ବ୍ୟତୀତ ୧୯ରୁ ୨୦ ତାରିଖ ମଧ୍ୟରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ଅମାନିଆଙ୍କ ଠାରୁ ଆଦାୟ ହେଲାଣି ....

ଉଲ୍ଲଂଘନକାରୀ ଦୋକାନୀଙ୍କ ଠାରୁ ୪୭ ଲକ୍ଷ ଫାଇନ ଆଦାୟ ହୋଇଛି। ୧୪୮୬ ଅମାନିଆ ଗିରଫ ହୋଇଛନ୍ତି। ୩୧, ୭୫୮ ଗାଡ଼ି ଜବତ ହୋଇଛି ବୋଲି ସୂଚନା ଦେଇଛନ୍ତି ପୋଲିସ୍ ଡିଜି ଶ୍ରୀ ଅଭୟ। ଏଥିସହ କୋଭିଡ଼ କଟକଣା ମାନିବାକୁ ଲୋକଙ୍କୁ ଅପିଲ କରିଛନ୍ତି ପୋଲିସ ଡିଜି। ସେ କହିଛନ୍ତି ଯେ ଓଡିଶା ପୁଲିସ ପକ୍ଷରୁ ଦିନକରେ ୨୩ ଲକ୍ଷ ୩୦ ହଜାର ୯ଶହ ଟଙ୍କା ଫାଇନ ଆଦାୟ ହୋଇଛି । ଗତକାଲି ସକାଳ ଠାରୁ ଆଜି ସକାଳ ମଧ୍ୟରେ ଅମାନିଆଙ୍କ ଠାରୁ ଏହି ଫାଇନ ଆଦାୟ କରାଯାଇଛି । ଏଥିସହ ୨୨ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୫୦୫ଟି ଗାଡି ଜବତ କରାଯାଇଛି ।କୋଭିଡ୍ ଗାଇଡଲାଇନ୍ ଉଲ୍ଲଂଘନ ଅଭିଯୋଗରେ ୪ଟି ମାମଲା ରୁଜୁ ହୋଇଛି।

### ମୁଖ୍ୟମନ୍ତ୍ରୀଙ୍କ ୧୬୯୦ କୋଟି ....

ପୌରସଂସ୍ଥା ମାନଙ୍କରେ ରହୁଥିବା ଗରିବ ଲୋକଙ୍କୁ ଡିସେମ୍ବର ୨୦୨୧ ପର୍ଯ୍ୟନ୍ତ ରୋଜଗାର ଯୋଗାଇବା ପାଇଁ ୨୬୦ କୋଟି ଟଙ୍କାର କାମ ଯୋଗାଇ ଦିଆଯିବ । ଏନଆରଇଜିଏସ ଯୋଜନାରେ କାମ କରୁଥିବା ଶ୍ରମିକ ମାନଙ୍କୁ ସେମାନଙ୍କର ଦୈନିକ ମଜୁରୀ ବ୍ୟତୀତ ପ୍ରତିଦିନ ଅଧିକ ୫୦ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ସହାୟତା ଭାବରେ ଦିଆଯିବ । ଏପ୍ରିଲ ୨୧ରୁ ଜୁନ୍ ୨୧ ମଧ୍ୟରେ ଏହି ବର୍ଦ୍ଧିତ ମଜୁରୀ ବାବଦକୁ ରାଜ୍ୟ ସରକାର ୩୦୦ କୋଟି ଟଙ୍କା ବହନ କରିବେ । ସୂଚନାଯୋଗ୍ୟ ଯେ ଏହି ସମୟ ମଧ୍ୟରେ ଏନଆରଇଜିଏସ ଯୋଜନାରେ ୬ କୋଟି ମାନବ ଦିବସ ସୃଷ୍ଟି କରାଯାଇଛି । ଖାଦ୍ୟ ନିରାପତ୍ତା ସବୁବେଳେ ରାଜ୍ୟ ସରକାରଙ୍କର ପ୍ରାଥମିକତା ରହିଆସିଛି । ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ ମାନଙ୍କୁ ଜୁଲାଇରୁ ନଭେମ୍ବର ୨୧ ପର୍ଯ୍ୟନ୍ତ ୫ କେଜି ଲେଖାଏ ଚାଉଳ ପ୍ରତି ବ୍ୟକ୍ତିଙ୍କୁ ମାଗଣାରେ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏଥିପାଇଁ ୯୨.୮୬ କୋଟି ଟଙ୍କା ଖର୍ଚ୍ଚ କରାଯିବ ।

### ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କ....

ଆଘାତ ଦେଇ ପରିବର୍ତ୍ତନକୁ ଗ୍ରହଣ କରାଯିବ ନାହିଁ ବୋଲି ଗତକାଲି ଚେତାବନୀ ଦେଇଥିଲେ ପୁଜ୍ୟପୁଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧ୍ୟକ୍ଷ । ୧୯୮୮ରେ ଭୁବନେଶ୍ୱରର ମାଷ୍ଟରକ୍ୟାଂଟିନରେ ଏହି ଘୋଡାକୁ ସ୍ଥାପନ କରାଯାଇଥିଲା, ନିକଟରେ ମଧ୍ୟ ଅନେକ ନର୍ତ୍ତକୀ ମୂର୍ତ୍ତି ସ୍ଥାନ ପାଇଥିଲା । କୋଣାର୍କ ମନ୍ଦିରର ଶୋଭା ବଢାଉଥିବା ଯୁଦ୍ଧ ଘୋଡା ଢାଂଚାରେ ହୋଇଥିଲା ଏହାର ନିର୍ମାଣ । ସ୍ୱର୍ଗତ ରଘୁନାଥ ମହାପାତ୍ର ଏହାକୁ ନିର୍ମାଣ କରିଥିଲେ ।

### ମହାରାଷ୍ଟ୍ରରେ ୨-୪ ସପ୍ତାହ ....

କହିଛନ୍ତି କି ରାଜ୍ୟକୁ ୪୨ କୋଟି ଡୋଜ ଟିକା ମିଳିବ । ଅନ୍ୟପଟେ ଟାସ୍କ ଫୋର୍ସ ମୃତ୍ୟୁହାର କମାଇବାକୁ ହେଲେ ଟିକାକରଣକୁ ତୀବ୍ର କରିବାକୁ ପଡିବ ବୋଲି ଚେତାବନୀ ଦେଇଛନ୍ତି । ମହାରାଷ୍ଟ୍ର ସ୍ୱାସ୍ଥ୍ୟ ବିଭାଗର ସୂଚନା ମୁତାବକ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୫୯ ଲକ୍ଷ ପାର କରିଛି । ଏହାସହ କରୋନା ସଂକ୍ରମଣରେ ରାଜ୍ୟରେ ମୃତକଙ୍କ ସଂଖ୍ୟା ୧,୧୫,୩୯୦ ରେ ପହଂଚିଛି । ଅନ୍ୟପଟେ ଏବେ ବି ୧,୩୬,୬୬୧ ଜଣ ଚିକିତ୍ସାଧିନ ରହିଛନ୍ତି ।

### ବିନା ପରୀକ୍ଷାରେ ରେଜଲ୍ଟ ବାହାର....

ନିରପେକ୍ଷ ମୂଲ୍ୟାୟନ ଉପରେ ଗୁରୁତ୍ୱ ଦେଇଛି ସିବିଏସଇ । ସ୍କୁଲର ରେଜଲ୍ଟ କମିଟି ଛାତ୍ର/ଛାତ୍ରୀଙ୍କୁ ସଠିକ୍ ଓ ନିରପେକ୍ଷ ଭାବେ ନମ୍ବର ଦେଇଛି କି ନାହିଁ, ତାକୁ ଅନୁଧ୍ୟାନ କରିବ ମଡରେସନ୍ କମିଟି । ଆଟର୍ଣ୍ଣି ଜେନେରାଲ କେ କେ ଭେନୁଗୋପାଳ ମୂଲ୍ୟାୟନର ସଂପୂର୍ଣ୍ଣ ପ୍ରକ୍ରିୟା ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି । ସିବିଏସଇର ମୂଲ୍ୟାୟନ ପଦ୍ଧତିକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସୁପ୍ରିମକୋର୍ଟ ସିବିଏସଇର ଏହି ମୂଲ୍ୟାଙ୍କନ ନୀତିକୁ ଗ୍ରହଣ କରିଛନ୍ତି । ୪ ଜୁନରେ ସିବିଏସଇ ୧୩ ସଦସ୍ୟ ବିଶିଷ୍ଟ ବିଶେଷଜ୍ଞ କମିଟି ଗଠନ କରିଥିଲା । ବିଭିନ୍ନ ପ୍ରସ୍ତାବକୁ ଅନୁଧ୍ୟାନ କରି ରିପୋର୍ଟ ପ୍ରସ୍ତୁତ ପାଇଁ ଦଶ ଦିନ ସମୟ ନେଇଥିଲା ଏହି କମିଟି । ସିବିଏସଆଇ ମୂଲ୍ୟାୟନ ପଦ୍ଧତିରେ ଯେଉଁମାନେ ଯୋଗ୍ୟ ହେବେ ନାହିଁ, ସେମାନଙ୍କୁ ଏସେନ୍ସିଆଲ ରିପିଟ ବା କମ୍ପାଟମେଂଟ କାଟାଗୋରିକୁ ପଠାଇ ଦିଆଯିବ ।

## ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୩୯ ଜଣଙ୍କର ମୃତ୍ୟୁ, ମୋଟ ମୃତ୍ୟୁ ସଂଖ୍ୟା ୩୪୭୧ ହେଲା

ଭୁବନେଶ୍ୱର,୧୭/୦୬(ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୩୯ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୩୪୭୧ ହୋଇ ଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୬ ଜଣ ମୃତ୍ୟୁବରଣ କରିଛନ୍ତି । ସେହିପରି ସୁନ୍ଦରଗଡ଼, ପୁରୀ, ଝାରସୁଗୁଡ଼ା ଓ କଟକ ଜିଲ୍ଲାରୁ ୪ ଜଣ ଲେଖାଏଁ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ଅନ୍ୟପକ୍ଷରେ ଗଞ୍ଜାମ, ଜଗତସିଂହପୁର ଓ କଳାହାଣ୍ଡିରୁ ୩ ଜଣ ଲେଖାଏଁ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ଅପର ପକ୍ଷରେ ବୌଦ୍ଧ ଓ ସୁବର୍ଣ୍ଣପୁରରୁ ୨ ଜଣ ଲେଖାଏଁ ମୃତ୍ୟୁବରଣ କରିଛନ୍ତି । ବରଗଡ଼, ଢେଙ୍କାନାଳ, ନବରଂଗପୁର, ନୂଆପଡ଼ା ଜିଲ୍ଲାରେ ଜଣେ ଲେଖାଏଁ ଆକ୍ରାନ୍ତ ମୃତ୍ୟୁବରଣ କରିଥିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

## ରୟାଲଟି ନବଢ଼ାଇ ରାଜ୍ୟକୁ ଲୁଟ କରାଯାଉଛି : ପଂଚାନନ

ଭୁବନେଶ୍ୱର,୧୭/୦୬(ନି.ପ୍ର): ରାଜ୍ୟରେ ଗଛିତ ଥିବା ଖଣିଜ ପଦାର୍ଥ ବିକ୍ରୀକୁ ନେଇ ଭାଜପା ଓ ବିଜୁଜନତା ଦଳ ଭିତରେ ଏକ ପ୍ରକାର ସଲାକୁସ୍ତି ଚାଲିଛି। ରାଜ୍ୟ ସରକାରଙ୍କ ବିରୁଦ୍ଧରେ କହୁଥିବା ଭାରତୀୟ ଜନତାପାର୍ଟି ନେତାମାନେ କ୍ଷମତାକୁ ଆସିଲେ ଖଣିଜ ପଦାର୍ଥ ଚୋରି ଅପରାଧରେ ରାଜ୍ୟ ସରକାରଙ୍କୁ ଜେଲରେ ଭର୍ତି କରିବେ ବୋଲି କହିଥିଲେ। ରାଜ୍ୟ ଭାଜପା ସିବିଆଇ ଇନକ୍ୱାରୀ ଦାବି କରୁଥିଲା। କେନ୍ଦ୍ରରେ ୭ବର୍ଷ ତଳେ ସରକାରକୁ ଆସିବା ପରେ ଏ ରାଜ୍ୟର ଖଣିଜ ସମ୍ପଦ ଅଧିକରୁ ଅଧିକ ଲୁଟିବା ଲକ୍ଷ ନେଇ ୨୦୧୫ ରେ ଖଣି ଆଇନର ପରିବର୍ତନ କଲେ। ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଖଣି ଉତୋଳନକାରୀ ମାନଙ୍କୁ ଖଣିଜ ସମ୍ପଦ ଲୁଟ କରିବାର ସୁଯୋଗ ସୃଷ୍ଟି କରାଗଲା ବୋଲି ଏକ ପ୍ରେସବିବୃତିରେ ପୂର୍ବତନ ମନ୍ତ୍ରୀ ଓ କଂଗ୍ରେସର ବରିଷ୍ଠ ନେତା ପଂଚାନନ କାନୁନଗୋ ଅଭିଯୋଗ କରିଛନ୍ତି। ଉପା ସରକାର ୨୦୧୨ ରେ ଖଣିଜ ସମ୍ପଦ ମୂଲ୍ୟଭିର୍ତିରେ (ଆଡଭୋଲେରମ) ୧୪ ପ୍ରତିଶତ ହାରରେ ରୟାଲଟି ଦେବା କଥା ନିଷ୍ପତି ନେଲେ। ରାଜ୍ୟ ସରକାର ଏହାର ବିରୋଧ କରି ଅଧିକ ୪/୫ ପ୍ରତିଶତ ବୃଦ୍ଧିପାଇଁ ଦାବି ରଖିବାରୁ ମନ୍ତ୍ରୀମଣ୍ଡଳୀୟ କମିଟିରେ ବିଚାର ନିମନ୍ତେ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସରକାର ଉଦ୍ୟମ ଜାରି କଲେ। ଏହି ସମୟ ୨୦୧୪ରେ ସରକାର ବଦଳି ମୋଦିଙ୍କ ପ୍ରଧାନମନ୍ତ୍ରୀ ନେତୃତ୍ୱରେ ଭାଜପା ସରକାର ଦାୟିତ୍ୱ ନେଲା। କେନ୍ଦ୍ରୀୟ ଅବହେଳାର ନାରା ବାରମ୍ବାର ଦେଇ ଆସୁଥିବା ବିଜେଡ଼ି ସରକାର ହଠାତ ନରମି ଗଲେ କାହିଁକି। ୨୦୨୦ ରେ ରାଜ୍ୟ ସଭାରେ କେନ୍ଦ୍ରମନ୍ତ୍ରୀ ଉତର ରଖି ରୟାଲଟି ଆଉ ବୃଦ୍ଧି କରି ହେବ ନାହିଁ ବୋଲି ରୋକ ଠୋକ ମନା କରିଦେଲେ। ଫଳରେ ଗତ ୭ ବର୍ଷରେ ରାଜ୍ୟ ରୟାଲଟି ବାବଦରେ ପ୍ରାୟ ୧୨ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହରାଇଛି। ଏତଦ୍‌ବ୍ୟତୀତ ଜିଲ୍ଲା ଖଣି ପାଣ୍ଠି (ଡ୍ରିଷ୍ଟିଟ ମିନେରାଲ ଫଣ୍ଡ) ମିଳୁଥିବା ରୟାଲଟିର ୩୦% କୁ ୨୦୧୫ରେ କୋହଳ କରାଗଲା। ନୂଆ ଖଣି ଉତୋଳନ କାରୀଙ୍କୁ ୧୦ ପ୍ରତିଶତ ଦେବାପାଇଁ କୁହାଗଲା। କାହା ସ୍ୱାର୍ଥରେ ଏ ଘଟଣା ଘଟିଛି ଉଭୟ ସରକାର ଉତର ରଖିବା ଉଚିତ।

## ନିରବିଗଲେ 'ବେଣୁମାଧବ' : ବିଭିନ୍ନ ମହଲରେ ଶୋକର ଛାୟା

ବାଲେଶ୍ୱର,୧୭/୦୬ (ନି.ପ୍ର): ସତ୍ୟସାଇ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସର ଚେୟାରମ୍ୟାନ ତଥା ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡାଙ୍କ ମଧ୍ୟମ ପୁତ୍ର ଡ.ବେଣୁମାଧବ ପଣ୍ଡା ବୁଧବାର ରାତି ପ୍ରାୟ୧୨ଟା ୪୫ ସମୟରେ ଇହଧାମ ପରିତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୩୮ ବର୍ଷ ହୋଇଥିଲା। ମାସେ ପୂର୍ବରୁ କରୋନାରେ ଆକ୍ରାନ୍ତ ହୋଇ ସେ ପ୍ରଥମେ ଭୁବନେଶ୍ୱରର ଆମ୍ରି ହସପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କର ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଏୟାର ଲିଫ୍ଟରେ ହାଇଦ୍ରାବାଦର ଘରୋଇ ହସପିଟାଲ 'ଏସିଆନ ଇନଷ୍ଟିଚ୍ୟୁଟ ଅଫ ଗ୍ୟାଷ୍ଟ୍ରୋଏଣ୍ଟ୍ରାଲୋଜି' (ଏଆଇଜି) କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବା ବେଳେ ଫୁସଫୁସ ସମସ୍ୟା ତୀବ୍ର ହେବା ସହ ହୃଦଘାତରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ଜ୍ୟେଷ୍ଠ ଭ୍ରାତା ଅଣୁମାଧବ ପଣ୍ଡା ଓ କନିଷ୍ଠ ଭ୍ରାତା ନୀଳମାଧବ ପଣ୍ଡା, ଭିଣୋଇ ସରୋଜ ପଣ୍ଡା, ସତ୍ୟସାଇ କଲେଜର କର୍ମଚାରୀ ତଥା ତାଙ୍କର ସହଯୋଗୀ ଅର୍ଦ୍ଧେନ୍ଦୁ କୁମାର ଦାସ ଉପସ୍ଥିତ ଥିଲେ। ପତ୍ନୀ ସ୍ୱୟଂ ସରିତା ପଣ୍ଡା ଓ ଏକମାତ୍ର ପୁତ୍ର ବୈଦିକ ପଣ୍ଡା ଭୁବନେଶ୍ୱରରେ ତାଙ୍କର ଫେରିବା ବାଟକୁ ଅନାଇ ରହିଛନ୍ତି। ଭୁବନେଶ୍ୱରରୁ ପାର୍ଥିବ ଶରୀର ସହ ସେମାନେ ୧୮ ତାରିଖ ମଧ୍ୟାହ୍ନରେ ବାଲେଶ୍ୱରରେ ପହଞ୍ଚିବା ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି। ସିମୁଳିଆ ବ୍ଲକ ଅନ୍ତର୍ଗତ ଛଉଣଗଡ଼ିଆ ଗ୍ରାମର ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ଓ ମାତା କୁନ୍ତଳା ଦେବୀଙ୍କ ମଧ୍ୟମ ପୁତ୍ର ଭାବେ ୧୯୮୩ ମସିହାରେ ଭୂମିଷ୍ଠ ହୋଇଥିଲେ ସେ। ଗ୍ରାମରେ ବାଲ୍ୟଶିକ୍ଷା ପରେ ଭୁବନେଶ୍ୱରେ ସଫଳତାର ସହ ସ୍ନାତକରେ



ଉତ୍ତୀର୍ଣ୍ଣ ହୋଇ ସେ ପୁଟପର୍ତ୍ତିସ୍ଥିତ ପ୍ରଶାନ୍ତି ନିଳୟ ବିଶ୍ୱବିଦ୍ୟାଳୟରୁ ଏମବିଏ ଡିଗ୍ରୀ ହାସଲ କରିଥିଲେ। ଚାକିରି ପ୍ରତି ବିଶେଷ ଆଗ୍ରହ ପ୍ରକାଶ ନକରି ପିତାଙ୍କ ଦ୍ୱାରା ବାଲେଶ୍ୱରରେ ପ୍ରତିଷ୍ଠିତ ସତ୍ୟସାଇ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସର ନିର୍ଦ୍ଦେଶକ ଭାବେ ୨୦୦୬ ମସିହାରେ ସେ ଯୋଗଦାନ କରିଥିଲେ। ଦାୟିତ୍ୱ ନେବା ପରେ ତାଙ୍କର ନିଷ୍ଠାପୂର୍ଣ୍ଣ ପ୍ରଚେଷ୍ଟା ଫଳରେ ସତ୍ୟସାଇ ଗ୍ରୁପର କଳେବର ଅଭିବୃଦ୍ଧି ହୋଇଥିଲା। ଶିକ୍ଷାଦାନ କ୍ଷେତ୍ରରେ ତାଙ୍କର ବିଶେଷ ଯୋଗଦାନ ପାଇଁ ଇଣ୍ଟରନ୍ୟାସନାଲ ୟୁନିଭର୍ସିଟି ଅଫ ଜର୍ମାନି ପକ୍ଷର ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ୨୦୧୯ରେ ଇଣ୍ଡୋନେସିଆର ରାଜଧାନୀ ବାର୍ଲିଠାରେ ତାଙ୍କୁ ସମ୍ମାନସ୍ୱଦ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଥିଲା। ଏଥି ସହିତ ଉତ୍ତର ଓଡ଼ିଶାର ଜଣେ ସଫଳ ଶିକ୍ଷାବିତ ଭାବେ କ୍ଷୁଦ୍ର ଏବଂ ମଧ୍ୟମ ଛାପା ଗଣମାଧ୍ୟମ ସଂଘ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜଣେ ଶ୍ରେଷ୍ଠ ସମାଜସେବୀ ଭାବେ 'ପରିଚୟ ଫାଉଣ୍ଡେସନ' ପକ୍ଷରୁ ମଧ୍ୟ ତାଙ୍କୁ ସମ୍ମାନିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ବହୁ ଅନୁଷ୍ଠାନ ପକ୍ଷରୁ ସେ ସମ୍ବର୍ଦ୍ଧିତ ହୋଇଥିଲେ। କେବଳ ଶିକ୍ଷା ନୁହେଁ ବରଂ ସମାଜସେବା କ୍ଷେତ୍ରରେ ତାଙ୍କର ସକ୍ରିୟ ଯୋଗଦାନ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିଲା। ତାଙ୍କର ଅକାଳ ବିୟୋଗରେ ବଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି।

## ଚିହ୍ନଟ ହେଲେ ୧୭୮ କରୋନା ଆକ୍ରାନ୍ତ

ଭଦ୍ରକ,୧୭/୦୬ (ନି.ପ୍ର): ଜିଲ୍ଲାରୁ ଆଉ ୧୭୮ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୨୨୩ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଜିଲ୍ଲାରୁ ମୋଟ ୪ ଲକ୍ଷ ୩୭ ହଜାର ୫୩୭ ନମୁନା ପରୀକ୍ଷା ହେବା ପରେ ମୋଟ ୨୦ ହଜାର ୪୫୫ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥି ମଧ୍ୟରୁ ୧୮ ହଜାର ୧୨୨ ଆକ୍ରାନ୍ତ ସୁସ୍ଥ ହୋଇ ସାରିଛନ୍ତି। ଏବେ ଆଉ ୨୨୯୨ ଜଣ ଆକ୍ରାନ୍ତ ସକ୍ରିୟ ଥିବା ସୂଚନା ଦିଆ ଯାଇଛି। ଚିହ୍ନଟ ୧୭୮ଜଣ ଆକ୍ରାନ୍ତଙ୍କ ମଧ୍ୟରେ ବାସୁଦେବପୁର ପୌରପାଳିକାରୁ ୨ଜଣ, ଭଦ୍ରକ ପୌରପାଳିକାର ବାଇପାସ୍, ଜାନୁଗଞ୍ଜ, ଗବସାହି, ବାଗୁରାଇ, ନୂଆବଜାର, ଅପର୍ତ୍ତିବିନ୍ଧା, ପୁରୁଣାବଜାର, ବରାଳପୋଖରୀ, ଉତ୍ତରବାହିନୀ ଗ୍ରାମରୁ ମୋଟ ୧୭ଜଣ, ବନ୍ତ ବ୍ଲକର ଆଡିଆ, ନରିପୁର, ବେଲମଳା, ଗୋପିନାଥପୁର, ଚାରିତୀରା, ତାଳପଦା ଗ୍ରାମରୁ ୩୪ଜଣ, ଚାନ୍ଦବାଲି ଏନ୍ଏସିରୁ ଜଣେ, ବାସୁଦେବପୁର ବ୍ଲକର ଅରଣ୍ଡୁଆ, ଆରୁହା, କାଳିଦାସପୁର, ବରଣ୍ଡୁଆ, ଚୁଡାମଣି, ବିରସ, କିସ୍ମତକୃଷ୍ଣପୁର, ନରସିଂହପୁର, ସୁଗୋ, ବିଦେଇପୁର, ଗଞ୍ଜେଇବାଡି, କୁରୁଡା ଗ୍ରାମରୁ ମୋଟ ୨୬ଜଣ, ଭଦ୍ରକ ବ୍ଲକର ଅଣ୍ଡେଇପଲ୍ଲୀ, ଚଣ୍ଡିଗାଁ, ଚରମ୍ପା, ଆରଡିଛକ, ବେନ୍ତାଳ, ହରିପୁର, ବାଉଦପୁର, ବ୍ରହ୍ମପୁର, ଏରଡା, ଜଳଙ୍ଗା, କଲେଇ, ଖଣ୍ଡତଡା, କୋଡବରୁଆଁ, କରେଇପୁର, ରାହାଞ୍ଜ, ରାନ୍ଦିଆ, ସାବରଙ୍ଗ ଓ ସାହାଡା ଗ୍ରାମରୁ ମୋଟ ୨୫ଜଣ, ସେହିପରି ଚାନ୍ଦବାଲି ବ୍ଲକର ଓସ୍ତିଆ, ସାରଦିଆ, ଗୋପାଳବିନ୍ଧା, ଧାମରା, ଯଶିପୁର, କରଣପଲ୍ଲୀ, ମତୋ, ନଳଗୋହିରା, ପଞ୍ଚୁଟିକ୍ରି, ମାଣିପୁର ଆଦି ଗ୍ରାମରୁ ମୋଟ ୧୯ଜଣ, ତିହିଡ଼ି ବ୍ଲକର ବାରୋ, ଭାଟପଡା, ଅଣ୍ଡରେଇ, ମୁକୁନ୍ଦପୁର, କାଁପଡା, ରାଜନଗର, ସୟା, ତାଳପଦା ଗ୍ରାମରୁ ୨୩ଜଣ, ଧାମନଗର ବ୍ଲକର ଭଗବାନପୁର, ଧୁଷୁରୀ, ପାତ୍ରପଡା, ସୋହଡା ଗ୍ରାମରୁ ମୋଟ ୯ଜଣ, ଧାମନଗର ଏନ୍ଏସିରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକର କଣ୍ଟି, ନେରଡା, ଅରେଇକଣା, ରାମଚନ୍ଦ୍ରପୁର, ତେସିଂଗା ଗ୍ରାମରୁ ୧୦ଜଣ, ଅନ୍ୟ ଜିଲ୍ଲାରୁ ୩ଜଣ ଏବଂ ଭଦ୍ରକ ଜିଲ୍ଲାର ୮ଜଣ ଜିଲ୍ଲା ବାହାରେ ଚିହ୍ନଟ ହୋଇଛନ୍ତି।

## ଟ୍ରକ ବାଇକ ଧକ୍କା ଜଣେ ମୃତ

ବାରିପଦା,୧୭/୦୬ (ନି.ପ୍ର): ବାରିପଦା ବାଲେଶ୍ୱର ଜାତୀୟ ରାଜପଥ ନଂ ୧୮ର ବୁଡିଖମାରୀ ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରକ ଓ ବାଇକ ମଧ୍ୟରେ ଧକ୍କା ହେବା ଫଳରେ ଦୂର୍ଘଟଣାରେ ବାଇକରେ ବସିଥିବା ସୁଚାରୁ ନାୟକ ନାମକ ଯୁବକଙ୍କର ମୃତ୍ୟୁ ଘଟିଥିବା ବେଳେ, ବାଇକ ଚାଳକ ସୁଜିତ ନାୟକ ଆହତ ହୋଇ ଥିବାର ଜଣାଯାଇଛି । ତେବେ ଦୂର୍ଘଟଣା ସ୍ଥଳରେ ସ୍ଥାନୀୟ ଲୋକେ ପହଂଚି ପୋଲିସ ଓ ଆମ୍ବୁଲାନ୍ସକୁ ଖବର ଦେବା ପରେ ପୋଲିସ ପହଂଚି ଆମ୍ବୁଲାନ୍ସ ଯୋଗେ ଦୂର୍ଘଟଣା ଗ୍ରସ୍ତ ବ୍ୟକ୍ତିଙ୍କୁ ହସପିଟାଲ ପଠାଇଥିବା ବେଳେ ସେଠାରେ ଡାକ୍ତର ସୁଚାରୁଙ୍କୁ ମୃତ ଘୋଷଣା କରିଥିଲେ । ତେବେ ପୋଲିସ ଶବ ଜବଦ କରିବା ସହିତ ବାରିପଦା ପିଆର ଏମ ହସପିଟାଲରେ ଶବ ଗୃହରେ ପୋଷ୍ଟ ମୋର୍ଟମ ପାଇଁ ଶବ ରଖାଯାଇଥିବାର ଜଣାଯାଇଥିବା ବେଳେ, ଟ୍ରକ ଜବଦ କରିବା ସହିତ ପୋଲିସ ଏବାବଦରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବାର ଜଣାଯାଇଛି ।

## ବିଳମ୍ବରେ ଛାଡିବ ୫ଟି ଟ୍ରେନ୍

ଭୁବନେଶ୍ୱର,୧୭/୦୬ (ନି.ପ୍ର): ବିଜୟନଗରମ୍ ଏବଂ କୋରୁକୋଣ୍ଡା ଷ୍ଟେସନ୍ ମଧ୍ୟରେ ଲେଭଲ୍ କ୍ରସିଂ ଗେଟ୍ ନିକଟରେ ୨୧ ଜୁନ୍ ତାରିଖ ଦିନ ସୀମିତ ଉଚ୍ଚତା ବିଶିଷ୍ଟ ଉପମାର୍ଗ ସ୍ଥାପନ କାର୍ଯ୍ୟ ସହିତ ନିରାପତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ୫ଟି ଟ୍ରେନର ସମୟ ସାରଣୀକୁ ଦିନକ ପାଇଁ ସେମାନଙ୍କର ଉତ୍ପତି ଷ୍ଟେସନରୁ କିଛି ସମୟ ବିଳମ୍ବରେ ଛାଡିବାକୁ ନିଷ୍ପତି ନିଆଯାଇଛି। ୦୭୦୧୬ ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ବିଶେଷ ଟ୍ରେନ ସିକନ୍ଦରାବାଦରୁ ୨୦ ଜୁନ୍ ଦିନ ଏହାର ନିର୍ଧାରିତ ପ୍ରସ୍ଥାନ ସମୟ ଅପରାହ୍ନ ୪ଘ.୫୦ମି. ପରିବର୍ତେ ରାତ୍ରି ୮ଘ.୦୫ମି.ରେ ଛାଡିବ । ୦୨୮୨୨ ଚେନ୍ନାଇ ସେଂଟ୍ରାଲ୍-ହାଓଡ଼ା ବିଶେଷ ଟ୍ରେନ ଚେନ୍ନାଇ ସେଂଟ୍ରାଲ୍ ଠାରୁ ୨୦ ଜୁନ୍ ଦିନ ଏହାର ନିର୍ଧାରିତ ପ୍ରସ୍ଥାନ ସମୟ ସନ୍ଧ୍ୟା ୭ଘ.୧୫ମି. ପରିବର୍ତେ ରାତ୍ରି ୯ଘ.୩୦ମି.ରେ ଛାଡିବ । ୦୮୦୪୮ ଭାସ୍କୋ-ଡ଼ା-ଗାମା-ହାଓଡ଼ା ବିଶେଷ ଟ୍ରେନ ଭାସ୍କୋରୁ ୨୦ ଜୁନ୍ ଦିନ ଏହାର ନିର୍ଧାରିତ ପ୍ରସ୍ଥାନ ସମୟ ସକାଳ ୬ଘ.୩୦ମି. ପରିବର୍ତେ ପୂର୍ବାହ୍ନ ୮ଘ.୪୫ମି.ରେ ଛାଡିବ। ୦୭୨୪୩ ଗୁଂଟୁର-ରାୟଗଡା ବିଶେଷ ଟ୍ରେନ ଗୁଂଟୁରରୁ ୨୦ ଜୁନ୍ ରେ ଏହାର ନିର୍ଧାରିତ ପ୍ରସ୍ଥାନ ସମୟ ରାତ୍ରି ୧୧ଘ.୨୦ମି. ପରିବର୍ତେ ରାତ୍ରି ୧୨ଘ.୨୦ମି.ରେ ଛାଡିବ । ୦୨୮୭୩ ହାଓଡ଼ା-ଯଶୋବନ୍ତପୁର ବିଶେଷ ଟ୍ରେନ ୨୦ ଜୁନ୍ ଦିନ ଏହାର ନିର୍ଧାରିତ ପ୍ରସ୍ଥାନ ସମୟ ରାତ୍ରି ୧୧ ଘଟିକା ପରିବର୍ତେ ରାତି ୧୨ ଘଟିକାରେ ଛାଡିବ ।

## ଦିଲ୍ଲୀ ଏମ୍ସର ନବମ ମହଲାରେ ଅଗ୍ନିକାଣ୍ଡ

ନୂଆଦିଲ୍ଲୀ,୧୭/୦୬ (ନି.ପ୍ର): ରାଜଧାନୀ ଦିଲ୍ଲୀର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ) ରେ ବୁଧବରେ ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି, ଯେଉଁଥିପାଇଁ ଡାକ୍ତରଖାନାରେ ଆତଙ୍କ ଖେଳିଯାଇଛି । ଘଟଣାସ୍ଥଳରେ ଅନେକ ଅଗ୍ନିଶମ ଗାଡ଼ି ରହି ନିଆଁକୁ ଆୟତ କରିବାରେ ଲାଗିପଡ଼ିଛନ୍ତି। ଏମ୍ସର ଜଣେ ଡାକ୍ତର ହିନ୍ଦୁସ୍ଥାନ ସମାଚାରକୁ କହିଛନ୍ତି ଯେ, ନିଆଁ ଏମ୍ସର ୯ମ ମହଲାରେ ଲାଗିଛି । ଦମକଳ ବିଭାଗ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଛନ୍ତି । ଏହି ଘଟଣାରେ କୌଣସ ବ୍ୟକ୍ତି ମୃତାହତ ଖବର ମିଳିନାହିଁ। ସମସ୍ତ ଲୋକ ସୁରକ୍ଷିତ ଅଛନ୍ତି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ନିଆଁ ଲାଗିବା ପରେ ବହୁଦୂରରୁ ଧୂଆଁ ନଜରକୁ ଆସିଥିଲା । କନଭରଜେସର ୯ମ ମହଲାରେ ନିଆଁ ଲାଗିଛି । ସେଠାରେ ଅଧିକ ସଂଖ୍ୟକ ଲ୍ୟାବ ଏବଂ ଅଫିସ ଅଛି। ଏହି ଘଟଣାରେ କେହି ମୃତାହତ ହୋଇଥିବାର ଖବର ନାହିଁ ।

## ଯୋଗ ଦିବସରେ ଡାକ ବିଭାଗ କରିବ ମୋହର ରଦ୍ଦୀକରଣ

ଭଦ୍ରକ,୧୭/୦୬ (ନି.ପ୍ର): ଜୁନ ୨୧ ବିଶ୍ୱ ଯୋଗ ଦିବସ ଅବସରରେ ଭାରତୀୟ ଡାକ ବିଭାଗ ଏହି ଦିବସକୁ ଏକ ସ୍ୱତନ୍ତ୍ର ମୋହର ରଦ୍ଦୀକରଣ ଓ ଉନ୍ମୋଚନ ଉତ୍ସବ ପାଳନ କରିବାକୁ ଯାଉଛି। ପୁରୁଣା ମୋହରକୁ ରଦ୍ଦ କରାଯାଇ ନୂତନ ମୋହର କାର୍ଯ୍ୟକ୍ଷମ ହେବ। ଏହା ସମଗ୍ର ଭାରତ ବର୍ଷରେ ୮୧୦ଟି ମୁଖ୍ୟ ଡାକଘରେ ଉନ୍ମୋଚନ କରାଯିବାକୁ ଡାକ ବିଭାଗ ସ୍ଥିର କରିଛି। ୨୦୧୫ ମସିହାଠାରୁ ଜୁନ ମାସ ୨୧ ତାରିଖକୁ ବିଶ୍ୱ ଯୋଗ ଦିବସ ଭାବେ ପାଳନ କରାଯାଉଛି। ନିକଟ ଅତୀତରେ ଡାକ ଟିକଟ ସଂଗ୍ରହ ପ୍ରତି ଲୋକମାନଙ୍କର ଅହେତୁକ ଅନାଗ୍ରହକୁ ଆଖି ଆଗରେ ରଖି ଉକ୍ତ ଯୋଗ ଦିବସରେ ମୋହର ରଦ୍ଦୀକରଣ ଓ ଉନ୍ମୋଚନ କରାଯିବ। ଏହି ଅବସରରେ ଭଦ୍ରକ ମୁଖ୍ୟ ଡାକଘର ପ୍ରାଙ୍ଗଣରେ ଔଷଧୀୟ ବୃକ୍ଷରୋପଣ, ଶପଥ ପାଠ, ସାମୁହିକ ଯୋଗାଭ୍ୟାସ ଆଦି କରାଯିବାକୁ ସ୍ଥିର କରାଯାଇଛି ବୋଲି ଡାକ ଅଧୀକ୍ଷକ ବି.କେ. ମହାନ୍ତି ସୁଚନା ଦେଇଛନ୍ତି।

## କୋଭିଡ୍ ହସ୍‌ପିଟାଲ ପ୍ରତିଷ୍ଠା ଲାଗି ସିପିଆଇ(ଏମ୍) ପକ୍ଷରୁ ଗଣଧାରଣା



ଜଳେଶ୍ୱର ୧୭/୬ (ନି.ପ୍ର) : ବାଲେଶ୍ୱର ଜିଲାର ଉପାନ୍ତ ଜଳେଶ୍ୱରକୁ ଲାଗି ପଶ୍ଚିମବଂଗ ରହିଥିବାରୁ କରୋନା ସଂକ୍ରମଣର ଭୟ ଅଧିକ ରହିଛି । କୋରାନାର ୨ୟ ଲହର ଜଳେଶ୍ୱର ଅଂଚଳରେ କାୟାବିସ୍ତାର କରିଚାଲିଥିବା ବେଳେ ଏବେ ୩ୟ ଲହର ଆସିବାର ଆଶଙ୍କା ରହିଛି । ଭୋଗରାଇ, ଜଳେଶ୍ୱର, ବ୍ଲକର ଜିଲା ମୁଖ୍ୟଚିକିତ୍ସାଳୟଠାରୁ ୯୦ କି.ମି ଦୂର ହୋଇଥିବାରୁ ବହୁ ସମୟରେ କରୋନା ଆକାନ୍ତ ରୋଗୀ ଚିକିତ୍ସା ପାଇଁ ପହଞ୍ଚିବାରେ ବିଳମ୍ବ ହେଉଛି । ୧ମ ଲହର ବେଳେ ବ୍ଲକରେ ଏକ କୋଭିଡ୍ କେୟାର ସେଣ୍ଟର ଖୋଲାଯାଇଥିବା ୨ୟ ଲହର ସମୟରେ ଅଧିକ ଆକ୍ରାନ୍ତ ହୋଇଥିଲେ ମଧ୍ୟ ଏହା ବନ୍ଦ ରହିଛି । ଜଳେଶ୍ୱରର ବହୁ ସଂଗଠନ ସହିତ ସିପିଆଇ(ଏମ୍) ପକ୍ଷରୁ ଏକ କୋଭିଡ୍ ହସ୍‌ପିଟାଲ ପ୍ରତିଷ୍ଠାଲାଗି ଦାବି କରିଆସୁଥିଲେ ମଧ୍ୟ ଜିଲାପ୍ରଶାସନ ଏହାକୁ କର୍ଣ୍ଣପାତ କରୁନାହାନ୍ତି। ତେଣୁ ଆଜି ଗୁରୁବାର ସିପିଆଇ(ଏମ୍) ପକ୍ଷରୁ ଜଳେଶ୍ୱରେ କୋଭିଡ୍ ହସ୍‌ପିଟାଲ ପ୍ରତିଷ୍ଠାଲାଗି ତହସିଲ ସମ୍ମୁଖରେ ଗଣଧାରଣା ସମ୍ବାଦ ଖେଲା ହେବା ପର୍ଯ୍ୟନ୍ତ ଚାଲୁ ରହିଥିଲା । ଏହି ଗଣଧାରଣାରେ ଦିଲ୍ଲିପ ଗିରି, ସିତାଂଶୁ ସେନାପତି, ଦିପ୍ତିମାନ ଆଚାର୍ଯ୍ୟ, ପଲ୍ଟୁ ଦାସ, ରବିନ୍ଦ୍ର ବାରିକ, ମମି ପଣ୍ଡା, ଜୀବନ ପରିଡା, ଜିତାଂଶୁ ନନ୍ଦୀ, ରାଜୀପ ପଣ୍ଡା, ସେକ୍ ନଜମୁଦ୍ଦିନ, ମଦନ ମାହାଲି, ସବିତା ଭୂୟାଁ, ଚନ୍ଦ ଶତପଥି, ରାମଚନ୍ଦ୍ର ଦେ, ତୟବ ଖାଁ, ସୁକୁମାର ମିଶ୍ର, ମନୋରଂଜନ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

## ବାଲାସାହେବ ଦେଓରସଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଂଜଳି ଜଣାଇଲେ କେନ୍ଦ୍ର ମନ୍ତ୍ରୀ

ଭୁବନେଶ୍ୱର,୧୭/୦୬ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆରଏସଏସର ତୃତୀୟ ସରସଂଘଚାଳକ ବାଲାସାହେବ ଦେଓରସଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି। ସେ ଟ୍ୱିଟ କରି କହିଛନ୍ତି ଯେ ଆରଏସଏସର ତୃତୀୟ ସରସଂଘଚାଳକ ବାଲା ସାହେବ ଦେଓରସଙ୍କ ପୁଣ୍ୟତିଥିରେ ତାଙ୍କୁ କୋଟିକୋଟି ବନ୍ଦନ। ସାମାଜିକ ସମରସତାର ପୁରୋଧା ଶ୍ରଦ୍ଧେୟ ଦେଓରସ ତାଙ୍କର ପୂରା ଜୀବନକୁ ଗରୀବ ଓ ବଂଚିତ ତଥା ଶୋଷିତ ବର୍ଗ ପାଇଁ ସମର୍ପିତ କରି ଥିଲେ। ରାଷ୍ଟ୍ର ତଥା ସମାଜ ପାଇଁ ତାଙ୍କର ସମର୍ପଣ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ସ୍ରୋତ ।

## ଶିକ୍ଷକ ଅମିତାଭ ମିଶ୍ରଙ୍କ ଲିଖିତ ପୁସ୍ତକ 'ମା' ଲୋକାର୍ପିତ

ବାରିପଦା,୧୭/୦୬ (ନି.ପ୍ର): ଶିକ୍ଷକ ଅମିତାଭ ମିଶ୍ରଙ୍କ ଲିଖିତ ପୁସ୍ତକ "ମା" ଲୋକାର୍ପିତ ହୋଇଯାଇଛି। ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ଏହି ପୁସ୍ତକଟି ଏକ ଭିନ୍ନ ସ୍ୱାଦର ପୁସ୍ତକ। ପୁସ୍ତକର ଲେଖକ ଶ୍ରୀ ମିଶ୍ର ଏଥିରେ ନିଜ ମାତା ବିଶିଷ୍ଟ କବୟିତ୍ରୀ ତଥା ଅବସର ପ୍ରାପ୍ତ ପ୍ରଧାନ ଶୀକ୍ଷୟିତ୍ରୀ ଶାନ୍ତିଲତା ଆର୍ଯ୍ୟଙ୍କ ଦୀର୍ଘ କର୍ମମୟ ଜୀବନର ସଂକ୍ଷିପ୍ତ ପରିଚୟ ସ୍ଥାନିତ କରିବା ସହିତ ବହୁ ବିରଳ ସ୍ଥିର ଚିତ୍ରର ଅବତାରଣା କରିଛନ୍ତି। ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ଶ୍ରୀ ମିଶ୍ର ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ଅଛନ୍ତି। ଏଥି ପୂର୍ବରୁ ଲେଖକ ଶ୍ରୀ ମିଶ୍ରଙ୍କର ଲିଖିତ ବହୁ କବିତା,




ପ୍ରବନ୍ଧ ଓ ସମୀ କ୍ଷାଭିତ୍ତିକ ପୁସ୍ତକ ପ୍ରକାଶିତ ହୋଇ ପାଠକୀୟ ସ୍ୱୀକୃତି ଲାଭ କରିଛି। ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ପୁସ୍ତକଟିର ପ୍ରକାଶ ଦାୟୀତ୍ୱ ବହନ କରିଥିବାରୁ ଶ୍ରୀ ମିଶ୍ର ଏକାଡେମୀର ସଭାପତି ଡ. ସରୋଜ କୁମାର ନାୟକଙ୍କୁ କୃତଜ୍ଞତା ବ୍ୟକ୍ତ କରିଛନ୍ତି।

## ବାଲିଆପାଳ ବ୍ଲକରେ ଚାଷୀଙ୍କ ହକ ପାଇଁ କଂଗ୍ରେସର ହୁଁକାର
## ସବୁ ଧାନ ମଣ୍ଡି ଆଗରେ ଧାରଣା ଓ ବିକ୍ଷୋଭ



ବାଲିଆପାଳ,୧୭/୦୬ (ନି.ପ୍ର): ବିଭିନ୍ନ ଦାବି ନେଇ ଗୁରୁବାର ବାଲିଆପାଳ ବ୍ଲକ ଅଧିନସ୍ଥ ସମସ୍ତ ସେବା ସମବାୟ ସମିତି ଆଗରେ କଂଗ୍ରେସ ଦଳ ପକ୍ଷରୁ ଧାରଣା ଓ ବିକ୍ଷୋଭ କାର୍ଯ୍ୟାକ୍ରମ ଅନୁଷ୍ଠିତ ହୋଇଯାଇଛି । ସବୁ ଚାଷୀଙ୍କ ଠାରୁ ତାଙ୍କର ଉତ୍ପାଦିତ ସମସ୍ତ ଧାନ କିଣିବା, ଅକାମି ହୋଇଥିବା ଟୋକନକୁ ସଚଳ କରି ଚାଷୀଙ୍କ ଠାରୁ ଧାନ କିଣିବା, ଟୋକନ ଅବଧିକୁ ୧୨ ଦିନ ପରିବର୍ତେ ୧ ମାସ ପର୍ଯ୍ୟନ୍ତ ବୃଦ୍ଧି କରିବା । ଅଖାର ଦାମ ମିଲର ବହନ କରିବା, କାଳିଆ ଯୋଜନାରୁ ବାଦ ପଡିଥିବା ଚାଷୀଙ୍କୁ ସେଥିରେ ସାମିଲ କରିବା, ଭାଗ ଚାଷୀଙ୍କ ଠାରୁ ଧାନ କିଣିବା ପାଇଁ ବିଶେଷ ବ୍ୟବସ୍ଥା କରିବା ଇତ୍ୟାଦି ଦାବି ନେଇ କଂଗ୍ରେସ ନେତା ତଥା ବ୍ଲକ ଅଧକ୍ଷ ବିଜନ କୁମାର ନାୟକଙ୍କ ନେତୃତ୍ୱରେ ଚାଷୀ ମାନେ ବ୍ଲକର ୧୫ଟି ସମବାୟ ସମିତି ଆଗରେ ଅନୁଷ୍ଠିତ ଧାରଣା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା କଂଗ୍ରେସ କମିଟି ସଭାପତି ସଞ୍ଜିବ ଗିରି, ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ, ଭୋଗରାଇ କଂଗ୍ରେସ ନେତା ସତ୍ୟଶିବ ଦାସ, ମମତା କୁଣ୍ଡୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଜିଲ୍ଲା କଂଗ୍ରେସ କମିଟି ସଭାପତି ସଞ୍ଜିବ ଗିରି ଅଭିଯୋଗ କରିଥିଲେ ଯେ କେନ୍ଦ୍ରରେ ମୋଦି ସରକାର ଓ ଓଡିଶାରେ ୨୨ ବର୍ଷର ନବିନ ପଟ୍ଟନାୟକ ସରକାର ଦେଶର ଅନ୍ନଦାତା ଚାଷୀଙ୍କ ମେରୁଦଣ୍ଡ ଉପରେ ପ୍ରହାର କରୁଛନ୍ତି । ଓଡିଶାର ୭୦/୮୦ ଭାଗ ଲୋକ କୃଷି ଉପରେ ନିର୍ଭର କରୁଥିଲେ ମଧ୍ୟ ସରକାର ସେମାନଙ୍କୁ ଅବହେଳା କରୁଛନ୍ତି । ମଣ୍ଡି ଖୋଲାଯାଇଛି, କିନ୍ତୁ ସବୁ ଚାଷୀଙ୍କ ଠାରୁ ଧାନ କିଣା ଯାଉନାହିଁ । ଏହାର ପ୍ରତିକାର ନହେଲେ ସାରା ରାଜ୍ୟରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଶ୍ରୀ ଗିରି କହିଥିଲେ । ବସ୍ତା କଂଗ୍ରେସ ନେତା ତଥା ବାଲିଆପାଳ ବ୍ଲକ ଅଧକ୍ଷ ବିଜନ କୁମାର ନାୟକ ଅଭିଯୋଗ କରିଥିଲେ ଯେ ଚଳିତ ବର୍ଷ ବାଲିଆପାଳ ବ୍ଲକରେ ୫ ହଜାର ୫ଶହ ୪୭ ଜଣ ପଞ୍ଜୀକୃତ ଚାଷୀଙ୍କ ଠାରୁ ଧାନ କିଣିବା ପାଇଁ ଜିଲ୍ଲା ପ୍ରଶାସନ ଟୋକନ ଦେଇଛି । କିନ୍ତୁ ଏବେ ସୁଦ୍ଧା ୨୦ ପ୍ରତିଶତ ଚାଷୀ ମଧ୍ୟ ଧାନ ବିକି ପାରିନାହାନ୍ତି । ସରକାର ତୁରନ୍ତ ଚାଷୀଙ୍କର ଏହି ସମସ୍ୟାର ସମାଧାନ ନକଲେ ଅନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଶ୍ରୀ ନାୟକ ଚେତାବନୀ ଦେଇଥିଲେ । ପରେ ପ୍ରତ୍ୟେକ ମଣ୍ଡିର ସମ୍ପାଦକ ମାନଙ୍କ ଜରିଆରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା ।

## ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ରଥଯାତ୍ରା ବନ୍ଦକୁ ବିରୋଧ
## କଟକଣା ଭିତରେ ରଥଯାତ୍ରା କରିବାକୁ ରାଜ୍ୟପାଳଙ୍କୁ ଦାବିପତ୍ର

ବାରିପଦା,୧୭/୦୬ (ନି.ପ୍ର): ଚଳିତ ବର୍ଷ ପୁରି ଶ୍ରୀକ୍ଷେତ୍ର ବ୍ୟତୀତ ଅନ୍ୟ ସମସ୍ତ ସ୍ଥାନରେ ଚଳିତ ବର୍ଷ ରଥଯାତ୍ରା ବନ୍ଦ ରହିବାର ଓଡିଶା ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ବେଳେ,୨ୟ ଶ୍ରୀକ୍ଷେତ୍ର ବାରିପଦାରେ ରଥଯାତ୍ରା ବନ୍ଦ ରହିବାକୁ ନେଇ ଭକ୍ତ ଓ ଜଗନ୍ନାଥ ପ୍ରେମୀଙ୍କ ମନରେ ଅସନ୍ତୋଷ ଲାଗି ରହିଛି । ତେବେ ବିଭିନ୍ନ ସଂଗଠନ ପକ୍ଷରୁ ବାରିପଦାରେ କଟକଣା ଭିତରେ ରଥଯାତ୍ରା ଅନୁଷ୍ଠିତ କରିବାକୁ ବିଭିନ୍ନ ଉପାୟରେ ଦାବୀ ପ୍ରଦର୍ଶନ କରାଯାଉଥିବା ବେଳେ, ଆଜି ଜିଲ୍ଲା ବିଜେପି ପକ୍ଷରୁ ୨ୟ ଶ୍ରୀକ୍ଷେତ୍ର ବାରିପଦାର ବହୁ ପୁରାତନ ପାରମ୍ପାରିକ ରଥଯାତ୍ରା ପାଇଁ ସରକାର ପୁନର୍ବିଚାର କରି କଟକଣା




ଯୁକ୍ତ ରଥଯାତ୍ରା ଅନୁଷ୍ଠିତ କରିବା ପାଇଁ ଆଜି ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଭେଟି ରାଜ୍ୟପାଳଙ୍କ ଉଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରିଥିବାର ଜଣାଯାଇଛି। ଦାବୀ ମୁତାବକ ୨ୟ ଶ୍ରୀକ୍ଷେତ୍ର ବାରିପଦାରେ ରଥଯାତ୍ରାର ବିଶେଷ ମହତ୍ୱ ରହିଛି ଏଠାରେ ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳା ମାନେ ଟାଣିବାର ପରଂପରା ରହିଛି। ଏଣୁ ବାରିପଦା ରଥଯାତ୍ରାକୁ ଅନ୍ୟସ୍ଥାନ ଭଳି ବିଚାର ନକରି ସ୍ୱତନ୍ତ୍ର ଭାବରେ ବିଚାର କରିବାର ଆବଶ୍ୟକତା ଥିବାର ଦର୍ଶା ଯାଇଛି । ତେବେ ପରେପରେ ବାରିପଦା ବଜାର ଇଣ୍ଡିଆ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବାରିପଦା ଠାରେ କଟକଣା ଯୁକ୍ତ ରଥଯାତ୍ରା ପାଳନ କରିବାକୁ ଅନୁମତି ଦେବା ପାଇଁ ଦାବୀ କରିବା ସହିତ କୋଭିଡ ପରିଚାଳନାରେ ଜିଲ୍ଲାରେ ସାଶକ ଦଳର ପ୍ରୋତ୍ସାହନରେ ବ୍ୟପକ ଦୁର୍ନିତୀ ହେଉଥିବାର ଅଭିଯୋଗ କରାଯାଇଛି । ପୁଣି ଜିଲ୍ଲାରେ ଥିବା ମାଣତ୍ରୀ ଶୈବ ପୀଠର ଉନ୍ନତି କରଣ ପାଇଁ ବଡସାହି ବିଧାୟକ ବିଧାନସଭାରେ ବାରମ୍ବାର ପ୍ରଶ୍ନ କରିବା ପରେ ଶୈବପୀଠର ଉନ୍ନତି କରଣ ପାଇଁ ଏବେ ଅର୍ଥ ମଞ୍ଜୁର ହୋଇଛି । ମାତ୍ର ବିଜେଡି ସାଂଗଠନିକ ସମ୍ପାଦକ ତଥା ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାଶ ଅଂଚଳ ଗସ୍ତ କରି ମାଣତ୍ରୀ ମନ୍ଦିରର ଉନ୍ନତି କରଣ ପାଇଁ ଟଙ୍କା ଦେବା କଥା କହି ବିଜେଡି ସସ୍ତା ରାଜନିତି କରୁଥିବାର ଅଭିଯୋଗ କରାଯାଇଛି । ବିଜେଡି ଜିଲ୍ଲା ପର୍ଯ୍ୟବେକ୍ଷକ ଯାଜପୁରର ବିଧାୟକ ସେ କିଭଳି କେଉଁ ପାଂଠୀରୁ ଅର୍ଥ ଦେଉଛନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ ବିଜେପି ପ୍ରଶ୍ନ କରିଛି । ବିଜେପି ଜିଲ୍ଲା ସଭାପତି କାନ୍ଦ୍ରା ସୋରେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଜିର ସାମ୍ବାଦିକ ସମ୍ମିଳନୀରେ ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଦାୟକ ଡାଃ ବୁଦ୍ଧାନ ମୁର୍ମୁ, ବଡସାହି ବିଧାୟକ ସନାତନ ବିଜୁଳି, ପୂର୍ବତନ ଜିଲ୍ଲା ସଭାପତି ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର, ବିଜେପିର ପ୍ରବକ୍ତା କବି ବିଷ୍ଣୁ ଶତପଥି, ବିଜେପି ଆଦିବାସୀ ସେଲର ସୁଗଦା ମୁର୍ମୁ ପ୍ରମୁଖ ବହୁ ବିଜେପି ନେତା ଉପସ୍ଥିତ ଥିଲେ ।


❑ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❑ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❑ Managing & Executive Editor : Srustidhar Parida
❑ Editor: Sairindhree Sahoo